ନବ ସାହିତ୍ୟ

ସହଚର

ପ୍ରଥମ ଭାଗ

ଚତୁର୍ଥ ଶ୍ରେଣୀ ଛାତ୍ରମାନଙ୍କ ନିମନ୍ତେ

Digitized by srujanika@gmail.com

ନବସାହିତ୍ୟ ସଞ୍ଚରଃ

[ପ୍ରଥମ ଭାଗ]

ଚତୁର୍ଥ ଶ୍ରେଣୀ ନିମନ୍ତେ

ଲେଖକ

ଜଣେକ ପ୍ରବୀଣ ଶିକ୍ଷକ

—ପ୍ରକାଶକ—

ଶ୍ରୀ ସତ୍ୟନାରାୟଣ ମିଶ୍ର

ଓଡ଼ିଶା ପବ୍ଲିଶିଂ ହାଉସ

ବ୍ରହ୍ମପୁରଃ କଟକଃ ସମ୍ବଲପୁର

ମୂଲ୍ୟ ବାରଅଣା

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧। ପଢ଼ିଲେ ଜାଣିବୁ	୧
୨। ଅନ୍ଧ ବିଶ୍ୱାସ	୪
୩। ଗାନ୍ଧିଙ୍କ ବ୍ରତ	୯
୪। ଅନ୍ୟମାନଙ୍କ ପ୍ରତି ଆମର କର୍ତ୍ତବ୍ୟ	୧୨
୫। ଅନୁକରଣ ପ୍ରିୟ ବାନ୍ଦର	୧୬
୬। ଅଭ୍ୟାସ	୨୦
୭। ଆଦର୍ଶ ଦେଶ ସେବକ	୨୪
୮। ଆମେ କେବେ ନିଜକୁ ଗଢ଼ିବା	୩୫
୯। ଗ୍ରାମ ଗୃହଶାଳୀ	୩୯
୧୦। ସାମାନ୍ୟ ଲାଭ ପାଇଁ ଲୋଭ	୪୪
୧୧। ଅକୁଣ୍ଠ ବେଗ	୪୬
୧୨। ଜୁଲୁମ	୫୧
୧୩। ରେଭେନ୍ସା ସାହେବ ଓ ନଅଙ୍କ	୫୫
୧୪। ଚୀନ ଦେଶର ବାଳକ	୫୯
୧୫। ଲଙ୍ଗଳ	୬୨
୧୬। ହରିହର ସାହୁଙ୍କ ଦାନ	୬୬
୧୭। କଂସାରି ଶିଳ୍ପ	୭୦
୧୮। ସତୀର ଶକ୍ତି	୭୪
୧୯। ଗୋପାଳକୃଷ୍ଣ ଓ ଭାରତ ସେବକ ସମିତି	୭୯
୨୦। ସମୁଦ୍ରର ନିଜକଥା	୮୩
୨୧। ଗୋ·ବୀଜ ଟିକା	୮୬
୨୨। ଦଶହରା ପର୍ବ	୯୧
୨୩। ଭ୍ରାତୃଭକ୍ତ ଭରତ	୯୪
୨୪। ଗୁରୁ ଓ ଅଧ୍ୟାପକ	୯୮
୨୫। ଆଧୁନିକ ମୁଦ୍ରାଯନ୍ତ୍ର	୧୦୧
୨୬। ସ୍ୱାଧୀନ ମୋର ଜନ୍ମ ମାଟି	୧୦୫

Digitized by srujanika@gmail.com

ନବସାହିତ୍ୟ ସହଚର

[ପ୍ରଥମ ଭାଗ]

[୧] ପଢ଼ିଲେ ଜାଣିବୁ

ସାର କଥା:—

ଇଂଲଣ୍ଡ ଦେଶରେ ଲଣ୍ଡନ ବୋଲି ଗୋଟିଏ ବଡ଼ ସହର ଅଛି । ସେଠାରେ ଉଇଲିଅମ୍ ବୋଲି ଗୋଟିଏ ପିଲା ଥିଲା । ତାର ବାପା ମରି ଯାଇଥିଲେ । ତାର ମାଆ ବଡ଼ ବୁଦ୍ଧିମତୀ । ପୁଅ ଅନେକ ସମୟରେ ତାଙ୍କୁ ନାନା ପ୍ରଶ୍ନ ପଚାରେ,—ସୂର୍ଯ୍ୟ ଚନ୍ଦ୍ର ଓ ତାରାମାନେ କାହିଁକି ରାତିରେ ଦେଖାଯାନ୍ତି, ଦିନରେ ଦେଖାଯାନ୍ତି ନାହିଁ, ଫୁଲର କାହିଁକି ଭିନ୍ନ ଭିନ୍ନ ରଙ୍ଗ ହୁଏ, ଲୋକେ କାହିଁକି ରୋଗରେ ପଡ଼ନ୍ତି, କଳ କାରଖାନା କିପରି ତିଆରି ହେଲା ଇତ୍ୟାଦି । ମାଆ ପ୍ରତ୍ୟେକ ପ୍ରଶ୍ନର ଗୋଟିଏ ଉତ୍ତର ଦେଇ କହନ୍ତି, "ବାପାରେ, ବହି ପଢ଼ିଲେ ଜାଣିବୁ ।"

ଉଇଲିଅମ ମାଆଙ୍କ କଥା ମାନି ମନ ଦେଇ ବହି ସବୁ ପଢ଼ିଲା, ନାନା କଥା ଜାଣିଲା । ସେ ତାର ସାଥି ପିଲାମାନଙ୍କୁ ପଢ଼ାରେ ବଳିଗଲା । ତା ମନରେ ଯେଉଁ ସବୁ ସନ୍ଦେହ ଥିଲା, ବହି ପଢ଼ିବାରୁ ସେ ସବୁ ଦୂର ହୋଇଗଲା ।

ଉଇଲିଅମ୍ ବୁଦ୍ଧିମାନ୍ ପିଲା । ସେ ନିଜର ମାତୃଭାଷା ଇଂରେଜି ଛଡ଼ା ଅଠର ଗୋଟି ଭାଷା-ଶିଖି ବଡ଼ ଲୋକ ହେଲେ । ପରେ ସେ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି

Digitized by srujanika@gmail.com

ହୋଇଥିଲେ ଓ 'ସ୍ୟାର' ଉପାଧି ପାଇଥିଲେ । ଭାରତବର୍ଷରେ ଥିବା ସମୟରେ ସେ ସଂସ୍କୃତ ଭାଷା ଶିଖିଥିଲେ ଓ ସଂସ୍କୃତର ଅନେକ ପୁସ୍ତକ ଇଂରେଜରେ ଅନୁବାଦ କରିଥିଲେ । ସେ ଗୋଟିଏ କବିତାରେ ଲେଖିଅଛନ୍ତି:—ମନୁଷ୍ୟ ଜନ୍ମ ବେଳେ କାନ୍ଦେ, ଅନ୍ୟଲୋକେ ସେତେବେଳେ ଆନନ୍ଦରେ ହସୁଥାନ୍ତି । ଆମେ ସଂସାରରେ ଏଭଳି କାମ କରିବା ଯେପରିକି ଆମେ ହସି ହସି ମରିଯିବା ଓ ଅନ୍ୟମାନେ ଆମକୁ ଝୁରି ଝୁରି କାନ୍ଦୁଥିବେ ।

କଠିନ ଶବ୍ଦମାନଙ୍କର ଅର୍ଥ:—

ଦରିଦ୍ର—ଗରିବ, ଜନନୀ—ମାଆ, ଉଦ୍ୟାନ—ବଗିଚା; ମନୋହର—ସୁନ୍ଦର, ଜ୍ଞାନପିପାସା—ଜାଣିବାର ଆଗ୍ରହ, ପିପାସା—ଶୋଷ, ଅଧ୍ୟୟନ—ପଢ଼ିବା, ପ୍ରତିଷ୍ଠିତ—ସ୍ଥାପିତ ।

ବିପରୀତ ଲିଙ୍ଗ:—

ବୁଦ୍ଧିମାନ—ବୁଦ୍ଧିମତୀ, ଦରିଦ୍ର—ଦରିଦ୍ରା, ପିତୃହୀନ—ପିତୃହୀନା, ଶିକ୍ଷିତ—ଶିକ୍ଷିତା, ପୁତ୍ର—କନ୍ୟା ।

ସରଳାର୍ଥ:—

ଜନ୍ମିଲ..............................ମରିବା (୪ପୃଷ୍ଠା)

ମନୁଷ୍ୟ ଶିଶୁ ଜନ୍ମ ହେଲାବେଳେ ମାଆ କୋଳରେ କାନ୍ଦେ, ମାତ୍ର ତାର ବାପ, ମାଆ ଓ ଅନ୍ୟ ଲୋକେ ସମସ୍ତେ ଆନନ୍ଦିତ ହୁଅନ୍ତି । ମନୁଷ୍ୟ ଜୀବନରେ ଭଲ କାମ କରିବା ଉଚିତ । ତାହାହେଲେ ସେ ମଲାବେଳକୁ ଆନନ୍ଦରେ ମରିବ । ମାତ୍ର ଅନ୍ୟ ଲୋକେ ତାର ଭଲ କାମ ପାଇଁ ତାକୁ ଝୁରି ହୋଇ କାନ୍ଦିବେ ।

Digitized by srujanika@gmail.com

୫.

ସୁ ସ୍ତବକଗତ ପ୍ରଶ୍ନମାନଙ୍କର ଉତ୍ତର:—

୧। ଉଇଲ୍‌ଅମ୍ ଯେତେବେଳେ ମାଆଙ୍କୁ କୌଣସି ପ୍ରଶ୍ନ ପଚାରୁଥିଲେ, ସେତେବେଳେ ସେ ଗୋଟିଏ ମାତ୍ର ଉତ୍ତର ଦେଉଥିଲେ, "ବାପା, ପଢ଼ିଲେ ଜାଣିବୁ ।"

୨। ମାଆଙ୍କ କଥା ମାନି ଉଇଲ୍‌ଅମ୍ ଅନେକ ବହି ପଢ଼ିଲେ। ବହି ପଢ଼ି ସେ ପ୍ରଶ୍ନଗୁଡ଼ିକର ଉତ୍ତର ପାଇଲେ ।

୩। ଇଂଲଣ୍ଡର ଲୋକେ ସଂସ୍କୃତ ବହି ପଢ଼ି ପାରନ୍ତି ନାହିଁ । ଉଇଲ୍‌ଅମ୍ ଜୋନ୍ସ ସଂସ୍କୃତ ବହିଗୁଡ଼ିକ ଇଂରେଜୀରେ ଅନୁବାଦ କରିବାରୁ ସେମାନେ ସେ ବହିମାନଙ୍କରେ ଥିବା କଥାମାନ ଜାଣିପାରିଲେ । ପୂର୍ବକାଳରେ ଭାରତର ଲୋକେ କପରି ଜ୍ଞାନୀ ଥିଲେ ସେ ବିଷୟରେ ସେମାନେ ଧାରଣା କରି ପାରିଲେ । ଏହାଦ୍ୱାରା ସେ ଦେଶରେ ଭାରତର ଖ୍ୟାତି ବଢ଼ିଲା ।

୪। ପିତୃହୀନ—ଯାହାର ବାପା ମରିଯାଇଛନ୍ତି; ବୁଦ୍ଧିମତୀ—ପ୍ରଜ୍ଞାବତୀ (ସ୍ତ୍ରୀ), ମନୋହର—ସୁନ୍ଦର, ବୟୋବୃଦ୍ଧି—ବୟସ ବଢ଼ିବା; ବିଚାରପତି—ଯେ ନ୍ୟାୟ ବିଚାର କରନ୍ତି, ବା ଜଜ୍; ଜ୍ଞାନପିପାସା —ବେଶି ଜାଣିବାର ଇଚ୍ଛା ।

୫। (କ) ଶିଶୁଟି ପିତୃହୀନ ଥିଲା । (ଖ) ସେହମୟୀ ଜନନୀ ଉତ୍ତର ଦଅନ୍ତି । (ଗ) ଏହି ଭାବଗୁଡ଼ିକ କଅଣ ?

Digitized by srujanika@gmail.com

[୨] ଅନ୍ଧ ବିଶ୍ୱାସ

ସାର କଥା:—

ଜଣେ ମରହଟ୍ଟା ସୈନ୍ୟ ଓ ତାଙ୍କ ସ୍ତ୍ରୀ ଗୋଟିଏ ଘୋଡ଼ାରେ ବସି ନିଜ ଘରକୁ ଆସୁଥିଲେ । ବାଟରେ ସୈନିକ ସ୍ତ୍ରୀଙ୍କୁ ଗୋଟିଏ ସ୍ଥାନରେ ବସାଇ ଦେଇ ଘୋଡ଼ାକୁ ପାଣି ପିଆଇବା ପାଇଁ ନଦୀ ମଧ୍ୟକୁ ଗଲେ ।

ଏଥି ମଧ୍ୟରେ ଜଣେ ଠକ ସନ୍ନ୍ୟାସୀ ବେଶରେ ଆସି ତାଙ୍କ ସ୍ତ୍ରୀଙ୍କୁ କହିଲା, "ମୁଁ ଜଣେ ସ୍ୱର୍ଗଦୂତ । ସ୍ୱର୍ଗର ଖବର ନେଇ ଆସିଛି ।" ସ୍ତ୍ରୀ ଲୋକଟିର ପ୍ରତାପ ବୋଲି ଗୋଟିଏ ପୁଅ ମରି ଯାଇଥିଲା । ସେ ଠକ କଥାରେ ବିଶ୍ୱାସ କରି ପଚାରିଲା, "ସ୍ୱର୍ଗପୁରରେ ମୋର ପୁଅ ପ୍ରତାପକୁ ଦେଖିଥିବ । ବୀର ପୋଷାକ ପିନ୍ଧି ତରବାରି ଚଳାଇ ଖେଳିବାରେ ତାର ଭାରି ସଉକ ।"

ଠକ କହିଲା, "ହଁ, ପ୍ରତାପ ତମ ପାଖକୁ ନମସ୍କାର ଜଣାଇ କହିଛି ଯେ ତାର ସ୍ୱର୍ଗପୁରରେ କିଛି କଷ୍ଟ ନାହିଁ, କେବଳ ତା ବୀର ପୋଷାକ ଓ ତରବାରି ନ ଥିବାରୁ, ତାର ମନ ଖରାପ ।"

ଏହା ଶୁଣି ସ୍ତ୍ରୀ ଲୋକଟି ନିଜର ଅଳଙ୍କାରତକ ଠକକୁ ଦେଇ କହିଲା, "ଏ ଅଳଙ୍କାର ଗୁଡ଼ିକ ବିକି ତା ପାଇଁ ଗୋଟିଏ ସୁନା ବେଣ୍ଟର ତରବାରି ଓ ଗୋଟିଏ ସୁନା ଜରିର ପୋଷାକ କିଣିଦେବ ।"

ଠକ ଅଳଙ୍କାରତକ ନେଇ ଚାଲିଗଲା । ସ୍ୱାମୀ ଘୋଡ଼ାକୁ ପାଣି ପିଆଇ ଫେରି ଆସିବାରୁ ସ୍ତ୍ରୀ ତାଙ୍କୁ ସବୁକଥା କହିଲା । ସେ ଜାଣି ପାରିଲେ ଯେ କେହି ଜଣେ ତାଙ୍କ ସ୍ତ୍ରୀକୁ ଠକି ଅଳଙ୍କାରତକ

Digitized by srujanika@gmail.com

ନେଇ ଯାଇଅଛନ୍ତି । ସେ ଘୋଡ଼ାରେ ବସି ଠକ ପଛେ ପଛେ ଧାଇଁଲେ । ଠକ ଦୂରରୁ ସୈନିକର ଘୋଡ଼ାଖୁରା ଶବ୍ଦ ଶୁଣି ପାରି ଗୋଟିଏ ତନ୍ତୀଘରେ ପଶିଯାଇ ତନ୍ତୀକୁ କହିଲା, "ଭାଇ, ଶୀଘ୍ର ଏଠାରୁ ପଳାଇ ଯାଅ । ଜଣେ ମରହଟ୍ଟା ବର୍ଗୀ ତମକୁ ମାରିବାକୁ ଆସୁଛି ।"

ତନ୍ତୀ ଘର ପଛ ପାଖରେ ଥିବା ପାହାଡ଼ ଆଡ଼କୁ ଲୁଚିବା ପାଇଁ ପଳାଇଗଲା । ଏଣେ ଠକ ଆପଣା ବେଶ ବଦଳାଇ ତନ୍ତ ପାଖରେ ଲୁଗା ବୁଣି ବସିଲା । କିଛି ସମୟ ପରେ ସୈନିକ ଆସି ତାକୁ ଠକର ଖବର ପଚାରିଲା । ଠକ ପାହାଡ଼ ଆଡ଼କୁ ହାତ ଦେଖାଇ ଦେଲା ।

ପାହାଡ଼ ଉପରକୁ ଘୋଡ଼ା ନେଇ ଗଲେ ଅସୁବିଧା ହେବ ବୋଲି ଘୋଡ଼ାକୁ ସେହି ଲୋକ ହାତରେ ଧରାଇ ଦେଇ ସୈନିକ ପାହାଡ଼ ଉପରକୁ ଧାଇଁଲେ । ତନ୍ତୀ ସୈନିକକୁ ଦେଖି ଅଧିକ ବେଗରେ ପାହାଡ଼ ଉପରକୁ ଧାଇଁଲା । ସୈନିକ କହିଲେ; "ଶୀଘ୍ର ମୋ ସୁନା ଅଳଙ୍କାରତକ ଦେଇ ପକା, ନୋହିଲେ ତୋ ପ୍ରାଣ ନେବି ।" ତନ୍ତୀ କିଛି ବୁଝି ନ ପାରି ସବୁ ସତ କଥାଯାକ କହିଦେଲା । ଏବେ ସୈନିକ ବୁଝି ପାରିଲେ ଯେ ପ୍ରକୃତ ଠକ ହାତରେ ସେ ଆପଣା ଘୋଡ଼ାଟିକୁ ଦେଇ ଆସିଛନ୍ତି । ଏଣେ ଠକ ଘୋଡ଼ାରେ ବସି ସୁନାତକ ଧରି ନିଶ୍ଚିନ୍ତରେ ପଳାଇ ଯାଇଥିଲା । ସୈନିକ ମନ ଦୁଃଖରେ ଘରକୁ ଫେରିଲେ ।

ସ୍ତ୍ରୀ ପଚାରିଲେ, "ତୁମ ଘୋଡ଼ା କାହିଁ ?" ସୈନିକ ବିରକ୍ତ ହୋଇ କହିଲେ, "ପ୍ରତାପ ପାଇଁ ମୁଁ ସ୍ୱର୍ଗଦୂତ ସାଙ୍ଗରେ ଘୋଡ଼ାଟିକୁ ପଠାଇ ଦେଲି ।"

Digitized by srujanika@gmail.com

କୌଣସି କଥା ଭଲରୂପେ ନ ବୁଝି ଅନ୍ଧ ବିଶ୍ୱାସରେ କାର୍ଯ୍ୟ କଲେ ଏହିପରି ଠକାମିରେ ପଡ଼ିବାକୁ ହୁଏ ।

କଠିନ ଶବ୍ଦମାନଙ୍କର ଅର୍ଥ:—

ଉଦ୍ଦେଶ୍ୟରେ—ନିମନ୍ତେ, ଏକାକିନୀ—ଏକୁଟିଆ (ସ୍ତ୍ରୀ); ରମଣୀ—ସ୍ତ୍ରୀ ଲୋକ, ସମ୍ବାଦ—ଖବର, ଉତ୍ସାହିତ ହୋଇ—ସାହସ ପାଇ, ସ୍ୱର୍ଣ୍ଣ—ସୁନା, ପ୍ରତାରକ—ଠକ, ମୃତ—ମଲା, ତତ୍‌କ୍ଷଣାତ୍—ସେହିକ୍ଷଣି, ବୁଦ୍ଧିହୀନତା—ଓଲୁପଣ; ନିକଟବର୍ତ୍ତୀ—ପାଖରେଥିବା, ଅଶ୍ୱାରୋହୀ—ଘୋଡ଼ାରେ ବସିଥିବା, ପାହାଡ଼ ଶୃଙ୍ଗ—ପାହାଡ଼ର ଅଗ, ଅଧୋମୁଖରେ—ଅଡ଼ୁକୁ, ପଳାୟନ – ପଳାଇବା, ଅବସନ୍ନ – ହାଲିଆ, ପତ୍ନୀ – ସ୍ତ୍ରୀ, ପରିଣାମ – ଶେଷଫଳ ।

ବିପରୀତ ଲିଙ୍ଗ: –

ନଦ—ନଦୀ, ଘୋଡ଼ା—ଘୋଡ଼ୀ, ଏକାକୀ—ଏକାକିନୀ, ବାପ—ମାଆ, ପତି—ପତ୍ନୀ, ପୁରୁଷ—ସ୍ତ୍ରୀ, ତନ୍ତୀ – ତନ୍ତୀଅଣୀ ।

ସରଳାର୍ଥ:—

ମରହଟ୍ଟାବୀର.........................ପଳାଇଗଲେ । (୬ପୃଷ୍ଠା)

ଶଠ ସନ୍ନ୍ୟାସୀ ମରହଟ୍ଟା ସ୍ତ୍ରୀଙ୍କଠାରୁ ଅଳଙ୍କାର ନେଇ ପଳାଇଗଲା । ମରହଟ୍ଟା ସୈନିକ ଘୋଡ଼ାକୁ ପାଣି ପିଆଇ ଆସି ସ୍ତ୍ରୀଙ୍କଠାରୁ ଶୁଣିଲେ ଯେ ସେ ମୃତପୁଅର ପ୍ରତାପ ପାଇଁ ସୁନାବେଣ୍ଟର ତରବାରୀ ଓ ସୁନା ଜରିର ପୋଷାକ କିଣି ଦେବାକୁ ଅପଣାର ଅଳଙ୍କାର ତାକୁ ସ୍ୱର୍ଗଦୂତ ହାତରେ ଦେଇ ପଠାଇଛନ୍ତି । ଏଥିରୁ ସେ ଜାଣିପାରିଲେ ଯେ ତାଙ୍କର ସ୍ତ୍ରୀ ବୋକାମି କରି କୌଣସି ଠକକୁ ଅପଣା ଅଳଙ୍କାର

Digitized by srujanika@gmail.com

ସବୁ ଦେଇଛନ୍ତି । ଏପରି ଓଲ୍ଲୁ ସ୍ତ୍ରୀ ଲୋକକୁ କହିବେ କିଏଣ ? ସେ ସାଥେ ସାଥେ ଘୋଡ଼ାରେ ବସି ଠକ ଯେଉଁ ଅଡ଼େ ଯାଇଥିଲା ସେହି ଅଡ଼କୁ ବେଗରେ ଗଲେ । ଅଳ୍ପ ସମୟ ଭିତରେ ସେ ବଣ ଭିତରକୁ ଗ୍ଲଲଗଲେ ।

"ସୁନା ! ସୁନା କପର·········ଦେଖିବ ?" (୮ପୃଷ୍ଠା)·

ମରହଟ୍ଟା ସୈନିକ ପାହାଡ଼ ଉପରକୁ ଚଢ଼ି ତନ୍ତୀକୁ ଦେଖିଲେ । ସେ ମନେ କରିଥିଲେ, ଏହି ଲୋକଟି ତାଙ୍କ ସ୍ତ୍ରୀକୁ ଠକି ସୁନା ଅଳଙ୍କାର ନେଇ ଯାଇଛି ! ସେ ତାକୁ ଧମକାଇ କହିଲେ, "ଅଳଙ୍କାରତକ ଦେଇ ପକା, ନ ହେଲେ ତୋ ପ୍ରାଣ ନେବି ।" ତନ୍ତୀ ବିଚ୍ଛରା ଅଳଙ୍କାର କଥା କିଛି ଜାଣି ନଥିଲା । ସେ ଏ କଥା ଶୁଣି କିଛି ବୁଝି ନପାରି କହିଲା, "ମୁଁ ସାମାନ୍ୟ ଗରିବ ତନ୍ତୀ, ଲୁଗା ବୁଣି ପେଟ ପୋଷେ । ମୁଁ କାହୁଁ ସୁନା ଦେଖିବି ?"

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର:—

୧ । କୌଣସି ବିଷୟକୁ ବିଗ୍ଭର ନ କରି, ସତ ମିଛ ନ ବୁଝି ବିଶ୍ୱାସ କରିବାକୁ ଅନ୍ଧ ବିଶ୍ୱାସ କହନ୍ତି । ମରହଟ୍ଟା ରମଣୀଙ୍କର ବିଶ୍ୱାସ ଥିଲା ଯେ (୧) ସ୍ୱର୍ଗଦୂତମାନେ ସ୍ୱର୍ଗରୁ ଆସି ମର୍ତ୍ତ୍ୟରେ ସ୍ୱର୍ଗର ଖବର ଦିଅନ୍ତି (୨) ଲୋକେ ପୃଥିବୀରେ ଥିବାବେଳେ ଯେପରି ଚଳୁଥାନ୍ତି ମଲା ପରେ ସ୍ୱର୍ଗରେ ମଧ୍ୟ ସେହିପରି ଚଳନ୍ତି । (୩) ମଲାଲୋକେ ସ୍ୱର୍ଗରେ ରହି ଅମର ପରି ସୁଖ ଦୁଃଖ ଭୋଗ କରନ୍ତି ।

Digitized by srujanika@gmail.com

୨। ଶଠ ସନ୍ୟାସୀ ତନ୍ତ୍ରୀକୁ ମିଛରେ କହିଲା ଯେ ତାକୁ ମାରିବା ପାଇଁ ଜଣେ ମରହଟ୍ଟା ବର୍ଗୀ ଘୋଡ଼ାରେ ବସି ଆସୁଛି। ବର୍ଗୀମାନେ ଘୋଡ଼ାରେ ଆସି ଅତ୍ୟାଚାର କରିବା କଥା ସେ ଆଗରୁ ଜାଣିଥିଲା। ସେ ଠକ ସନ୍ୟାସୀ କଥାରେ ବିଶ୍ବାସ କରି ପ୍ରାଣରକ୍ଷା ପାଇଁ ପାହାଡ଼ ଉପରକୁ ଧାଇଁଲା। ଏଣେ ଠକ ନିଜ ପୋଷାକ ବଦଳାଇ ତନ୍ତ୍ରପାଖରେ ବସି ଲୁଗା ବୁଣିବାର ଛଳନା କଲା। ମରହଟ୍ଟା ସୈନିକ ଠକକୁ ତନ୍ତ୍ରୀ ମନେ କରି ତାକୁ ସନ୍ଦେହ କଲେ ନାହିଁ। ଯେତେବେଳେ ସୈନିକ ତାକୁ ଠକ କଥା ପଚାରିଲେ ସେତେବେଳେ ସେ ପାହାଡ଼ ଉପରକୁ ପଳାଉଥିବା ତନ୍ତ୍ରୀକୁ ଦେଖାଇ ଦେଲା। ଏହିପରି ସନ୍ୟାସୀ ତନ୍ତ୍ରୀକୁ ଠକିଲା।

ସୈନିକ ତନ୍ତ୍ରୀକୁ ଠକ ମନେ କରି ତା ପଛରେ ଯିବାକୁ ବାହାରିଲେ। ପାହାଡ଼ ଉପରକୁ ଘୋଡ଼ା ନେବା ଅସୁବିଧା। ସେଥିପାଇଁ ସେ ତନ୍ତ୍ରପାଖେ ଥିବା ଠକକୁ ଆପଣା ଘୋଡାଟି ଧରାଇ ଦେଇ ତନ୍ତ୍ରୀ ପଛେ ଧାଇଁଲେ। ଏଣେ ଠକ ସେହି ଘୋଡ଼ାରେ ବସି ଅଳଙ୍କାରତକ ନେଇ ଅନ୍ଧାରରେ ପଳାଇଲା। ଠକ ସନ୍ୟାସୀ ଆଗରୁ ସୈନିକଙ୍କ ସ୍ତ୍ରୀଙ୍କୁ ଠକି ସୁନାର ଅଳଙ୍କାର ତକ ଆଣିଥିଲା। ତନ୍ତ୍ରୀକୁ ଠକି ସୈନିକ ହାତରୁ ରକ୍ଷା ପାଇଲା। କ୍ଷଣକରେ ସୈନିକଙ୍କୁ ଠକି ଘୋଡାଟି ମଧ୍ୟ ପାଇଲା। ଏହିପରି ତନ୍ତ୍ରୀ ଓ ମରହଟ୍ଟାବୀର ପ୍ରତାରିତ ହୋଇଥିଲେ।

୩। (କ) ତନ୍ତ୍ରୀଟି ତାଙ୍କ ପାଦତଳେ ପଡ଼ିଗଲା। (ଖ) ତାହାର ଖଣ୍ଡାଟି ନ ଥିବାରୁ ସେ ଖେଳି ପାରୁନାହିଁ। (ଗ) ସେ ସ୍ତ୍ରୀଙ୍କୁ

Digitized by srujanika@gmail.com

ବନ୍ଧ ଉପରେ ବସାଇ ଘୋଡ଼ାକୁ ଜଳପାନ କରାଇବା ଉଦ୍ଦେଶ୍ୟରେ ନଦୀ ମଧ୍ୟକୁ ନେଲେ ।

୪। ଧାବମାନ – ଧାଇଁବା, ବୃତ୍ତାନ୍ତ – ସମ୍ବାଦ, ପ୍ରତାରକ – ଠକ, ଅଶ୍ବାରୋହୀ – ଘୋଡ଼ାରେ ବସିଥିବା ବ୍ୟକ୍ତି, ପଳାୟନ – ପଳାଇବା, ଅବସନ୍ନ – ହାଲିଆ, କାତର – ବିକଳ, ନିକଟବର୍ତ୍ତୀ – ପାଖରେ ଥିବା, ପରିଣାମ – ଶେଷଫଳ, ଅଧୀର – ଚଞ୍ଚଳ ।

---

[୩] ପାହିଲା ରାତି

ସାର କଥା:—

ରାତି ପାହି ସକାଳ ହେବାରୁ ଚାରିଆଡ଼ ଉଜ୍ଜ୍ୱଳ ଦେଖାଗଲା, କାଉ କୋଇଲି, କଜ୍ଜଳପାତି ପ୍ରଭୃତି ପକ୍ଷୀମାନେ ରାବିଲେ । ତାରାମାନେ ଆକାଶରେ ଆଉ ଦେଖାଗଲେ ନାହିଁ । ପୂର୍ବ ଦିଗରୁ ଅଳ୍ପ ମାତ୍ର ଆସିଲା ପରି ଲାଗିଲା । ପୂର୍ବ ଦିଗରେ ସୂର୍ଯ୍ୟ ଉଇଁ ଆସିବାରୁ ଆକାଶ ସୁନାର ରଙ୍ଗ ପରି ଦିଶିଲା । ଅନେକ ପ୍ରକାରର ଫୁଲ ଫୁଟିଲା । ପବନରେ ସେମାନଙ୍କର ସୁବାସ ଚହଟି ଉଠିଲା । ପିଲାଏ ପାଠ ପଢ଼ିବା ପାଇଁ ପୋଥି ଧରି ଗାଁ ଦାଣ୍ଡବାଟେ ଚାଟଶାଳୀକି ଚାଲିଲେ । ଦେଉଳରେ ଦେଅଁଙ୍କ ପାଖେ ଘଣ୍ଟା ବାଜିଲା । ଚଷାମାନେ ହଳ ଯୋଚି ବଳଦ୍ୱୁ ବାହାରିଲେ । ଗାଁ ମୁଣ୍ଡରେ ଥିବା ଶାଗୁଆ ରଙ୍ଗର କ୍ଷେତ ବଡ଼ ସୁନ୍ଦର ଦିଶେ । ତାକୁ ଦେଖି ଚଷାର ମନ ଆନନ୍ଦରେ ପୂରିଯାଏ । କି ଖରା, କି ବରଷା, ସେ ସବୁବେଳେ କ୍ଷେତରେ କାମ କରି ପୃଥିବୀର ଲୋକଙ୍କ ଉପକାର କରେ । ସୂର୍ଯ୍ୟ ଜଗତର ଉପକାର କରେ । ସେ ଆଲୁଅ ଦେଇ ଜୀବମାନଙ୍କର

Digitized by srujanika@gmail.com

ପ୍ରାଣ ରଖେ । ଚାଷୀ ମଧ୍ୟ ମୁଣ୍ଡ ଝାଳ ତୁଣ୍ଡରେ ମାରି ଫସଲ ଅମଦାନି କରେ । ତାକୁ ଖାଇ ପୃଥିବୀର ଲୋକେ ବଞ୍ଚନ୍ତି ।

କଠିନ ଶବ୍ଦମାନଙ୍କର ଅର୍ଥ:—

ବକ—ବଗ, କାକ—କାଉ, ପିକ—କୋଇଲି, ଅଳୋକ—ଆଲୁଅ, ଅଙ୍କ—କୋଳ, ଉକୁଟି ଉଠେ—ଫୁଟି ଉଠେ, ଅନିଳ—ପବନ, ଊଷା—ସକାଳ, ଶ୍ୟାମଳ—ସବୁଜ (ନୀଳ) ରଙ୍ଗ, ଦର୍ଶକ—ଦେଖିବା ଲୋକ, ନେତ୍ର—ଅଖି, ନିଦାଘ—ଖରାଦିନ, ରୁଧିର—ରକ୍ତ, ନିଗାଡ଼—ବୁହାଇ, ହିତ—ମଙ୍ଗଳ, ଉପକାର; ଶ୍ରମ—ମିହନ୍ତ, ତପନ—ସୂର୍ଯ୍ୟ, ଜୀବ—ପ୍ରାଣୀ ।

ସରଳାର୍ଥ:—

(କ) ଅନିଳ ଅଣେ..............ମଗ୍ନ । (୧୦ପୃଷ୍ଠା)

ସକାଳ ହେଲେ ନାନାଜାତି ଫୁଲ ଫୁଟେ । ଧୀରେ ଧୀରେ ପବନ ବହେ । ପବନରେ ଫୁଲର ସୁବାସ ଚାରିଆଡ଼େ ମହକେ । ପୂର୍ଣ୍ୟ ପର୍ବରେ ଲୋକେ ଯେପରି ଆନନ୍ଦିତ ହୁଅନ୍ତି, ସକାଳ ହେଲେ ପୃଥିବୀରେ ଚାରିଆଡ଼େ ଲୋକେ ସେହିପରି ଆନନ୍ଦିତ ହୁଅନ୍ତି । ସକାଳ ସମୟ ଗୋଟିଏ ଉତ୍ସବ ପରି । ସେତେବେଳେ ଚାରିଆଡ଼େ ଆନନ୍ଦ ଲାଗିଥାଏ ।

(ଖ) ରୁଧିର ଜଳ କରି............ସେତୁ (୧୦ପୃଷ୍ଠା)

ସକାଳ ହେଲେ ଚାଷୀ କ୍ଷେତରେ କାମ କରିବାକୁ ବାହାରେ କି ଖରା, କି ବରଷା, ସବୁଦିନେ ସେ ଖୁସିରେ କାମ କରୁଥାଏ । କଠିନ ପରିଶ୍ରମ କରିବାରୁ ତା ଦେହରୁ ରକ୍ତ ଝାଳ ଆକାରରେ

Digitized by srujanika@gmail.com

ବଢ଼ିଯାଏ । ସେ ଏପରି ଝାଳବୁହା ମିହନ୍ତ କରୁଥିବାରୁ ଭଲ ଫସଲ ହୁଏ । ତାକୁ ଖାଇ ପୃଥିବୀର ଲୋକେ ବଞ୍ଚନ୍ତି । ସେ ଆପଣା ପାଇଁ ମିହନ୍ତ କରେ ନାହିଁ । ପୃଥିବୀର ଲୋକଙ୍କ ପାଇଁ ଏପରି ମିହନ୍ତ କରି ଜମିରୁ ଫସଲ ଉପୁଜାଏ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର:—

୧ । (ସାରକଥା ଦେଖ ।)

୨ । ରୁଧିର ଜଳ କରି—

ମନୁଷ୍ୟ ଦେହରେ ରକ୍ତ ଥାଏ । କଠିନ ପରିଶ୍ରମ ହେତୁ ଚାଷୀର ଦେହର ରକ୍ତ କ୍ଷୟ ପାଏ ଏବଂ ତା ଦେହରୁ ଝାଳ ବହେ ।

ଆଲୋକ ଖସି—

ସକାଳ ହେଲେ ପୂର୍ବଦିଗ ଆଲୋକିତ ହୁଏ । ପାଣିର ସୁଅ ବହିଗଲା ପରି ଏହି ଆଲୁଅ ଆକାଶରୁ ପୃଥିବୀକୁ ମାଡ଼ି ଆସେ ।

ଜଗତର ଉତ୍ସବ:—

କୌଣସି ଉତ୍ସବ ହେଲେ ଗୃହଆଦି ସୁନ୍ଦର ଭାବରେ ସଜା ଯାଏ, ଲୋକଙ୍କ ମନ ଆନନ୍ଦରେ ପୂରିଥାଏ । ସେହିପରି ସକାଳ ହେଲେ ପୃଥିବୀର ଗୃହଆଦି ସୁନ୍ଦର ଦିଶେ ଓ ଲୋକଙ୍କ ମନରେ ଆନନ୍ଦ ଜନ୍ମେ । ତେଣୁ ଏହାକୁ ଜଗତର ଉତ୍ସବ କୁହା ଯାଇଅଛି ।

୩ । ଉଙ୍କୁଟି—ପ୍ରାତଃକାଳରେ ପୂର୍ବ ଆକାଶରେ ରକ୍ତିମା ଉଙ୍କୁଟି ଉଠେ ।

Digitized by srujanika@gmail.com

ଅନାଳ-ବସନ୍ତ ଋତୁରେ ମଳୟ ଅନିଳ ଦକ୍ଷିଣ ଦଗରୁ ବହେ ।

ପାଶୋର-ଚନ୍ଦ୍ରମାର ଶୋଭା ଥରେ ଦେଖିଲେ ମନରୁ ପାଶୋର ଯିବ ନାହିଁ ।

ନିଗାଡ଼-ଫୁଲ କୁଣ୍ଡରୁ ପାଣି ନିଗାଡ଼ି ଦଅ । ଲକ୍ଷ୍ମୀ ଦେହକୁ ଝାଳ ନିଗାଡ଼ ଖେତରେ କାମ କଲେ ।

ଉତ୍ସବ--ଫାଲ୍‌ଗୁନ ମାସରେ ଗ୍ରାମେ ଗ୍ରାମେ ଦୋଳ ଉତ୍ସବ ପ୍ରତିପାଳିତ ହୁଏ ।

୪ । ସୂର୍ଯ୍ୟ ଆଲୋକ ଦଅନ୍ତି । ସୂର୍ଯ୍ୟ ନଥିଲେ ପୃଥିବୀ ଅନ୍ଧକାରରେ ବୁଡ଼ି ରହନ୍ତା । ପଶୁ ପକ୍ଷୀ ବୃକ୍ଷଲତା କିଛି ରହି ପାରନ୍ତେ ନାହିଁ । ମାତ୍ର ସୂର୍ଯ୍ୟ ପ୍ରତ୍ୟହ ଉଦନ ହୋଇ ଆଲୋକ ଓ ଉତ୍ତାପ ଦେଉଥିବାରୁ ଜୀବଜନ୍ତୁ, ବୃକ୍ଷ ଲତା ବଢ଼ି ଅଛନ୍ତି । ତେଣୁ ସୂର୍ଯ୍ୟଙ୍କର ପ୍ରତ୍ୟହ ଉଦୟ ହେବା ପୃଥିବୀର ମଙ୍ଗଳର ହେତୁ ଅଟେ ।

—o—

[୪] ଅନ୍ୟମାନଙ୍କ ପ୍ରତି ଆମର କର୍ତ୍ତବ୍ୟ

ମହାତ୍ମା ଗାନ୍ଧି ଭାରତର ଦୀନ ଦରିଦ୍ରମାନଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରିବାରେ ସାରା ଜୀବନ ଲାଗି ପଡ଼ିଥିଲେ । ସେମାନଙ୍କ ଅଭାବ ଅସୁବିଧା ବୁଝିବା ପାଇଁ ସେ ସେହିମାନଙ୍କ ପରି ଚଳୁଥିଲେ । ଗରିବ ଲୋକେ ରେଳ ଗାଡ଼ିର ତୃତୀୟ ବା ସବା ତଳ ଶ୍ରେଣୀରେ ଯିବା ଆସିବା କରନ୍ତି । ମହାତ୍ମା ଗାନ୍ଧି ମଧ୍ୟ ତାହା କରୁଥିଲେ ।

Digitized by srujanika@gmail.com

ଥରେ ସେ ରେଲରେ ତୃତୀୟ ଶ୍ରେଣୀରେ ଯାଉଥିଲେ । ଡବାରେ ଲୋକ ଭର୍ତ୍ତି ହୋଇଥିଲା । ଯାତ୍ରୀମାନେ ମହାତ୍ମାଗାନ୍ଧିଙ୍କ ନାଁ ଶୁଣିଥିଲେ କିନ୍ତୁ କେହି ତାଙ୍କୁ ଚିହ୍ନି ନ ଥିଲେ । ଗାଡ଼ି ଭିତରେ ଜଣେ ଯାତ୍ରୀ ତାଙ୍କ ପାଖରେ ବସି ହୁକ୍କା ଖାଇ ତାଙ୍କ ଆଡ଼କୁ ଧୂଆଁ ଛାଡୁଥାନ୍ତି ଓ ପାଖରେ ଖଙ୍କାର ପକାଉଥାନ୍ତି । ମହାତ୍ମା ଗାନ୍ଧିଙ୍କୁ ଧୂଆଁ ଗନ୍ଧ ଖରାପ ଲାଗୁଥାଏ । ସେ କହିଲେ, "ଏପରି ଧୂଆଁ ଖାଇ ଖଙ୍କାର ପକାଇବାରୁ ଆମକୁ ଅସୁବିଧା ହେଉଛି । ସେପରି କରନାହିଁ ।"

ଲୋକଟି ରାଗି ଉଠି କହିଲା, "ତମର ଅସୁବିଧା ହେଲେ ମୋର କଅଣ ହେଲା । ମୁଁ ଭଡ଼ା ଦେଇ ରେଲରେ ବସିଛି । ମୋର ଯାହା ଇଚ୍ଛା ତା କରିବି ।"

ମହାତ୍ମା ଗାନ୍ଧି ଧୀର ଭାବରେ ବୁଝାଇ ଦେଇ କହିଲେ ଯେ ଯାହାଦ୍ୱାରା ବହୁତ ଲୋକ ଅସୁବିଧା ଭୋଗନ୍ତି ତାହା କରିବା ଉଚିତ ନୁହେଁ । ନିୟମ ଅଛି ଯେ ଅନ୍ୟ ଯାତ୍ରୀ ଆପତ୍ତି କଲେ କେହି ଡବା ଭିତରେ ଧୂଆଁ ଖାଇ ପାରିବେ ନାହିଁ ।

ମହାତ୍ମା ଗାନ୍ଧି ସାଧାସିଧା ପୋଷାକ ପିନ୍ଧିଥାନ୍ତି । ସେ ଲୋକଟି ତାଙ୍କୁ ଜାଣିବ ବା କାହୁଁ ? ସେ ରାଗି ଉଠି କହିଲା, "ତମ ଆଇନ ରଖି ଦେଇଥାଅ, ମୋ ଇଚ୍ଛା, ମୁଁ ଧୂଆଁ ଖାଇବି ।"

ମହାତ୍ମା ଗାନ୍ଧିଙ୍କଠାରେ ଟିକିଏ ହେଲେ ରାଗର ଲକ୍ଷଣ ଦେଖାଗଲା ନାହିଁ । ସେ ଆପଣା ରୁମାଲଟି କାଢ଼ି ଖଙ୍କାରଗୁଡ଼ିକ ଭଲ କରି ପୋଛି ବାହାରକୁ ଫିଙ୍ଗିଦେଲେ । ଯାତ୍ରୀଟି ଏଥିରେ ମନେ ମନେ ଲଜ୍ଜିତ ହୋଇ ଧୂଆଁ ଖାଇବା ବନ୍ଦ କରି ରହିଲେ ।

ଆଗ ଷ୍ଟେସନରେ ଗାଡ଼ି ରହିଲା । ହଜାର ହଜାର ଲୋକ 'ମହାତ୍ମା ଗାନ୍ଧିଙ୍କ ଜୟ' କହି ସେହି ଡବା ପାଖକୁ ଆସିଲେ । ମହାତ୍ମା

Digitized by srujanika@gmail.com

ଗାନ୍ଧି ଗାଢ଼ି ହାଡ଼ି ପାଖକୁ ଯାଇ ଏହି ଲୋକମାନଙ୍କୁ ନମସ୍କାର କଲେ । ତାପରେ ଲୋକେ ଏବେ ଜାଣି ପାରିଲେ ଯେ ଖଙ୍କାର ପୋଛୁଥିବା ଲୋକଟି ଆଉ କେହି ନୁହନ୍ତି, ସ୍ୱୟଂ ମହାତ୍ମା ଗାନ୍ଧି ।

ଖଙ୍କାର ପକାଉ ଥିବା ଲୋକଟିକୁ ସମସ୍ତେ ନିନ୍ଦା କଲେ । ସେ ମଧ୍ୟ ମହାତ୍ମା ଗାନ୍ଧିଙ୍କ ପାଦତଳେ ପଡ଼ି କ୍ଷମା ମାଗିଲେ ।

ମହାତ୍ମା ଗାନ୍ଧି ତାଙ୍କୁ ବୁଝାଇ ଦେଲେ ଯେ ଆମେ ପରିଷ୍କାର ରହିଲେ ନିଜର ଲାଭ, ଅନ୍ୟମାନଙ୍କର ମଧ୍ୟ ଲାଭ । ପରର ସୁଖ ସୁବିଧା ଦେଖିବା ଉଚିତ । ନିୟମ ମାନି ଚଳିବା ସମସ୍ତଙ୍କ ପକ୍ଷେ ଉଚିତ । ଏସବୁ କରି ନ ପାରିଲେ ଆମେ ସ୍ୱାଧୀନତା ପାଇବାକୁ ଯୋଗ୍ୟ ହେବୁ କିପରି ?"

କଠିନ ଶବ୍ଦମାନଙ୍କର ଅର୍ଥ:—

ଦରିଦ୍ର—ଗରିବ, ନଗର—ବଡ଼ସହର, ପ୍ରାସାଦ—କୋଠାଘର, ତ୍ୟାଗକରି—ଛାଡ଼ି, କୁଟୀର—କୁଡ଼ିଆ ଘର, ବର୍ଣ୍ଣିତ ଭାବରେ—ନଇଁ ଲପରି, ଅନୁଗ୍ରହ—ଦୟା; ହେୟ—ଘୃଣାର ଯୋଗ୍ୟ, କର୍ତ୍ତୃପକ୍ଷ—ହାକିମ, ଧୂମପାୟୀ—ଧୂଆଁ ଖାଉଥିବା, ପରବର୍ତ୍ତୀ—ପଛରେ ଥିବା, ସମବେତ—ଏକତ୍ର ମିଳିଥିବା, ଜନତା—ଲୋକ ସମୂହ, ବିସ୍ମିତ—ଆଶ୍ଚର୍ଯ୍ୟ, ତିରସ୍କାର କରିବା—ଗାଳି ଦେବା, ପରିଚ୍ଛନ୍ନ—ସଫା ସୁତୁରା, ପରସ୍ପର—ଆପଣା ଆପଣା, କର୍ତ୍ତବ୍ୟ—ଯାହା କରିବା ଉଚିତ ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ:—

ସୁବିଧା—ଅସୁବିଧା, ଧନୀ—ଦରିଦ୍ର, ତଳ—ଉପର, ଦୁଃଖୀ—ସୁଖୀ, ଜୀବନ—ମରଣ, ମଫସଲ—ସହର, ବର୍ଣ୍ଣିତ—ଉନ୍ନତ, ଅନୁଗ୍ରହ—ନିଗ୍ରହ, ଉଚିତ—ଅନୁଚିତ, ବ୍ୟୟ—ଆୟ, ସ୍ୱାଧୀନ—ପରାଧୀନ, ଉପକାର—ଅପକାର ।

Digitized by srujanika@gmail.com

ଅବଲାର୍ଥ:—

ସ୍ୱାଧୀନ ଦେଶର ଲୋକ···ସମସ୍ତଙ୍କର କର୍ତ୍ତବ୍ୟ(୧୪ପୃଷ୍ଠା)

ଯେଉଁ ଦେଶରେ ଲୋକେ ଆପଣାର ଶାସନ ବିଷୟ ବୁଝନ୍ତି ସେଠାରେ ସେମାନେ ପ୍ରତ୍ୟେକ କେବଳ ନିଜର ସୁଖ, ନିଜର ସୁବିଧା ଦେଖିଲେ ଚଳିବ ନାହିଁ । ତା ସଙ୍ଗେ ସଙ୍ଗେ ଅନ୍ୟ ଲୋକଙ୍କର ସୁଖ ଓ ସୁବିଧା ମଧ୍ୟ ଦେଖିବାକୁ ହେବ । ଏଠାରେ ଯେଉଁ ସମୟର କଥା କୁହ ଯାଇଅଛି ସେ ସମୟକୁ ଭାରତ ଇଂରେଜଙ୍କ ଅଧୀନ ଥିଲା, କିନ୍ତୁ ସ୍ୱାଧୀନତା ପାଇବ ବୋଲି ଚେଷ୍ଟା କରୁଥିଲା । ସ୍ୱାଧୀନ ଦେଶର ଲୋକେ କିପରି ଚଳିବା ଉଚିତ ତାହା ଏଠାରେ ମହାତ୍ମାଗାନ୍ଧି କହୁଅଛନ୍ତି । ଦେଶରେ ପ୍ରତ୍ୟେକ ଲୋକ କିପରି ସୁଖରେ ଓ ସୁବିଧାରେ ରହିପାରିବ ଓ ତା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର କଷ୍ଟ ବା ଅସୁବିଧା ନ ହେବ ସେଥିପାଇଁ ଅନେକଗୁଡ଼ିକ କରାଯାଇଥାଏ । ଏହି ଅଇନ ଗୁଡ଼ିକୁ ମାନି ଚଳିବା ପ୍ରତ୍ୟେକ ଲୋକ ପକ୍ଷରେ ଉଚିତ । ତା ନ କଲେ ଦେଶର ମଙ୍ଗଳ ହେବ ନାହିଁ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର:—

୧ । ଆମ୍ଭେମାନେ କେବଳ ନିଜର ସୁଖ ସୁବିଧା ନ ଦେଖି ଅନ୍ୟମାନଙ୍କର ସୁଖ ସୁବିଧା ମଧ୍ୟ ଦେଖିବା । ଯାହା କଲେ ଅନ୍ୟ ଲୋକଙ୍କୁ କଷ୍ଟ ହେବ ବା ସେମାନେ ଅସୁବିଧାରେ ପଡ଼ିବେ ତାହା କରିବା ନାହିଁ । ଦେଶର ଅଇନ ସବୁ ସମସ୍ତଙ୍କ ଭଲ ପାଇଁ ତିଆରି କରାଯାଇଥାଏ । ସେ ସବୁକୁ ମାନି ଚଳିବାକୁ ହେବ । ସ୍ୱାଧୀନ ଦେଶର ଲୋକେ ଏହିପରି କରିଥାନ୍ତି ।

Digitized by srujanika@gmail.com

୨ । ପରିଚ୍ଛନ୍ନ ନ ରହିଲେ ନିଜ ସ୍ୱାସ୍ଥ୍ୟର ହାନି ହୁଏ ଓ ପଡ଼ଶୀଙ୍କର ସ୍ୱାସ୍ଥ୍ୟର ମଧ୍ୟ କ୍ଷତି ଘଟେ । ଯେଉଁ ଲୋକ ମଇଲା ଲୁଗା ପିନ୍ଧେ, ଦେହକୁ ପରିଷ୍କାର ନ ରଖେ ତା ଦେହରେ କାଛୁ କୁଣ୍ଡିଆ ହୁଏ । ସେ କଷ୍ଟ ପାଏ । ପୁଣି ତାଠାରୁ ତେଉଁ ତା ସଙ୍ଗରେ ଚଳୁଥିବା ଲୋକଙ୍କୁ ମଧ୍ୟ ସେହି ରୋଗ ହେବ ।

ଯେଉଁ ଲୋକ ପିକା ଟାଣେ ତାର ମୁହଁ ଗନ୍ଧାଏ, କାଶ ରୋଗ ହୁଏ । ସମୟ ସମୟରେ କ୍ଷୟରୋଗ ହୁଏ । ଏ ହେଲା ତାର ନିଜର କ୍ଷତି । ସେ ଯଦି ଅନ୍ୟମାନଙ୍କ ସଙ୍ଗେ ଚଳିବା ବେଳେ ସେହିପରି ପିକା ଟାଣେ, ଏଣେ ତେଣେ ଖଙ୍କାର ପକାଏ ତେବେ ଅନ୍ୟ ଲୋକଙ୍କୁ ବଡ଼ ଅସୁବିଧା ହେବ । ହୁଏତ ତା ଖଙ୍କାରରେ ଥିବା ରୋଗ-ଜୀବାଣୁ ଅନ୍ୟ ଲୋକଙ୍କ ଠାରେ ପଶି ସେମାନଙ୍କୁ ମଧ୍ୟ ରୋଗରେ ପକାଇବ ।

୩ । ହକାର—ସହସ୍ର, ଗାଳିଦେବା—ତିରସ୍କାର, ଧୂଆଁ—ଧୂମ, ଗରିବ—ଦରିଦ୍ର, ସାଙ୍ଗବାଟୋଇ—ସହଯାତ୍ରୀ; ଜୁଣ୍ଡ—ସମବେତ ।

୪ । ଗାଡ଼ିଭିତରେ ଧୂଆଁ ଖାଇବା କିମ୍ବା ଖଙ୍କାର ପକାଇବା ଉଚିତ ନୁହେଁ । ସେ ଖଣ୍ଡିଏ ଚିଟ୍ ଲଗାପିନ୍ଧି ଦେହରେ ଗୋଟିଏ ମୋଟା ଚାଦର ଘୋଡ଼ିହୋଇ ଥାଆନ୍ତି ।

[୫] ଅନୁକରଣପ୍ରିୟ କାରିଗର

ଥରେ ଇଂଲଣ୍ଡର ଜଣେ ଭ୍ରମଣକାରୀ ଜାପାନ ବୁଲି ଆସିଥିଲେ । ସେ ଭାବିଥିଲେ ଯେ ଜାପାନୀମାନେ ଅନୁନ୍ନତ ଜାତି; କିନ୍ତୁ ଦେଖିବାକୁ ପାଇଲେ ଯେ ସେମାନେ କୌଣସି ବିଷୟରେ ଇଉରୋପର ଲୋକଙ୍କ ଠାରୁ ହୀନ ନୁହନ୍ତି ।

Digitized by srujanika@gmail.com

ଦିନେ ସେହି ଭ୍ରମଣକାରୀ ଟୋକିଓ ସହରରେ ବୁଲି ବୁଲି ଗୋଟିଏ ପୋଷାକ ଦୋକାନରେ ପହଞ୍ଚିଲେ । ସୋଟ୍'କ ଗୁଡ଼ିକ ବଡ଼ ସୁନ୍ଦର ଭାବରେ ତିଆରି ହୋଇଥିବାର ସେ ଦେଖି ପାରିଲେ । ସେ ଆପଣାର ଗୋଟିଏ ପୁରୁଣା କୋଟ ଦୋକାନୀକୁ ଦେଖାଇ ଠିକ୍ ତାର ମାପରେ ଓ ଛାଞ୍ଚରେ ଗୋଟିଏ କୋଟ କରି ପାରିବ କି ନା ପଚାରିଲେ । ଦୋକାନୀ ପୁରୁଣା କୋଟଟି ଭଲ କରି ଦେଖି ନୂଆ କୋଟ କରି ଦେବାକୁ ରାଜି ହେଲା । ଏଥିପାଇଁ ସେ ଦଶ ଟଙ୍କା ନେବ ବୋଲି କହିଲା । ଇଉରୋପୀୟ ଭଦ୍ରଲୋକ ତାଙ୍କ ପୁରୁଣା କୋଟଟିକୁ ଲଣ୍ଡନରୁ ତିରିଶ ଟଙ୍କାରେ କିଣିଥିଲେ । ସେ ଦେଖିଲେ ଯେ ଜାପାନର ଲୋକେ ଖୁବ ଶସ୍ତାରେ କାମକରି ଦିଅନ୍ତି । ଠିକ ପୁରୁଣା କୋଟ ପରି ଗୋଟିଏ ନୂଆ କୋଟ ପାଇଁ ସେ ବରାଦ ଦେଲେ ଓ ନମୁନାରୂପେ ପୁରୁଣା କୋଟଟି ଦେଇଗଲେ ।

ଜବାବ ଅନୁସାରେ ଭଦ୍ରଲୋକ କୋଟ ପାଇଁ ଦୋକାନରେ ପହଞ୍ଚିଲେ । ଦୋକାନୀ ଭଦ୍ରଲୋକଙ୍କୁ ଆଦରରେ ବସାଇ ନୂଆ କୋଟଟି ଦେଲେ । ସେ ତାକୁ ପିନ୍ଧି ଦର୍ପଣରେ ଦେଖିଲେ ଯେ ତାହା ବେଶ ସୁନ୍ଦର ହୋଇଛି; ସେଥିରେ ଟିକିଏ ହେଲେ ଦୋଷ ନାହିଁ । କିନ୍ତୁ ସେ ବିସ୍ମିତ ହୋଇ ଦେଖିଲେ ଯେ କୋଟର ଡାହାଣ ପାଖ ପକେଟ ଉପରେ ସିଲାଇ ଦାଗ ଅଛି । ସେଠାରେ ଏପରି ସିଲାଇ ହେବାର କିଛି କାରଣ ନ ଥିଲା । କାହିଁକି ସେଠାରେ ସିଲାଇ ହୋଇଛି ବୋଲି ପଚାରିବାରୁ ଦରଜି ପୁରୁଣା କୋଟଟି ଆଣି ଦେଖାଇ ଦେଲା । ପୁରୁଣା କୋଟର ଠିକ ସେହି ସ୍ଥାନରେ ମରାମତିର ସିଲାଇ ଦାଗ ଥିଲା । ଇଉରୋପୀୟ ଭଦ୍ରଲୋକ ଏବେ ବୁଝି ପାରିଲେ ଯେ କାରିଗର ତାଙ୍କ ପୁରୁଣା

Digitized by srujanika@gmail.com

କୋଟକୁ ଅବିକଳ ଅନୁକରଣ କରି କାମ କରନ୍ତି, ଏପରି କି ପୁରୁଣା କୋଟର ମରାମତି ଦାଗଟିକୁ ମଧ୍ୟ ବାଦ ଦେଇ ନାହିଁ ।

ପର୍ଯ୍ୟଟକ ଦୋକାନୀର ଅନୁକରଣ ଶକ୍ତିର ପ୍ରଶଂସା କରି ତାକୁ ଉପଯୁକ୍ତ ମୂଲ୍ୟ ଦେଲେ ଓ କୋଟ ଦୁଇଟି ଘେନି ଚାଲିଗଲେ ।

କଠିନ ଶବ୍ଦମାନଙ୍କର ଅର୍ଥ—

ୟୁରୋପୀୟ—ୟୁରୋପରେ ବାସ କରୁଥିବା, ପର୍ଯ୍ୟଟକ—ଭ୍ରମଣକାରୀ, ରଣକୌଶଳ—ଯୁଦ୍ଧ ଚତୁରତା; ସମକକ୍ଷ—ସମାନ ପରିଚ୍ଛଦ—ପୋଷାକ, ପରିପାଟୀ—କାରିଗରୀ; ପ୍ରୀତ—ଆନନ୍ଦିତ; ବ୍ୟବସାୟୀ—ଦୋକାନୀ; ପୁରାତନ—ପୁରୁଣା; ସମ୍ମତ—ରାଜିହେବା; ବିସ୍ମିତ—ତାଟକା; ପ୍ରତିଶ୍ରୁତି—ଜବାବ, ନିର୍ଦ୍ଦିଷ୍ଟ—ସ୍ଥିର ହୋଇ ଥିବା; ଉପସ୍ଥିତ ହେଲେ—ପହଞ୍ଚିଲେ, ସମ୍ମାନ—ଆଦର; ମୁଗ୍ଧ—ଅତି ଆନନ୍ଦିତ, ମୋହିତ, ସୂକ୍ଷ୍ମ—ସରୁ, ଦରହସିତ ମୁଖରେ—ଟିକିଏ ହସ ହସ ମୁହଁରେ; ନୀରବ—ତୁନି, ନମ୍ର—ନରମ, ଧୀର, ତ୍ରୁଟି—ଦୋଷ; ଖୁଣ, ସଂଶୋଧନ କରିବା - ଠିକ କରିବା;

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ପୁରୁଣା—ନୂଆ; ଭଦ୍ର—ଅଭଦ୍ର; ପୁରାତନ—ନୂତନ; ସମ୍ମତ—ଅସମ୍ମତ; ଆନନ୍ଦିତ—ଦୁଃଖିତ; ଉପସ୍ଥିତ—ଅନୁପସ୍ଥିତ; ସମ୍ମାନ—ଅସମ୍ମାନ; ସୂକ୍ଷ୍ମ—ସ୍ଥୂଳ; ଖୁଣ—ଗୁଣ; ଡାହାଣ—ବାଆଁ; ଅନୁଗ୍ରହ—ନିଗ୍ରହ; ନରମ—ଦଢ଼ ।

ସରଳାର୍ଥ—

ସେ ଦେଖିଲେ ଯେ……ପାରିଥିଲେ [୧୫ ପୃଷ୍ଠା]

ଜଣେ ଇଉରୋପ ଦେଶର ଲୋକ ଭ୍ରମଣ କରିବା ପାଇଁ ଜାପାନ ରାଜ୍ୟକୁ ଆସିଥିଲେ । ସେ ଭାବିଥିଲେ ଯେ ଜାପାନୀମାନେ

Digitized by srujanika@gmail.com

ଇଉରୋପର ଲୋକଙ୍କ ପରି ଉନ୍ନତ ନୁହନ୍ତି । କିନ୍ତୁ ଜାପାନକୁ ଆସି ସେ ଦେଖିଲେ ଯେ ଇଉରୋପର ଅଭିଜ୍ଞ ସ୍ଥାନୀୟ ଲୋକେ ଯେପରି ଭାବରେ କାର୍ଯ୍ୟ କରନ୍ତି, ବ୍ୟବସାୟ ବାଣିଜ୍ୟ କରନ୍ତି ଜାପାନୀମାନେ ମଧ୍ୟ ସେହିପରି କରନ୍ତି । ସେମାନଙ୍କର ବିଦ୍ୟା-ବୁଦ୍ଧି କମ ନୁହେଁ । ଶାସନ ପ୍ରଣାଳୀ ଓ ଯୁଦ୍ଧ କୌଶଳ ମଧ୍ୟ ସେମାନଙ୍କୁ ଭଲରୂପେ ଜଣା । ମୋଟ ଉପରେ ପ୍ରତ୍ୟେକ ବିଷୟରେ ଜାପାନୀମାନେ ୟୁରୋପର ଲୋକଙ୍କ ପରି ଉନ୍ନତ କରିଥିବାର ସେ ଦେଖି ପାରିଥିଲେ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର :—

୧ । ଜଣେ ଯେଉଁ କାର୍ଯ୍ୟ କରିଥାଏ ତାକୁ ଦେଖି ଠିକ୍ ସେହିପରି କରିବାକୁ ଅନୁକରଣ କହନ୍ତି ।

୨ । [ସାରକଥା ଦେଖ]

୩ । ଏହି ଗଳ୍ପରୁ ଜଣାଯାଉଅଛି ଯେ ଅନୁକରଣ କରିବା ବିଷୟରେ ଜାପାନର ଲୋକେ ଧୁରନ୍ଧର । ଏହି ଅନୁକରଣ ଶକ୍ତି ବଳରେ ସେମାନେ ୟୁରୋପୀୟ ଜାତିମାନଙ୍କ ସଙ୍ଗେ ସବୁ ବିଷୟରେ ସମାନ ହୋଇ ପାରିଅଛନ୍ତି ।

୪ । [ପ୍ରଥମ ପରିଚ୍ଛେଦ] ସେ—ପର୍ଯ୍ୟଟକ ଅର୍ଥରେ ବ୍ୟବହୃତ ।

[ଦ୍ୱିତୀୟ ପରିଚ୍ଛେଦ] ସେ—ପର୍ଯ୍ୟଟକ ଅର୍ଥରେ ବ୍ୟବହୃତ ।

[ତୃତୀୟ ପରିଚ୍ଛେଦ] ତାହାକୁ—ପୁରାତନ କୋଟଟି ଅର୍ଥରେ ବ୍ୟବହୃତ । ତାହାକୁ କୋଟ ଅର୍ଥରେ ବ୍ୟବହୃତ ।

Digitized by srujanika@gmail.com

[ଚତୁର୍ଥ ପରିଚ୍ଛେଦ] ତାହାଙ୍କୁ — ପଞ୍ଚମ ପରିବର୍ତ୍ତିରେ ବ୍ୟବହୃତ । ସେ — ପଞ୍ଚମ ପରିବର୍ତ୍ତିରେ ବ୍ୟବହୃତ । ତହିଁର — ବୋଉଟି ପରିବର୍ତ୍ତିରେ ବ୍ୟବହୃତ । ସେ — ପଞ୍ଚମ ପରିବର୍ତ୍ତିରେ ବ୍ୟବହୃତ । ତାହାର — ସିଲଇ ପରିବର୍ତ୍ତିରେ ବ୍ୟବହୃତ ।

[ପଞ୍ଚମ ପରିଚ୍ଛେଦ] ତାହାଙ୍କର—ପଞ୍ଚମ ପରିବର୍ତ୍ତିରେ ବ୍ୟବହୃତ । ସେ — ପଞ୍ଚମ ପରିବର୍ତ୍ତିରେ ବ୍ୟବହୃତ ।

[ଷଷ୍ଠ ପରିଚ୍ଛେଦ] ଅପଣଙ୍କର — ପଞ୍ଚମ ପରିବର୍ତ୍ତିରେ ବ୍ୟବହୃତ । ତାହା — ଜ୍ୱଟି ପରିବର୍ତ୍ତିରେ ବ୍ୟବହୃତ ।

[ସପ୍ତମ ପରିଚ୍ଛେଦ] ଅପଣ — ଭାରତର ପରିବର୍ତ୍ତିରେ ବ୍ୟବହୃତ ।

—ଃ✽ଃ—

[୬] ଅଭ୍ୟାସ

ଅଭ୍ୟାସ କଅଣ ?

କୌଣସି ଗୋଟିଏ କଥା ନୂଆକରି କଲାବେଳେ ଅମକୁ ବହୁତ ସାବଧାନ ହେବାକୁ ପଡ଼େ, ବହୁତ ଭାବିବା ଚିନ୍ତିବାକୁ ହୁଏ । କିନ୍ତୁ ସେହି କାମଟି ଅନେକ ଥର କଲାପରେ ଅଉ ସେତେ ସାବଧାନ ହେବାକୁ ପଡ଼େ ନାହିଁ କି ଭାବିବା ଚିନ୍ତିବାକୁ ହୁଏ ନାହିଁ । ସେତେବେଳେ କାମଟି ଅଭ୍ୟାସରେ ପଡ଼ିଯାଇଛି ବୋଲି କୁହାଯାଏ । ତେଣୁ କୌଣସି କାର୍ଯ୍ୟକୁ ବାରମ୍ବାର କରି ଶିଖିବାର ନାମ ଅଭ୍ୟାସ ।

Digitized by srujanika@gmail.com

ପିଲା ପ୍ରଥମେ କଥା କହି ପାରୁ ନଥାଏ । ସେ ଟିକିଏ ଟିକିଏ ଅଭ୍ୟାସ କରୁ କରୁ କଥା କହେ । ସେହିପରି ସେ ଚାଲିପାରୁ ନଥାଏ । ଚାଲିବାକୁ ଚେଷ୍ଟା କଲେ ତଳେ ପଡ଼ି ଯାଉଥାଏ । ଏହିପରି ଅନେକ ଥର କରିବା ଫଳରେ ସେ ଚାଲି ଶିଖେ । ପିଲା ଭଲକରି କଥା କହିପାରେ ନାହିଁ ବୋଲି ଯେବେ ସେ ଅର୍ଦ୍ଧେକଥା କହନ୍ତା ନାହିଁ, କି ଗୋଡ଼ ଖସି ପଡ଼ିଗଲା ବୋଲି ଅର୍ଦ୍ଧେ ଚାଲନ୍ତା ନାହିଁ ତେବେ ସେ କେବେ ହେଲେ ଜୀବନରେ କଥା କହି ପାରନ୍ତା ନାହିଁ କି ଚାଲି ପାରନ୍ତା ନାହିଁ । ପିଲା କେବଳ ଅଭ୍ୟାସ ବଳରେ କଥା କହି ଶିଖେ ଓ ଚାଲି ଶିଖେ । ସେହିପରି ଆମ୍ଭେମାନେ କୌଣସି କାମରେ ଥରେ ଦୁଇଥର ବିଫଳ ହୋଇପାରୁ କିନ୍ତୁ ଅଭ୍ୟାସ କଲେ ନିଶ୍ଚୟ ସଫଳ ହେବା । ଥରକେ ଯେଉଁ ବିଷୟ ଜାଣି ନ ହେଲା ତାକୁ ଜାଣିବା ପାଇଁ ମନ ଦେଇ ବାରମ୍ବାର ଚେଷ୍ଟା କରିବା ଉଚିତ । ମନ୍ଦ ଅଭ୍ୟାସ କରିବା ଉଚିତ ନୁହେଁ । ଖରାପ ଅଭ୍ୟାସ କଲେ ଜୀବନରେ ବହୁତ କଷ୍ଟ ଭୋଗିବାକୁ ପଡ଼େ । ଜଗତରେ ଯାହାସବୁ ଅସମ୍ଭବ ବୋଲି ଆମ୍ଭେମାନେ ମନେ କରୁଁ, ଅଭ୍ୟାସ କଲେ ସେ ସବୁ ଆମେ ମଧ୍ୟ କରି ପାରିବା । କୌଣସି କାମ ଅସାଧ୍ୟ କିମ୍ବା କଠିନ ନୁହେଁ, କେବଳ ଅଭ୍ୟାସ ଦରକାର । ଅଭ୍ୟାସ କଲେ ସବୁ ସହଜ ବୋଧ ହେବ । ଅଭ୍ୟାସ କରି ବହିସବୁ ପଢ଼ିଲେ ପିଲାମାନେ ଜ୍ଞାନ ଲାଭ କରି ପାରିବେ । ଥରେ ଚେଷ୍ଟା କରି କୌଣସି କାମ କରି ନ ପାରିଲେ ନିରାଶ ହେବା ଉଚିତ ନୁହେଁ । ଧୈର୍ଯ୍ୟ ଧରି ଅଭ୍ୟାସ କଲେ ଅସାଧ୍ୟ କାର୍ଯ୍ୟ ମଧ୍ୟ ସହଜରେ ସାଧ୍ୟ ହୋଇଯିବ ।

କଠିନ ଶବ୍ଦମାନଙ୍କର ଅର୍ଥ:---

ଶିଶୁ — ପିଲା, ତେଣୁକରି — ସେହିପରି, କୃତକାର୍ଯ୍ୟ — ସଫଳହେବା, ବ୍ୟାଧି — ରୋଗ, ପରିହାର — ତ୍ୟାଗକର, ପରିତେଜିଲେ — ମନେ

Digitized by srujanika@gmail.com

ହୁଏ, ଗ୍ରନ୍ଥ — ପୋଥି, ବହୁ, ବାରମ୍ବାର — ଥରକୁ ଥର ।

ସରଳାର୍ଥ: —

ସକଳ ବ୍ୟାଧିର..................ପରିହର (୧୯ପୃଷ୍ଠା)

କୌଣସି କାମ ବାରମ୍ବାର କଲେ ତାହା ଆମେ ସହଜରେ କରିପାରୁଁ । ଏହିପରି ବାରମ୍ବାର କାର୍ଯ୍ୟକରି ଶିଖିବାର ନାମ ଅଭ୍ୟାସ । କିନ୍ତୁ ଭଲକାମ ଯେପରି କରି ଯାଇପାରେ ମନ୍ଦକାମ ମଧ୍ୟ ସେହିପରି କରି ଯାଇପାରେ । ତେଣୁ ଅଭ୍ୟାସ ଭଲ ହୋଇପାରେ ବା ମନ୍ଦ ହୋଇପାରେ । ଯେଉଁମାନେ ମନ୍ଦ ଅଭ୍ୟାସ କରନ୍ତି ସେମାନେ ନାନା କଷ୍ଟ ପାଆନ୍ତି । ତେଣୁ ମନ୍ଦ ଅଭ୍ୟାସକୁ ଛାଡ଼ି ଭଲ ଅଭ୍ୟାସ କରିବା ଉଚିତ ।

କଷ୍ଟହିଁ କଠିନ.....................କାରଣ । (୧୯ପୃଷ୍ଠା)

କୌଣସି କୌଣସି କାର୍ଯ୍ୟ ଆମକୁ ବଡ଼ କଠିନ ବୋଧହୁଏ । ଆମେ ଭାବୁଁ, ଏ କାମ ଆମ ହାତରେ ହୋଇ ପାରିବ ନାହିଁ । କିନ୍ତୁ ଏପରି ଭାବିବା ଠିକ୍ ନୁହେଁ । ଅଭ୍ୟାସ କଲେ ଆଜି ଯାହା କଠିନ ବୋଲି ମନେ ହେଉଛି କିଛିଦିନ ପରେ ତାହା ସହଜ ଜଣା ପଡ଼ିବ । ଜଗତରେ କିଛି କଠିନ ନୁହେଁ ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ: —

ଶିଶୁ — ବୃଦ୍ଧ, ମନ୍ଦ — ଭଲ, ବସିବା — ଉଠିବା, କଠିନ — ସହଜ, ସାଧ୍ୟ — ଅସାଧ୍ୟ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର —

୧ । (କ) ମନ୍ଦ ଅଭ୍ୟାସ:---

ମିଛ କହିବା, ମନ୍ଦକଥା କହିବା, ପରକୁ ହିଂସା କରିବା, ଗୁରୁଙ୍କର ଅବାଧ୍ୟ ହେବା, ଦେହକୁ ମଇଳା ରଖିବା, ମଦ ପିଇବା ଇତ୍ୟାଦ ।

Digitized by srujanika@gmail.com

(ଖ) ଭଲ ଅଭ୍ୟାସ —

ସତ କହିବା, ଅନ୍ୟମାନଙ୍କୁ ସ୍ନେହ କରିବା, ପରକୁ ସାହାଯ୍ୟ କରିବା, ଦେହ ପରିଷ୍କୃତ ରଖିବା, ପ୍ରତ୍ୟହ ବ୍ୟାୟାମ କରିବା ଇତ୍ୟାଦି ।

୨ । ମୁଁ ନିମ୍ନଲିଖିତ ଭଲ ଅଭ୍ୟାସ ଗୁଡ଼ିକରେ ମନ ଦିଏଁ । ମୁଁ ପ୍ରତ୍ୟହ ପଢ଼ିବା ସମୟରେ ପଢ଼ା କରେଁ । ସନ୍ଧ୍ୟା ସମୟରେ କିଛି ସମୟ ନଈ କୂଳରେ ବୁଲେଁ । କେହି ବିପଦରେ ପଡ଼ି ଥିବାର ଦେଖିଲେ ତାକୁ ସାହାଯ୍ୟ କରେଁ । ସଫା ଲୁଗା ପିନ୍ଧିବା ଓ ଦେହକୁ ସଫା ରଖିବା ମୋର ଅଭ୍ୟାସ ।

୩ । (ସାରକଥା ଦେଖ)

୪ । ଅସାଧ୍ୟ — ଯାହା କରିବା ଅସମ୍ଭବ । ମୋ ପକ୍ଷରେ ଏ ନଦୀକୁ ପହଁରି ପାରହେବା ଅସାଧ୍ୟ ।

ଧୈର୍ଯ୍ୟ — ଦମ୍ଭ ।

କୌଣସି କାର୍ଯ୍ୟ କରିବାକୁ ଯାଇ ବିଫଳ ହେଲେ ନିରାଶ ହୁଅ ନାହିଁ, ଧୈର୍ଯ୍ୟ ଧରି ପୁଣି ଚେଷ୍ଟା କର ।

ଅଦ୍ଭୁତ — ଆଶ୍ଚର୍ଯ୍ୟଜନକ

ଜଣେ ବାଜୀକର ଆମ୍ଭମାନଙ୍କୁ କେତେଗୁଡ଼ିଏ ଅଦ୍ଭୁତ ଖେଳ ଦେଖାଇ ଥିଲା ।

ମନ୍ତ୍ର — ଯେଉଁ ଶ୍ଳୋକ ବା ଗୀତ ଦ୍ୱାରା ଅଦ୍ଭୁତ କାର୍ଯ୍ୟ କରି ହୁଏ ।

ରାମବୈଦ୍ୟ ମନ୍ତ୍ର ପଢ଼ି ଫୁଙ୍କି ଦେଇ ସାପକାମୁଡ଼ା ଭଲ କରି ଦିଅନ୍ତି ।

ତୃଡ଼ — ତ୍ରାଣ ।

Digitized by srujanika@gmail.com

ସରଦାର ପଟେଲଙ୍କର ହୃଦୟ ଏପରି ଦୃଢ଼ ଥିଲା ଯେ
ସେ ଯାହା କରିବାକୁ ଚାହୁଁ ଥିଲେ ତାହା ନକରି ଛାଡୁ ନଥିଲେ !

---

[୨] ଆଦର୍ଶ ଦେଶ ସେବକ

ସାରକଥା—

ଯେଉଁମାନେ ଦେଶ ଲୋକଙ୍କର ଉପକାର କରିବାରେ ଲାଗିଥାନ୍ତି ସେମାନଙ୍କୁ ଦେଶସେବକ କୁହାଯାଏ । ଅଧୁନିକ ଯୁଗରେ ମଧ୍ୟ କେତେ ଦେଶସେବକ ଓଡ଼ିଶାର ମାନ ରଖିଅଛନ୍ତି । ଏହି ପାଠଟିରେ ଗୁରିଜଣ ଦେଶସେବକଙ୍କ ଜୀବନ ଚରିତ ଅତି ସଂକ୍ଷେପରେ ଦିଆ ଯାଇଅଛି ।

(୧) କୁଳବୃଦ୍ଧ ମଧୁସୂଦନ:—

୧୮୪୮ ମସିହାରେ ମଧୁସୂଦନ ଦାସ ଜନ୍ମ ହୋଇ ଥିଲେ । ସେ ୮୬ ବର୍ଷ ବଞ୍ଚି ୧୯୩୪ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

ସେତେବେଳେ ଓଡ଼ିଶାରେ କଲେଜ ନଥିଲା; ରେଲପଥ ମଧ୍ୟ ନ ଥିଲା । ମଧୁସୂଦନ ଏଣ୍ଟ୍ରାନ୍‌ସ ପାସ୍ କରି ଚାଲି ଚାଲି କଲିକତା ଯାଇ ସେଠାରେ କଲେଜ ପାଠ ପଢିଥିଲେ । ସେ ଏମ୍, ଏ ଓ ବି, ଏଲ୍ ପାଶ କରିଥିଲେ । ତାଙ୍କ ଆଗରୁ କୌଣସି ଓଡ଼ିଆ ଏମ୍, ଏ ଓ ବି, ଏଲ୍ ପାସ କରି ନ ଥିଲେ । ବିଲାତ ଯିବା ବିଷୟରେ ସେ ଓଡ଼ିଆଙ୍କ ଭିତରେ ପ୍ରଥମ । ବିହାର ଓଡ଼ିଶା ପ୍ରଦେଶରେ ସେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଥିଲେ । ସେ କହୁଥିଲେ ଯେ ମନ୍ତ୍ରୀମାନେ ଲୋକଙ୍କର ପ୍ରତିନିଧି; ତେଣୁ ବେତନ ନେବା ଉଚିତ ନୁହେଁ । ମାତ୍ର ସରକାର ବିନା ଦରମାରେ ମନ୍ତ୍ରୀ ରଖିବାକୁ ରାଜି ନ ହେବାରୁ ସେ ମନ୍ତ୍ରୀପଦ ଛାଡ଼ି ଦେଲେ । ଭାରତବର୍ଷରେ ମନ୍ତ୍ରୀପଦ ଛାଡ଼ିବାରେ ସେ ପ୍ରଥମ ।

Digitized by srujanika@gmail.com

ଇଂରେଜ ସରକାର ଓଡ଼ିଆ ଭାଷୀ ଅଞ୍ଚଳମାନଙ୍କୁ ଭିନ୍ନ ଭିନ୍ନ ପ୍ରଦେଶ ସଙ୍ଗରେ ଯୋଡ଼ି ରଖିଥିବାରୁ ଓଡ଼ିଆମାନେ ବଡ଼ କଷ୍ଟ ପାଉଥିଲେ । ଏହି ବିଚ୍ଛିନ୍ନ ଅଞ୍ଚଳମାନଙ୍କୁ ଗୋଟିଏ ଶାସନରେ ରଖିବାକୁ ଆନ୍ଦୋଳନ କରି ସେ 'ଉତ୍କଳ ସମ୍ମିଳନୀ' ବସାଇଥିଲେ ।

ଓଡ଼ିଶାର ଶିଳ୍ପର ଉନ୍ନତି ପାଇଁ ସେ ଗୋଟିଏ ସୁନାରୁପା କାମର କାରଖାନା ଓ ଗୋଟିଏ କୋଡାର କାରଖାନା ବସାଇଥିଲେ । ଏହି କାରଖାନା ଦୁଇଟିର ଜିନିଷ ବିଦେଶରେ ମଧ୍ୟ ଆଦର ପାଉଥିଲା ।

ଓଡ଼ିଶାର ହାଲଚାଲ୍ ବାହାରେ ଜଣାଇବା ପାଇଁ ସେ 'ଦି ଓଡ଼ିଆ' ନାମକ ଗୋଟିଏ ଇଂରାଜୀ ସମ୍ବାଦପତ୍ର ପ୍ରକାଶ କରିଥିଲେ । ଇଂରେଜୀ ଓ ଓଡ଼ିଆ ଭାଷାରେ ସେ ସୁନ୍ଦର ବକ୍ତୃତା ଦେଇ ପାରୁଥିଲେ । ସେ କେତୋଟି ମନୋହର ଜାତୀୟ କବିତା ମଧ୍ୟ ଲେଖି ଯାଇଅଛନ୍ତି ।

ବ୍ୟାସକବି ଫକୀରମୋହନ :—

୧୮୪୩ ଖ୍ରୀଷ୍ଟାବ୍ଦରେ ଫକୀରମୋହନ ବାଲେଶ୍ୱର ଜିଲ୍ଲାରେ ଗୋଟିଏ କ୍ଷୁଦ୍ର ଗ୍ରାମରେ ଜନ୍ମିଥିଲେ । ସେ ଉଚ୍ଚ ଶିକ୍ଷା ପାଇ ପାରି ନଥିଲେ, କିନ୍ତୁ ନିଜ ଚେଷ୍ଟାରେ ସେ ଜ୍ଞାନ ଅର୍ଜନ କରି ଅନେକ ଗଡ଼ଜାତର ଦେଓଆନ କାର୍ଯ୍ୟ ଭଲ ରୂପେ ଚଳାଇ ପାରିଥିଲେ ।

ସେ ସମୟରେ ଓଡ଼ିଶାର ସ୍କୁଲ ଓ କଚେରୀରୁ ଓଡ଼ିଆ ଭାଷାକୁ ଉଠାଇ ତା ସ୍ଥାନରେ ବଙ୍ଗଳା ଚଳାଇବାର ଚେଷ୍ଟା ଚାଲିଥିଲା । କିନ୍ତୁ ଫକୀରମୋହନ ଆନ୍ଦୋଳନ କରି ତାହା ବନ୍ଦ କରାଇ ଦେଇଥିଲେ ।

Digitized by srujanika@gmail.com

ସେ ଯେପରି କାବ୍ୟ କବିତା ଲେଖିଅଛନ୍ତି ସେହିପରି ଗଦ୍ୟରେ ଗଳ୍ପ ଉପନ୍ୟାସ ମଧ୍ୟ ଲେଖିଅଛନ୍ତି । "ବୌଦ୍ଧାବତାର କାବ୍ୟ" ତାଙ୍କର ଗୋଟିଏ ପ୍ରଧାନ କାବ୍ୟ ପୁସ୍ତକ । 'ଅବସର ବାସରେ' ତାଙ୍କର ଅନେକ କବିତା ଅଛି । ମାମୁଁ, ଲଛମା, ଛଅମାଣ ଅଠଗୁଣ୍ଠ, ପ୍ରାୟଶ୍ଚିତ୍ତ ପ୍ରଭୃତି ଉପନ୍ୟାସ ଲେଖି ଫକୀରମୋହନ ଓଡ଼ିଶାରେ ବିଖ୍ୟାତ ହୋଇଅଛନ୍ତି । ତାଙ୍କର କେତେକ କ୍ଷୁଦ୍ରଗଳ୍ପ 'ଗଳ୍ପସଳ୍ପ' ନାମକ ପୁସ୍ତକରେ ପ୍ରକାଶିତ ହୋଇଅଛି ।

ସେ ଗଳ୍ପ ଉପନ୍ୟାସ ପ୍ରଭୃତି ଦ୍ୱାରା ଦେଶବାସୀଙ୍କୁ ଅନେକ ଶିକ୍ଷା ଦେଇ ଯାଇଅଛନ୍ତି । ଆମ ଦେଶ କିପରି ଉନ୍ନତ ହେବ ତହିଁର ସୂଚନା ଫକୀରମୋହନଙ୍କ ରଚନାରୁ ମିଳେ ।

(୩) ଉତ୍କଳମଣି ଗୋପବନ୍ଧୁ :—

ଗୋପବନ୍ଧୁ ପିଲାଦିନୁ ଦେଶର ମଙ୍ଗଳ ଚିନ୍ତା କରୁଥିଲେ । ସେ ବିଦ୍ୟା ଶିକ୍ଷା ଶେଷ କରିସାରିବା ପରେ ଶିକ୍ଷକତା ଓ ଓକିଲାତି କରିଥିଲେ । ପରେ ସେ କେବଳ ଦେଶ ସେବାରେ ଦିନ କଟାଇ ଦେଇଥିଲେ ।

ସତ୍ୟବାଦୀର ବଉଳ ଓ ଛୁରିଅନା ବଣ ମଧ୍ୟରେ ସେ ଗୋଟିଏ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଥିଲେ । ଏହି ବିଦ୍ୟାଳୟ ଭାରତରେ ସୁନାମ ଅର୍ଜି ପାରିଥିଲା ।

ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନ କରିବାପାଇଁ ଗୋପବନ୍ଧୁ ବହୁତ ଚେଷ୍ଟା କରିଥିଲେ । ବିଚ୍ଛିନ୍ନାଞ୍ଚଳମାନଙ୍କରେ ବୁଲି ସେ ପ୍ରଚାର କାର୍ଯ୍ୟ କରିଥିଲେ ଏବଂ ସିଂହଭୂମିରେ ଦୁଇଟି ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓଡ଼ିଆଙ୍କ ପାଇଁ ସ୍ଥାପନ କରିଥିଲେ ।

Digitized by srujanika@gmail.com

ସ୍ୱଦେଶରେ କାମ କରୁଥିବା ଓଡ଼ିଆମାନଙ୍କୁ ସଂଘବଦ୍ଧ କରି ସେ ସେମାନଙ୍କର ଅଭାବ ଅସୁବିଧା ଦୂର କରିବାକୁ ଚେଷ୍ଟା କରିଥିଲେ ।

ଯେତେବେଳେ ଦେଶରେ ବଢ଼ି ହେଉଥିଲା, କି ଦୁର୍ଭିକ୍ଷ ହେଉଥିଲା ସେତେବେଳେ ଗୋପବନ୍ଧୁ ପ୍ରାଣପଣେ ଲୋକଙ୍କୁ ସାହାଯ୍ୟ କରୁଥିଲେ ।

ଆଜିକାଲି ଯେଉଁ 'ସମାଜ' ପତ୍ରିକା ପ୍ରକାଶ ପାଉଛି ତାହାକୁ ଗୋପବନ୍ଧୁ ପ୍ରତିଷ୍ଠା କରିଥିଲେ ।

ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ସେ କେତେ ବର୍ଷ ଜେଲ୍ ଭୋଗିଥିଲେ । ସେ ଥିଲେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର ପ୍ରଧାନ ନେତା । ଦେଶ କିପରି ସ୍ୱାଧୀନ ହେବ ସେଥିଲାଗି ସେ ବ୍ୟାକୁଳ ଥିଲେ ।

ସେ କେତେଗୁଡ଼ିଏ କବିତା ଲେଖି ଯାଇଅଛନ୍ତି, ସେଥିରୁ ତାଙ୍କର ଦେଶ ପ୍ରେମ ଜଣାପଡ଼େ ।

ସେ ୧୯୨୮ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ । ସେ ସମାଜ ପତ୍ରିକା ଓ ତାର ଛାପାଖାନାକୁ ଦେଶବାସୀଙ୍କୁ ଦେଇ ଯାଇଅଛନ୍ତି ।

ସଂସ୍କାରକ ବିଶ୍ୱନାଥ:—

ପିଲାଦିନେ ବିଶ୍ୱନାଥ ସଂସ୍କୃତ ପଢ଼ି ହିନ୍ଦୁ ଧର୍ମ ବିଷୟରେ ଅନେକ କଥା ଜାଣିଲେ । ସେ ଦେଖିଲେ ଯେ ଧର୍ମ କହିଲେ ଲୋକେ ନାନା ଯାତ୍ରା, ପୁଣ୍ୟ, ପର୍ବ ଛଡ଼ା ଆଉ କିଛି ବୁଝନ୍ତି ନାହିଁ । ସମାଜର ଜାତିଭେଦ ଧର୍ମଭେଦ ଓ ମୂର୍ତ୍ତିପୂଜାକୁ ମାନୁ ନଥିଲେ । ସେ କୌଣସି ଜାତିର ଲୋକ ସଙ୍ଗେ ଖାଉଥିଲେ ।

ସେ ହିନ୍ଦୁ ଧର୍ମ ଛାଡ଼ି ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ । ଏକ

Digitized by srujanika@gmail.com

ଈଶ୍ୱରରେ ବିଶ୍ୱାସ ରଖିବା ହିନ୍ଦୁ, ବୌଦ୍ଧ, ମୁସଲମାନ, ଖ୍ରୀଷ୍ଟିଆନ ପ୍ରଭୃତି ଅନ୍ୟ ଧର୍ମକୁ ମଧ୍ୟ ସମାନ ମନେ କରିବା ବ୍ରାହ୍ମଧର୍ମର ନୀତି । ସେ ବ୍ରାହ୍ମଧର୍ମ ଗ୍ରହଣ କରି ସେହି ଧର୍ମର ପ୍ରଚାର ପାଇଁ ଯତ୍ନ କରିଥିଲେ ।

ସେ 'ଉତ୍କଳ ସାହିତ୍ୟ' ବୋଲି ଗୋଟିଏ ମାସିକ ପତ୍ରିକା ବାହାର କରୁଥିଲେ । ସେଥିରେ ବାହାରୁଥିବା ବିଷୟଗୁଡ଼ିକୁ ସେ ଉତ୍ତମରୂପେ ସଂଶୋଧନ କରି ଦେଉଥିଲେ । ବିବିଧ ପୁସ୍ତକ ପାଠ କରି ଜ୍ଞାନ ଅର୍ଜିବା ତାଙ୍କର ପ୍ରକୃତି ଥିଲା ।

ସେ ସ୍ତ୍ରୀ ଶିକ୍ଷାର ପକ୍ଷପାତି ଥିଲେ ଓ ନିଜ କନ୍ୟାମାନଙ୍କୁ ଉଚ୍ଚ ଶିକ୍ଷା ଦେଇଥିଲେ । ସେ ଜଣେ ବଡ଼ ସାହିତ୍ୟିକ ଓ ସମାଜ ସଂସ୍କାରକ ଥିଲେ ।

କଠିନ ଶବ୍ଦମାନଙ୍କର ଅର୍ଥ:—

ଜୀବନୀ—ଜୀବନ ଚରିତ, ଆଲୋଚନା—ଚର୍ଚ୍ଚା, ବିଚାର, ସଂସ୍କାରକ—ଯେ ସଂସ୍କାର କରନ୍ତି, ଆଭାସ—ସୂଚନା, ପ୍ରେରଣା—ଉତ୍ସାହ, ଆଖ୍ୟା—ଉପାଧି, କାର୍ଯ୍ୟାବଳୀ—କାର୍ଯ୍ୟ ସମୂହ, ଜୀବିତ ରହି—ବଞ୍ଚି, ନିଯୁକ୍ତ ଥିଲେ—ଲାଗି ରହିଥିଲେ, ବେତନ—ଦରମା ଖ୍ୟାତି—ପ୍ରଶଂସା, ବିଚ୍ଛିନ୍ନ—ଅଲଗା ଥିବା, ଏକତ୍ର—ଏକାଠି, ଜଡ଼ିତ ଅଛି—ମିଶି ରହିଛି, ଅତ୍ୟୁକ୍ତି—ବାହୁଲ୍ୟ, ବହ୍ନି—ନିଆଁ, ପ୍ରଜ୍ୱଳିତ କର—ଜାଳି ଦିଅ, ସ୍ୱାର୍ଥମେଧ ଯଜ୍ଞ—ଯେଉଁ ଯଜ୍ଞରେ ନିଜର ଲାଭକୁ ବଳି ଦିଆଯାଏ, ଦେୱାନ—ରାଜାଙ୍କର ପ୍ରଧାନ କର୍ମଚାରୀ, ମର୍ଯ୍ୟାଦା—ମାନ, ଲେଖନୀ—କଲମ, ମହତ୍ତ୍ୱ—ଶ୍ରେଷ୍ଠ, ଉଦ୍ଦେଶ୍ୟ—ଲକ୍ଷ୍ୟ, ଖ୍ୟାତି—ଜଣାଶୁଣା, ଦୀନ—ଗରିବ, ଉତ୍କର୍ଷ—ଉନ୍ନତି, ହିତ—ମଙ୍ଗଳ, ଉଦାହରଣ—ନମୁନା, ଅସହଯୋଗ—ସରକାରଙ୍କ ସଙ୍ଗେ କୌଣସି କାମରେ ନ ମିଶିବା ନୀତି, ମୁକ୍ତ—ଖଲାସ, ସାର୍ଥକ—ସଫଳ ।

Digitized by srujanika@gmail.com

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ:—

ଦୁଃଖ—ସୁଖ, ଉଚିତ—ଅନୁଚିତ, ତ୍ୟାଗ—ଗ୍ରହଣ, ନିଜ—ପର, ନବ—ପୁରାତନ, ବୁଦ୍ଧିମାନ—ନିର୍ବୁଦ୍ଧିଆ, ଉନ୍ନତ—ଅବନତ, ପଦ୍ୟ—ଗଦ୍ୟ, କ୍ଷୁଦ୍ର—ବୃହତ୍, ସୁନ୍ଦର—ଅସୁନ୍ଦର, ଉଚ୍ଚ—ନୀଚ, ସାର—ଅସାର, ଶ୍ରେଷ୍ଠ—ନିକୃଷ୍ଟ, ପ୍ରଶଂସା—ନିନ୍ଦା, ନୂଆ—ପୁରୁଣା, ମହାଜନ—ଖାତକ, ପ୍ରଭୁ—ଭୃତ୍ୟ, ଶାସକ—ଶାସିତ ।

ସରଳାର୍ଥ:—

ତାଙ୍କ ଜୀବନ ସହିତ.........ଜଡ଼ିତ ଅଛି (୨୨ପୃଷ୍ଠା)

ସ୍ୱର୍ଗତ ମଧୁସୂଦନ ଦାସ ଓଡ଼ିଶାର ଜଣେ ବିଖ୍ୟାତ ନେତା ଥିଲେ । ସେ ଓଡ଼ିଶାର ପ୍ରଥମ ଏମ୍, ଏ, ବି, ଏଲ୍, ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଥିଲେ । ମନ୍ତ୍ରିତ୍ୱ ଛାଡ଼ିବାରେ ସେ ଭାରତରେ ପ୍ରଥମ । ଓଡ଼ିଶାର ଗୌରବ ବଢ଼ାଇବା ପାଇଁ ସେ ନାନା କାର୍ଯ୍ୟ କରିଥିଲେ । ସେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଥିଲେ । ତାଙ୍କଦ୍ୱାରା ସୁନା, ରୁପା, ଶିଳ୍ପ ଓ ଜୋତା କାରଖାନା ସ୍ଥାପିତ ହୋଇଥିଲା । ଆଧୁନିକ ଯୁଗରେ ଓଡ଼ିଶାରେ ଯେଉଁସବୁ ଉନ୍ନତି ଘଟିଅଛି ସେ ସବୁର ମୂଳରେ ମଧୁବାବୁଙ୍କର ଚେଷ୍ଟା ରହିଅଛି । ଅତଏବ ଆଧୁନିକ ଓଡ଼ିଶାର ପ୍ରତ୍ୟେକ ପ୍ରଧାନ ଘଟଣା ସଙ୍ଗେ ମଧୁବାବୁଙ୍କ ଜୀବନର ଘନିଷ୍ଠ ସମ୍ବନ୍ଧ ରହିଛି ।

ଜାତି ପ୍ରେମ-ବହ୍ନି.........ମିଶାଇ ଛାତି । (୨୩ପୃଷ୍ଠା)

ମଧୁବାବୁ କେତେଟି ଜାତୀୟ କବିତା ଲେଖି ଯାଇଅଛନ୍ତି । ଏହି ପଦଟି ତାଙ୍କର ଗୋଟିଏ କବିତାର ଅଂଶ । ସେ ଉତ୍କଳ ବାସୀଙ୍କୁ ଅହ୍ୱାନ କରି କହୁଅଛନ୍ତି ।

Digitized by srujanika@gmail.com

"ହେ ଉତ୍କଳୀୟ ମନେ, ତୁମ୍ଭେମାନେ ଜାତୀୟ ପ୍ରେମ ରୂପକ ଅଗ୍ନିକୁ ଜାଳ ଅର୍ଥାତ୍ ତୁମ୍ଭ ମନରେ ଜାତୀୟ ପ୍ରେମ ବିଶେଷ ଭାବରେ ଜାଗ୍ରତ ହେଉ । ଯଜ୍ଞରେ ଘୃତ ଅର୍ପଣ ହେଲାପରି ତୁମ୍ଭେମାନେ ଇତ ପ୍ରେମରେ ମତ ସ୍ୱାର୍ଥକୁ ତ୍ୟାଗ କର । ଯଜ୍ଞରେ ପଶୁ ବଳି ହେଲାପରି ଆମ୍ଭେମାନେ ସ୍ୱାର୍ଥକୁ ମଧ୍ୟ ବଳି ଦେବା । ସ୍ୱାର୍ଥକୁ ତ୍ୟାଗ କଲେ ଜାତୀୟ ପ୍ରେମ ଜନ୍ମି ପାରିବ । ନିଃସ୍ୱାର୍ଥପର ଭାବରେ ଜାତିର ସେବା କଲେ ଆମ୍ଭେମାନେ ଭେଦଭାବ ଭୁଲି ସମସ୍ତଙ୍କ ସଙ୍ଗେ ମିଳି ସୁଖ ଭୋଗ କରି ପାରିବା ।

ଉଚ୍ଚନୀଚ···ଜାତିଭେଦ ଶିଖାଇ ଯାଇଅଛନ୍ତି ।(୨୪ପୃଷ୍ଠା)

ଆମ୍ଭେମାନେ ଦୁନିଆଁରେ ଧନୀ, ଗରିବ, ସାନ ବଡ଼ ଭେଦ ଭାବ ଦେଖୁଁ । ଧନୀ ଗରିବ ଉପରେ ଅତ୍ୟାଚାର କରେ । ବଡ଼ ସାନକୁ ଘୃଣା କରେ । ଏହି ଭେଦ ଯୋଗୁ ଦେଶରେ ଅମଙ୍ଗଳ ହୁଏ । ଯେ ଗରିବ ବା ନୀଚ ତା ଠାରେ ଯେ କୌଣସି ଭଲ ଗୁଣ ନାହିଁ ଏହା ନୁହେଁ । ଫକୀର ମୋହନ ତାଙ୍କର ଉପନ୍ୟାସ ଓ ଗଳ୍ପ ମାନଙ୍କରେ ଯେଉଁସବୁ ଚରିତ୍ରର ବର୍ଣ୍ଣନା ଦେଇଅଛନ୍ତି ସେ ସବୁର ଭେଦଭାବର ନିନ୍ଦା କରି ଯାଇଅଛି, ନୀଚ ଦରିଦ୍ରଠାରେ ମଧ୍ୟ ଭଲଗୁଣ ଥିବାର ଦେଖାଇ ଦିଆ ଯାଇଅଛି । ତାଙ୍କର ଗଳ୍ପ ଉପନ୍ୟାସ ପ୍ରଭୃତି ପଢ଼ିଲେ ଆମ୍ଭେମାନେ ଶିକ୍ଷାପାଉଁ ଯେ ଆମ୍ଭମାନଙ୍କ ମଧ୍ୟରେ ଧନୀ ଦରିଦ୍ର, ଉଚ୍ଚନୀଚ ଏପରି ଭେଦ ଭାବ ରଖିବା ଉଚିତ ନୁହେଁ ଏବଂ ଯାହାଠାରେ ଗୁଣ ଅଛି, ସେ ଧନୀ ହେଉ ବା ଗରିବ ହେଉ, ଉଚ୍ଚ କୁଳରେ ଜନ୍ମିଥାଉ ବା ନୀଚ କୁଳରେ ଜନ୍ମିଥାଉ, ତାକୁ ଆଦର କରିବା ଉଚିତ ।

Digitized by srujanika@gmail.com

ମିଶୁ ମୋର ଦେହ..............ମାଂସ ହାଡ଼ (୨୭ପୃଷ୍ଠା)

ଉତ୍କଳମଣି ଗୋପବନ୍ଧୁ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ କେତେକ ବର୍ଷ କାରାଦଣ୍ଡ ଭୋଗିଥିଲେ । ଜେଲଖାନାରେ ଥାଇ ସେ କେତେଗୁଡ଼ିଏ କବିତା ଲେଖିଥିଲେ । ସେହି କବିତା ଗୁଡ଼ିକ "ବନ୍ଦୀର ଆତ୍ମକଥା" ନାମକ ପୁସ୍ତକରେ ପ୍ରକାଶିତ ହୋଇଅଛି । ସେଥିରେ ଗୋଟିଏ କବିତାରେ ସେ ଲେଖି ଅଛନ୍ତି—

"ଦେଶ ସେବା କରି କରି ମୋର ପ୍ରାଣ ବାହାରି ଯାଉ । ମୋର ଯେଉଁ ଦେଶରେ ଜନ୍ମ, ସେହି ଦେଶର ମାଟିରେ ମୋର ଦେହ ମିଶି ଯିବ । ଦେଶର ଲୋକେ ମୋ ପିଠିରେ ଚାଲିଯାନ୍ତୁ ।

ଦେଶର ସେବାକରି ମରି ପାରିଲେ ମୁଁ ଧନ୍ୟ ହେବି । ଦେଶ ସ୍ୱରାଜ୍ୟ ପାଇଁ ଆନ୍ଦୋଳନ କରୁଛି । ସ୍ୱରାଜ୍ୟ ପାଇବା ପାଇଁ ଅନେକ ବାଧା ବିଘ୍ନ ରହିଛି । ସେ ସବୁ ଦୂର କରିବାକୁ ମୁଁ ପ୍ରାଣପଣେ ଚେଷ୍ଟା କରିବି । ଏହି ଚେଷ୍ଟାରେ ଯଦି ମୋର ପ୍ରାଣ ବାହାରିଯାଏ ତେବେ ମୁଁ ଜୀବନକୁ ସଫଳ ମନେ କରିବି ।"

ଏଥିରୁ ଜଣାପଡ଼ୁଛି ଯେ ଗୋପବନ୍ଧୁ ଦେଶ ସେବାକୁ ଜୀବନର ପ୍ରଧାନ ଲକ୍ଷ୍ୟ ବୋଲି ମନେ କରୁଥିଲେ ଏବଂ ଦେଶର ସ୍ୱାଧୀନତା ଲାଭ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ଥିଲେ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ମଧୁସୂଦନ ଓଡ଼ିଆ ଜାତିର ମହତ୍ତ୍ୱ ରକ୍ଷା କରିବାକୁ ସବୁବେଳେ ଚେଷ୍ଟା କରୁଥିଲେ ।

ଓଡ଼ିଶାର ସୁନାରୁପାର କାରିଗରି କାମ ଖୁବ୍ ଭଲ । ଏହାର ଆଦର ବଢ଼ାଇବା ପାଇଁ ସେ କଟକରେ ସୁନାରୁପା ତାରକସି କାମର ଗୋଟିଏ କାରଖାନା ବସାଇଥିଲେ । ଦେଶ ବିଦେଶର ଲୋକେ ଏହାର କାମ ଦେଖି ଓଡ଼ିଆଙ୍କ କାରିଗରିର ପ୍ରଶଂସା

Digitized by srujanika@gmail.com

କରିଥିଲେ । ମଧୁସୂଦନ ଗୋଟିଏ ଜୋତାକାରଖାନା ମଧ୍ୟ ବସାଇଥିଲେ । ଏହି କାରଖାନାର ଜିନିଷ ଯେପରି ସୁନ୍ଦର ସେହିପରି ମଜବୁତ ହେଉଥିଲା । ବିଦେଶରେ ଲୋକ ଏହି କାରଖାନାର ଜୋତାକୁ ଆଦର କରୁଥିଲେ । ଏହାଦ୍ୱାରା ବାହାରେ ଓଡ଼ିଆଙ୍କର ଟେକ ରହୁଥିଲା ।

୨ । ଉତ୍କଳମଣି ଗୋପବନ୍ଧୁଙ୍କ ବିଷୟରେ କୁହାଯାଇଅଛି ଯେ ସେ ଶିକ୍ଷକତା ଓ ଓକିଲାତି ଛାଡ଼ିବା ପରେ ଦେଶ ସେବା କରିବାକୁ ଜୀବନର ଏକମାତ୍ର ପ୍ରଧାନ କର୍ତ୍ତବ୍ୟ ରୂପେ ଧରି ନେଇଥିଲେ । ପ୍ରକୃତରେ ଦେଶ ସେବା ତାଙ୍କର ଏକମାତ୍ର ବ୍ରତ ହୋଇଥିଲା । ତାଙ୍କ ଦେଶ ସେବାର ଦୁଇଟି ଉଦାହରଣ ଦିଆଯାଉଅଛି ।

ଦେଶରେ ଶିକ୍ଷା ବିସ୍ତାର ନ ହେଲେ ଦେଶର ଉନ୍ନତି ହୋଇ ନ ପାରେ । ଦେଶରେ ଶିକ୍ଷାର ବୃଦ୍ଧି ପାଇଁ ସେ ସତ୍ୟବାଦୀରେ ଗୋଟିଏ ଉଚ୍ଚ ବିଦ୍ୟାଳୟ ବସାଇଥିଲେ । ଏହି ବିଦ୍ୟାଳୟର କେତେକ ବିଶେଷତ୍ୱ ଥିଲା । ସାଧାରଣତଃ ବିଦ୍ୟାଳୟ ପାଇଁ ବଡ଼ ବଡ଼ ପକ୍କାଘର ତିଆରି ହୋଇଥାଏ । ଛାତ୍ରମାନେ ହାତରେ କୌଣସି କାମ କରିବାକୁ ଘୃଣା କରନ୍ତି । କିନ୍ତୁ ଏହି ବିଦ୍ୟାଳୟର ଛାତ୍ରମାନେ ବଉଳ ଓ କୁରୁଅନା ବଣ ମଧ୍ୟରେ ତଳେ ବସି ପାଠ ପଢ଼ୁଥିଲେ । ନିଜ କାମ ନିଜ ହାତରେ କରୁଥିଲେ । ସେମାନେ ଜାତିଭେଦ ମାନୁ ନ ଥିଲେ । ସମସ୍ତେ ଭାଇ ଭାଇ ପରି ଚଳୁଥିଲେ । ଏହି ସବୁ କାରଣରୁ ସମଗ୍ର ଭାରତବର୍ଷରେ ଏହି ବିଦ୍ୟାଳୟର ସୁନାମ ହୋଇଥିଲା ।

ସେତେବେଳେ ଭାରତବର୍ଷ ଇଂରେଜମାନଙ୍କ ଅଧୀନ ଥିଲା । ଦେଶ ପରାଧୀନ ଥିବାରୁ ଲୋକେ ଉନ୍ନତି କରିପାରୁ ନ ଥିଲେ, ସୁଖରେ ରହିପାରୁ ନ ଥିଲେ । ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ

Digitized by srujanika@gmail.com

ମହାତ୍ମାଗାନ୍ଧି ଅସହଯୋଗ ଆନ୍ଦୋଳନ ଆରମ୍ଭ କଲେ । ଦେଶର ଲୋକେ ଇଂରେଜ ସରକାରଙ୍କ ସଙ୍ଗେ କୌଣସି କଥାରେ ସହଯୋଗ ନ କରିବା ଏହି ଆନ୍ଦୋଳନର ନୀତି ଥିଲା । ଗୋପବନ୍ଧୁ ଓଡ଼ିଶାରେ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ତାଙ୍କର ଆଦର୍ଶକୁ ମାନି ଓଡ଼ିଶାର ବହୁ ସଂଖ୍ୟକ ଯୁବକ ଜେଲ ଭୋଗି ଥିଲେ । ସେ ନିଜେ ମଧ୍ୟ ଅଢ଼େଇ ବର୍ଷ କାଳ କାରାଦଣ୍ଡ ପାଇଥିଲେ । ଦେଶକୁ ସ୍ୱାଧୀନ କରିବା ପାଇଁ ସେ ଯେ କୌଣସି କଷ୍ଟ ଭୋଗିବାକୁ ପ୍ରସ୍ତୁତ ଥିଲେ । ବାସ୍ତବରେ ଦେଶ ସେବା ତାଙ୍କର ଏକମାତ୍ର ବ୍ରତ ଥିଲା ।

୩ । ଫକୀରମୋହନଙ୍କ ସମୟରେ ବଙ୍ଗାଳୀମାନେ କୌଶଳ କରି ଓଡ଼ିଶାର ସ୍କୁଲ ଓ କଚେରୀମାନଙ୍କରୁ ଓଡ଼ିଆ ଭାଷାକୁ ଉଠାଇଦେବାକୁ ବସିଥିଲେ । ଫକୀରମୋହନ ଆନ୍ଦୋଳନ କରି ତାହା କରାଇ ଦେଇ ନଥିଲେ । ସେ ସଂସ୍କୃତ ରାମାୟଣ ଓ ମହାଭାରତକୁ ଓଡ଼ିଆରେ ଅନୁବାଦ କରିଥିଲେ । ସେ ବୌଦ୍ଧାବତାର କାବ୍ୟ ବୋଲି ଗୋଟିଏ କାବ୍ୟ ଓ ଅନେକ କବିତା ଲେଖିଥିଲେ । କବିତାମାନଙ୍କ ମଧ୍ୟରୁ କେତେକ "ଅବସର ବାସରେ", ନାମକ ପୁସ୍ତକରେ ପ୍ରକାଶ ପାଇଛି । ସେତେବେଳକୁ ଓଡ଼ିଆ ସାହିତ୍ୟରେ କୌଣସି ଗଦ୍ୟ ଗ୍ରନ୍ଥ ନଥିଲା ବୋଲି କହିଲେ ଚଳେ । ସେ ଓଡ଼ିଆ ଗଦ୍ୟ ସାହିତ୍ୟକୁ ନୂଆ ରୂପ ଦେଲେ । ଓଡ଼ିଆ ସାହିତ୍ୟରେ ତାଙ୍କର ଲଛମା, ଛମାଣ ଆଠଗୁଣ୍ଠ, ମାମୁଁ, ପ୍ରାୟଶ୍ଚିତ ପ୍ରଭୃତି ଉପନ୍ୟାସ ଗୁଡ଼ିକର ସ୍ଥାନ ଉଚ୍ଚରେ । ତାଙ୍କ ଉପନ୍ୟାସ ଗୁଡ଼ିକରୁ ଆମ୍ଭେମାନେ ଅନେକ କଥା ଶିକ୍ଷା କରୁ । କ୍ଷୁଦ୍ରଗଳ୍ପ ଜ... ... ମଧ୍ୟ ଫକୀରମୋହନଙ୍କର

Digitized by srujanika@gmail.com

ଭଲ ହୋଇ ଥିଲା । ତାଙ୍କର କ୍ଷୁଦ୍ରଗଳ୍ପ ଗୁଡ଼ିକ ଏକତ୍ର କରାଯାଇ, 'ଗଳ୍ପ ସ୍ୱଳ୍ପ' ନାମରେ ପ୍ରକାଶ ପାଇଛି । ତାଙ୍କର ଓଡ଼ିଆ ସାହିତ୍ୟକୁ ଏହି ସବୁ ଦାନ ପାଇଁ ତାଙ୍କୁ ବ୍ୟାସକବି କୁହାଯାଏ । ତାଙ୍କ ଦ୍ୱାରା ଓଡ଼ିଆ ଭାଷାର ମହତ୍ତ୍ୱ ଯଥେଷ୍ଟ ବଢିଥିଲା ।

୪ । ଅମ୍ଭମାନଙ୍କ ସମାଜରେ ଏବେ ମଧ୍ୟ ଅନେକ ମନ୍ଦପ୍ରଥା ଚାଲୁଛି । ଉଦାହରଣ ସ୍ୱରୂପ ଜାତି ଭେଦ । ଆମ ସମାଜରେ ଜାତି ପ୍ରଥା ଥିବାରୁ ଅମ୍ଭେମାନେ ପରସ୍ପରକୁ ଘୃଣା କରୁଛୁ । ଏକାଠି ମିଳିମିଶି କିଛି କରି ପାରୁନାହୁଁ । ସ୍ତ୍ରୀମାନେ ପରଦା ଭିତରେ ରହିବା ଗୋଟିଏ କୁପ୍ରଥା । ପରଦାରେ ରହିବା ଦ୍ୱାରା ସ୍ତ୍ରୀମାନଙ୍କର ସ୍ୱାସ୍ଥ୍ୟ ଖରାପ ହେଉଛି । ସେମାନେ ବାହାର ବିଷୟ କିଛି ଜାଣି ପାରୁନାହାନ୍ତି । ତାଙ୍କର ଶିକ୍ଷା ପାଇବାଦିଗରେ ମଧ୍ୟ ପରଦା ଦ୍ୱାରା ବାଧା ପଡୁଛି । ବିବାହରେ ଯୌତୁକ ଦେବା ନେବା ଗୋଟିଏ କୁପ୍ରଥା । ଏହା ଫଳରେ ଅନେକ ସ୍ଥଳରେ ବରକନ୍ୟାଙ୍କର ପରସ୍ପରକୁ ବିବାହ କରିବାକୁ ଇଚ୍ଛା ଥିଲେ ସୁଦ୍ଧା ସେମାନଙ୍କର ବିବାହ ହୋଇ ପାରୁନାହିଁ । କେତେ କେତେ ଗରିବ ଲୋକ ଯୌତୁକ ଦେଇ ନ ପାରି ଝିଅମାନଙ୍କୁ ବିବାହ ଦେଇ ପାରୁନାହାନ୍ତି । ଏହିପରି ଅନେକ କେତେ କୁପ୍ରଥା ଆମ ସମାଜରେ ଚାଲୁଛି ।

୫ । କୁଳବୃଦ୍ଧ—ଜାତିରେ ସବୁଠାରୁ ବୟସ୍କ ।
ଉତ୍କଳମଣି—ଉତ୍କଳର ଶ୍ରେଷ୍ଠ ମହାପୁରୁଷ ।
ବ୍ୟାସକବି—ବ୍ୟାସଙ୍କ ପରି ଶ୍ରେଷ୍ଠ କବି ।
ସଂସ୍କାରକ—ସମାଜରେ ଚାଲୁଥିବା ମନ୍ଦ ପ୍ରଥା ଯେ ସଂଶୋଧନ କରନ୍ତି ।

Digitized by srujanika@gmail.com

କୁପ୍ରଥା—ମନ୍ଦ ରୀତି ନୀତି ।
ଜାତିଭେଦ—ହିନ୍ଦୁ ସମାଜର ବ୍ରାହ୍ମଣ, କରଣ ପ୍ରଭୃତି ଜାତି ଭିତରେ ସାନବଡ଼ ଭେଦ ଭାବ ।
ଦେଶ ସେବାବ୍ରତ—ଦେଶର ଲୋକଙ୍କ ଉପକାର କରିବା ପାଇଁ ପ୍ରତିଜ୍ଞା ।

---

[୮] ଆମେ ନିଜେ ନିଜକୁ ଗଢ଼ିବା

ସାରକଥା—

୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଠାରୁ ଭାରତ ସ୍ୱାଧୀନତା ପାଇଅଛି । ସେହିଦିନ ଠାରୁ ଭାରତର ଲୋକେ ନିଜକୁ ଶାସନ କରିବା ଅଧିକାର ପାଇଅଛନ୍ତି । ଅନ୍ୟାନ୍ୟ ସ୍ୱାଧୀନ ଦେଶର ଲୋକେ ଯେପରି ଗୁଣୀ, ଯେପରି ଚରିତ୍ରବାନ୍, ଆମ୍ଭେମାନେ ସେହିପରି ହେବା ଉଚିତ । ପିଲାଦିନୁ ଆମ୍ଭେମାନେ ଚରିତ୍ର ଗଢ଼ିଲେ ବଡ଼ଦିନକୁ ଦେଶର ମାନ ରକ୍ଷିପାରିବା । ଜୀବନର କ୍ଷେତ୍ରରେ କି କି ନିୟମ ପାଳନ କଲେ ଆମ୍ଭମାନଙ୍କର ଚରିତ୍ର ଭଲ ହେବ ତାହା ଦିଆଯାଉଅଛି ।

ଆପଣା ଘରେ (୧) ପିତାମାତା ଓ ଗୁରୁଜନମାନଙ୍କର ଆଦେଶ ପାଳନ କର । (୨) ସେମାନଙ୍କ ସହିତ ନମ୍ର ଭାବରେ କଥାବାର୍ତ୍ତା କର । (୩) ସାନ ଭାଇଭଉଣୀମାନଙ୍କୁ ସ୍ନେହ କର ଓ ଭଲ କଥା ଶିଖାଅ, ସେମାନଙ୍କ ସଙ୍ଗେ କଳି କର ନାହିଁ । (୪) ଘରର ବା ଭୃତ୍ୟମାନଙ୍କୁ କୁକଥା କହ ନାହିଁ । (୫) ଅତିଥିଙ୍କୁ ମାନ୍ୟ କର । (୬) ଆପଣା ଦେହ, ଘର ଓ ଲୁଗାପଟା ସଫା ରଖ ।

Digitized by srujanika@gmail.com

ଅନ୍ୟଲୋକର ଘରେ (୧) ପହଞ୍ଚିବା ପରେ ଧୀର ଭାବରେ ନିଜର ଆସିବା ଜଣାଅ । (୨) ସାଥୀପିଲାଙ୍କ ବାପ ମାଆଙ୍କୁ ନିଜର ବାପ ମାଆ ପରି ମାନ୍ୟ କର । (୩) ସାଥୀମାନଙ୍କ ସଙ୍ଗେ କଳି କର ନାହିଁ । (୪) କାଶିବା ବା ହାଇ ମାରିଲାବେଳେ, ମୁହଁରେ ହାତ ଦିଅ । (୫) ନିଜର ବଡ଼ ପଣ ନ ଦେଖାଇ ବନ୍ଧୁମାନଙ୍କ ସଙ୍ଗେ ହସ ଖୁସିରେ କଥାବାର୍ତ୍ତା କର ।

ରାସ୍ତାରେ ଗଲାବେଳେ (୧) ରାସ୍ତା ମଝିରେ ନ ଯାଇ ଧାରରେ ଯାଅ । (୨) ଯାନବାହନ ଚଳୁଥିବା ରାସ୍ତାର ଏକପାଖରୁ ଅରପାଖକୁ ଗଲାବେଳେ ଦୁଇପାଖକୁ ଚାହିଁ ସାବଧାନରେ ଯାଅ । (୩) ରାସ୍ତାରେ ଚୋପା ପକାଅ ନାହିଁ । (୪) ରାସ୍ତା ବନ୍ଦକରି କାହାରି ସଙ୍ଗେ ଗପ କର ନାହିଁ । (୫) ବୁଢ଼ା, ଛୋଟା, କଣା, କୁଜା ଏପରି ଅକ୍ଷମ ଲୋକଙ୍କୁ ଦେଖି ଥଟ୍ଟା କରନାହିଁ ବରଂ ସେମାନଙ୍କୁ ସାହାଯ୍ୟ କର । (୬)ଆଗ ଚାଲିଯିବା ପାଇଁ କାହାରିକୁ ଠେଲି ଯାଅ ନାହିଁ । (୭) ରେଳଗାଡ଼ି, ମୋଟର ବସ ପ୍ରଭୃତିରେ ପିଲା ଓ ସ୍ତ୍ରୀ ମାନଙ୍କ ସୁବିଧା ଆଗ ଦେଖ । (୮) ବଜାର ହାଟ ପ୍ରଭୃତିରେ ଆଗ ଆସିଥିବା ଲୋକ କାମ ସାରି ଯିବାଯାଏ ଅପେକ୍ଷା କର ।

ବିଦ୍ୟାଳୟରେ (୧) ଗୋଳମାଳ କର ନାହିଁ । (୨) କାହାରି ଖାତିରୁ ଲୁଚାଇ ପଢ଼ ନାହିଁ । (୩) କେହି କିଛି କହୁଥିଲେ ତାଙ୍କୁ ମଝିରେ ବାଧା ଦେଇ କିଛି କହ ନାହିଁ । (୪) ପଛରେ କାହାରି ନିନ୍ଦା କର ନାହିଁ । (୫) ଶ୍ରେଣୀରେ ସମସ୍ତଙ୍କ ପ୍ରତି ଭଦ୍ର ବ୍ୟବହାର କର । (୬)ନିଜେ ଦୋଷକଲେ ତାହା ଅନ୍ୟ ଉପରେ ପକାଇ ଦିଅ ନାହିଁ । (୭) ଅନ୍ୟଠାରୁ ଯେପରି ବ୍ୟବହାର ଚାହଁ, ଅନ୍ୟ ପ୍ରତି ସେହିପରି ବ୍ୟବହାର କର ।

Digitized by srujanika@gmail.com

କଠିନ ଶବ୍ଦମାନଙ୍କର ଅର୍ଥ —

ମର୍ଯ୍ୟାଦା — ଟେକ, କ୍ରୀଡ଼ା — ଖେଳ, ଅବିଳମ୍ବେ — ଡେରି ନ କରି, ଭୃତ୍ୟ — ଚାକର, ଉତ୍କୃଷ୍ଟ — ଉତ୍ତମ, ପରିଚ୍ଛଦ — ଲୁଗାପଟା, ମୃଦୁ — ଧୀର, ବଡ଼ିମା — ବଡ଼ପଣ, ଯଥାଶକ୍ତି — ଯେତେଦୂର ପାରି, ନୌକା — ନାଆ, ଗୋପନରେ — ଲୁଚିଇ ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ —

ସ୍ୱାଧୀନ — ପରାଧୀନ, ଗୁଣ — ଦୋଷ, ଉପଯୁକ୍ତ — ଅନୁପଯୁକ୍ତ; ଆବଶ୍ୟକ — ଅନାବଶ୍ୟକ, ମଙ୍ଗଳ — ଅମଙ୍ଗଳ, ଭୃତ୍ୟ — ପ୍ରଭୁ, ଭଦ୍ର — ଅଭଦ୍ର, ଉତ୍କୃଷ୍ଟ — ନିକୃଷ୍ଟ, ମୃଦୁ — କଠୋର, ହସ — କାନ୍ଦ ।

ବିପରୀତ ଲିଙ୍ଗ ପରିବର୍ତ୍ତନ —

ବୁଢା — ବୁଢୀ, ଶ୍ରେଷ୍ଠା — ଶ୍ରେଷ୍ଠୀ, କଣା — କାଣୀ; କୁଜା — କୁଜୀ, ପୁରୁଷ — ସ୍ତ୍ରୀ, ଭିକାରି — ଭିକାରୁଣୀ,

ସରଳାର୍ଥ —

ଆମ ଦେଶ ସ୍ୱାଧୀନ......ବଢ଼ି ଯାଇଅଛି । (୩୦ ପୃଷ୍ଠା)

ଆଗେ ଆମ ଦେଶ ଭାରତବର୍ଷକୁ ଇଂରେଜମାନେ ଶାସନ କରୁଥିଲେ । ଦେଶର ଭଲମନ୍ଦ ପାଇଁ ସେମାନେ ଦାୟୀ ଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଠାରୁ ଇଂରେଜମାନେ ଆମ ଦେଶ ଶାସନ କରିବା ଭାର ଆମକୁ ଛାଡ଼ି ଦେଇ ଚାଲିଯାଇ ଅଛନ୍ତି ।

ଏବେ ଆମ ଦେଶର ଭାର ଆମ ଉପରେ । ଦେଶର ଭଲମନ୍ଦ ପାଇଁ ଆମେ ଆଉ କାହାକୁ ଦୋଷ ଦେଇ ପାରିବାନାହିଁ । ତେଣୁ ସ୍ୱାଧୀନ ଭାରତର ଲୋକ ହୋଇଥିବାରୁ ଆମ ଉପରେ ପୂର୍ବଠାରୁ ଅଧିକ ଦାୟିତ୍ୱ ପଡ଼ୁଛି ।

Digitized by srujanika@gmail.com

ଆମର ଉପଯୁକ୍ତ............କିଛି ନାହିଁ । (୩୧ ପୃଷ୍ଠା)

ଆମ ଦେଶ ଭାରତ ସ୍ୱାଧୀନ ହୋଇଅଛି । ଏବେ ଆମେ ଗୋଟିଏ ସ୍ୱାଧୀନ ଦେଶର ଲୋକ । ସ୍ୱାଧୀନ ଦେଶର ଲୋକେ ସାଧାରଣତଃ ଗୁଣବାନ୍, ସେମାନଙ୍କର ଚରିତ୍ର ଉତ୍ତମ । ଆମେ ସ୍ୱାଧୀନ ହୋଇ ଯଦି ଗୁଣବାନ୍ ନ ହେବା, ଆମର ଚରିତ୍ର ଯଦି ଭଲ ନ ହୁଏ ତେବେ ଆମର ସ୍ୱାଧୀନ ହେବାର କିଛି ଲାଭ ନାହିଁ ।

ଅନ୍ୟଠାରୁ ଯେପରି............କରିବାକୁ ଶିଖ (୩ ପୃଷ୍ଠା)

ଆମ୍ଭେମାନେ ଚାହୁଁ ଯେ ଅନ୍ୟ ଲୋକେ ଆମ୍ଭମାନଙ୍କୁ ଆଦର କରନ୍ତୁ, ଭଦ୍ରତା ଦେଖାନ୍ତୁ, ଆମ୍ଭମାନଙ୍କ ପ୍ରତି ସଦୟ ହୁଅନ୍ତୁ । ଯଦି ଅନ୍ୟମାନଙ୍କ ପ୍ରତି ଆମ୍ଭେମାନେ ସେହିପରି ନ କରୁଁ ତେବେ ଭଲ ବ୍ୟବହାର ଆଶା କରିବା କିପରି ? ତେଣୁ ଆମ୍ଭେମାନେ ଯେଉଁ ବ୍ୟବହାର ଅନ୍ୟ ଲୋକଠାରୁ ଚାହୁଁ ତାଙ୍କ ପ୍ରତି ସେହିପରି ବ୍ୟବହାର ଦେଖାଇବା ଉଚିତ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର :—

୧ । (ସାରକଥା ଦେଖ)

୨ । ସହର ରାସ୍ତାରେ ଅନେକ ଘୋଡ଼ାଗାଡ଼ି, ମୋଟରଗାଡ଼ି ଯିବା ଆସିବା କରୁଥାଏ । ରାସ୍ତାର ଏକ ପାଖରୁ ଆର ପାଖକୁ ଗଲାବେଳେ ସବୁଆଡ଼କୁ ଚାହିଁ ସାବଧାନ ହୋଇ ନ ଗଲେ ଗାଡ଼ି ମୋଟର ପ୍ରଭୃତିର ଧକ୍କା ବାଜପାରେ ; ରାସ୍ତା ମଝିରେ ଚାଲିଲେ ମଧ୍ୟ ସେହିପରି ଧକ୍କା ବାଜିବାର ଭୟ ଅଛି ।

୩ । (ସରଳାର୍ଥ ଦେଖ ।)

୪ । କାନ ପତେଇବା – ଅନ୍ୟ ଲୋକଙ୍କର କଥାବାର୍ତ୍ତା ଲୁଚି ରହି ଶୁଣିବା ।

Digitized by srujanika@gmail.com

ଦୋଷ ସ୍ୱୀକାର କରିବା — କୌଣସି ମନ୍ଦ ବା ଅନ୍ୟାୟ କାମ କରିଥିଲେ ସେ କଥା ମାନିଯିବା ।

ହସି କଥା କହିବା — ରାଗ ନ କରି ଖୁସିରେ କଥା କହିବା

ବଡ଼ିମା ଦେଖାଇବା — ନିଜର ବଡ଼ପଣ ଦେଖାଇ ହେବା ।

୫ । ଜାତିର ନାମ — ଲୋକ ଗୁରୁଜନ, ଭାଇ, ଭୃତ୍ୟ, ଭଣ୍ଡାରୀ, ଗୃହ, ବସ୍ତ୍ର ।

ପଦାର୍ଥର ନାମ — ଅସନ, ପରିଚ୍ଛଦ ।

---

[୯] ଗ୍ରାମ ପାଠଶାଳୀ

ସାରକଥା:—

ମୁଁ ଗାଁର ଯେଉଁ ପାଠଶାଳାରେ ପ୍ରଥମେ ଅକ୍ଷର ଶିଖିଥିଲି ତାହା ଭଲରୂପେ ମନେ ଅଛି । ତାହା ଗୋଟିଏ ଛୋଟ ଚାଳ ଘର; ସରୁ ଦାଣ୍ଡ କଡ଼ରେ । ଦିନେ ବାପାଙ୍କ ସଙ୍ଗରେ ମୁଁ ସେଠାକୁ ଯାଇଥିଲି । ଶିକ୍ଷକ ଆଦରରେ ମୋତେ ତାଙ୍କ ପାଖରେ ବସାଇ ମୋର ନାଆଁ ପଚାରିଲେ । ସେ ତଳେ ଖଡ଼ିରେ ତିନିଟି ମୂଣ୍ଡିଲା ଲେଖି ଦେଲେ । ମୁଁ ତା ଉପରେ ଖଡ଼ି ବୁଲାଇଲି । ମୁଁ ସେହି ପାଠଶାଳାରେ ଅ, ଆ, କ, ଖ ପାଠ ଆରମ୍ଭ କରିଥିଲି । ମୁଁ ପଢ଼ିବା ବେଳେ ଭଲକାମ ପାଇଁ କେତେଥର ସାବାସ ପାଇଛି, କେତେଥର ମନ୍ଦ କାମ ପାଇଁ ଗୁରୁଙ୍କ ହାତରେ ମାଡ଼ ଖାଇଛି । ସେହି ପାଠଶାଳାରେ ନୂଆକରି ସାହିତ୍ୟ, ଅଙ୍କ, ଇତିହାସ, ଭୂଗୋଳ, ବିଜ୍ଞାନ ପ୍ରଭୃତି ପଢ଼ିଲି ନୂତନ ବେଶି କଥା ଜାଣିବାକୁ ମୋର ମନ ବଳିଲା । ପଢ଼ିବାକୁ ମୋତେ ବଡ଼ ଭଲ ଲାଗୁଥାଏ; କିନ୍ତୁ ପରୀକ୍ଷା ହେଲାବେଳକୁ ମନ ଖରାପ ଲାଗେ । ସେତେବେଳେ ସାଙ୍ଗସାଥୀଙ୍କ

Digitized by srujanika@gmail.com

ସଙ୍ଗେ ମିଶି ଖେଳିବାକୁ ଖୁବ ସୁଖ ଲାଗୁଥିଲା । ଯେଉଁଦିନ ପାଠଶାଳାରେ ଗଣେଶଚତୁର୍ଥୀ କିମ୍ବା ସରସ୍ୱତୀ ପୂଜା ହୁଏ ସେଦିନ ଆମର ବଡ଼ ଆନନ୍ଦ । ଗୁରୁଙ୍କୁ ଓ ମୋର ସାଥୀ ପିଲାଙ୍କୁ ମୁଁ ଭାରି ଭଲ ପାଉଥିଲି । ଖରାଦିନେ ମୁଁ ତୋଟା ବଗିଚାରେ ବୁଲି ଜାମୁ, ବରକୋଳି ଖାଇ ପଧାନ ପୋଖରୀରେ ଅନେକ ବେଳଯାଏ ବୁଡ଼ୁଥିଲି । ଶୀତ ଦିନଅ ସକାଳେ ଚଟ୍ଟାଣି ଦୁଆରେ ଖରାରେ ବସି ଅଙ୍କ କଷୁଥିଲି । ବରଷା ଦିନେ ବେଲବୁଡ଼କୁ ଗାଆଁ ଦାଣ୍ଡରେ କାଦୁଅ ପଙ୍କ ମାଡ଼ି ମୁଁ ଚାଟଶାଳୀରୁ ଘରକୁ ଯାଉଥିଲି । ଏବେ ମୁଁ ବଡ଼ ହୋଇଗଲିଣି, ଚାଟଶାଳୀର ସେ ଗୁରୁ ଆଉ ସାଙ୍ଗସାଥୀ କିଏ କୁଆଡ଼େ ଗଲେଣି, କିନ୍ତୁ ତାଙ୍କ କଥା ମୋ ମନରେ ଅଛି । ମୁଁ ଯେଉଁ ବିଲ ପାହାଡ଼ରେ ଆନନ୍ଦ ମନରେ ବୁଲୁଥିଲି, ଯେଉଁ ଆମ୍ବ ତୋଳିଙ୍କ ତୋଟାରେ ମନ ଦୁଃଖରେ କାନ୍ଦୁଥିଲି ସେ ସବୁ ମନେ ପଡ଼ୁଛି । ଯେତେ କଥା ଏବେ ମୋର ମନେ ପଡ଼ୁଛି ସେ ସବୁ ଭିତରେ ଗାଆଁ ଚାଟଶାଳୀ କଥାଟି ସବୁଠାରୁ ଭଲରୂପେ ମନେ ପଡ଼ୁଛି ! ସେହି ଚାଟଶାଳୀରେ ମୋର ପ୍ରଥମେ ପାଠପଢ଼ା ହୋଇଥିଲା ।

କଠିନ ଶବ୍ଦର ଅର୍ଥ:—

ପ୍ରଶଂସା—ସାବାସ, ବସନ୍ତପଞ୍ଚମୀ—ସରସ୍ୱତୀ ପୂଜା; ହରିତାଳିକା—ଗଣେଶଚତୁର୍ଥୀ ପୂଜା, ଗୁରୁ—ଶିକ୍ଷକ, ସହପାଠୀ—ସାଥିରେ ପଢ଼ୁଥିବା ପିଲା; ବୈଭବ—ସମ୍ପତ୍ତି; ଗ୍ରୀଷ୍ମ—ଖରାଦିନ; ସ୍ମୃତି—ସ୍ମରଣ, ଯାହା ମନେ ପଡ଼େ ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ଗ୍ରାମ—ନଗର, ଗୁରୁ—ଶିଷ୍ୟ, ପ୍ରଶଂସା—ନିନ୍ଦା, ନୂତନ—ପୁରାତନ, ସୁଖ—ଦୁଃଖ, ଆନନ୍ଦ—ବିଷାଦ,

Digitized by srujanika@gmail.com

ସରଳାର୍ଥ—

ସୁଖ ଲାଗୁଥିଲା·····ମହାବିଭବ । (୩୫ ପୃଷ୍ଠା)

ମୁଁ ଗାଆଁ ଚାଟଶାଳୀରେ ପଢ଼ୁଥିଲାବେଳେ ଦିନ ବଡ଼ ସୁଖରେ କଟୁଥିଲା । ଯେଉଁଦିନ ଚାଟଶାଳୀରେ ଗଣେଶପୂଜା କିମ୍ବା ସରସ୍ୱତୀ ପୂଜା ହୁଏ ସେଦିନ ମୋ ମନ ଆନନ୍ଦରେ ପୂରିଯାଏ । ସେ ସମୟରେ ଗାଆଁ ଚାଟଶାଳୀ, ସେ ଚାଟଶାଳୀର ଶିକ୍ଷକ ଓ ମୋର ସାଥୀରେ ପଢ଼ୁଥିବା ପିଲାଙ୍କ ଛଡ଼ା ଆଉ କିଛି ମୁଁ ଭାବୁ ନଥିଲି । ଲୋକେ ଯେପରି ଆପଣାର ଧନ ସମ୍ପତ୍ତି କଥା ବିଚାରନ୍ତି, ମୁଁ ସେହିପରି କେବଳ ଆମ ପାଠଶାଳା, ତାର ଗୁରୁ ଓ ପାଠପଢ଼ୁଆ ପିଲାଙ୍କ କଥା ଭାବୁଥିଲି ।

ମନ୍ଦିର ସମାନ·····ପ୍ରଥମ କଥା (୩୬ ପୃଷ୍ଠା)

ଗାଆଁ ଭିତରେ ଦିଅଁଙ୍କ ଦେଉଳ ସବୁଠାରୁ ଉଚ୍ଚ । ଗାଆଁର ଘର, ଗଛ ସବୁ ତାଠାରୁ ଛୋଟ । କେହି ଗାଆଁକୁ ଆସିଲାକ୍ଷଣି ଆଉ କିଛି ଦେଖୁ ବା ନ ଦେଖୁ ଦେଉଳ ମୁଣ୍ଡ ଟେକି ଠିଆ ହୋଇଥିବା ସେ ନିଶ୍ଚୟ ଦେଖି ପାରିବ । ସେହିପରି ମୁଁ ଜୀବନରେ ଯେଉଁ ସବୁ ଦୁଃଖସୁଖ ଭୋଗିଛି ସେ ସବୁ ମନ ଭିତରେ ଅଛି । ସେମାନଙ୍କ ଭିତରୁ କେତେକ ଖୁବ୍ ଭଲ ଭାବରେ ମନେ ପଡ଼େ କେତେକ ବା ଅଳପ ମନେ ପଡ଼େ । ପିଲାଦିନର ଯେଉଁ ସବୁ କଥା ମୋର ମନେ ଅଛି ସେମାନଙ୍କ ଭିତରେ ଗାଆଁ ପାଠଶାଳାର କଥାଟି ସବୁଠାରୁ ଭଲ ଭାବରେ ମନେ ଅଛି । ସେହି ପାଠଶାଳାରେ ମୁଁ ନୂଆ କରି ଅକ୍ଷର ଶିଖିଥିଲି; ସେଇଠାରେ ମୋର ପାଠପଢ଼ା ଆରମ୍ଭ ହୋଇଥିଲା । ତାକୁ ମୁଁ ଆଦୌ ଭୁଲିପାରିନାହିଁ ।

Digitized by srujanika@gmail.com

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର —

୧ । ଆମ ଗାଁ ମୁଣ୍ଡରେ ଗୋଟିଏ ପାଠଶାଳା ଅଛି । ଗୋଟିଏ ଚାଳ ଘରେ ଗାଆଁର ପଚିଶ ଜଣ ଯାକେ ପୁଅ ଝିଅ ପାଠ ପଢ଼ନ୍ତି । ଚାଟଶାଳୀ ପାଖରେ ଗୋଟାଏ ବଡ଼ ବରଗଛ ଅଛି । ପିଲାଏ ବେଳେ ବେଳେ ଏହି ଗଛ ଛାଇରେ ବସି ପଢ଼ନ୍ତି । ଅବଧାନେ ପିଲାମାନଙ୍କୁ ଖୁବ ଭଲ ପାଆନ୍ତି । ସାନ ସାନ ପିଲାଙ୍କୁ ସେ ବେଶି ଆଦର କରନ୍ତି ।

ସକାଳୁ ପିଲାମାନେ ଶ୍ଲେଟ, ଖଡ଼ି, ବହି ଧରି ଚାଟଶାଳୀକୁ ଆସନ୍ତି । ଅବଧାନେ କାହାକୁ ଅଙ୍କ କଷିବାକୁ ଦିଅନ୍ତି, କାହାକୁ ହସ୍ତାକ୍ଷର ଲେଖିବାକୁ କହନ୍ତି, କାହାକୁ ବା ବହି ପଢ଼ିବାକୁ କହନ୍ତି । ସେ ଜଣ ଜଣ କରି ପିଲାଙ୍କ ପାଖକୁ ଯାଇ ପାଠ ବତେଇ ଦିଅନ୍ତି । ଚାଟଶାଳୀରେ ଘଣ୍ଟା ନାହିଁ । ଗାଧୁଆବେଳ ହେଲେ ଅବଧାନେ ପିଲାଙ୍କୁ ଘରକୁ ଛାଡ଼ି ଦିଅନ୍ତି ।

ପିଲାମାନେ ଘରେ ଖାଇପିଇ ପୁଣି ଛାଇ ଲେଉଟା ବେଳକୁ ଚାଟଶାଳୀକୁ ଯାଆନ୍ତି, ସକାଳଓଳି ପରି ପୁଣି ପଢ଼ା ଚାଲେ । କେତେକ ବଡ଼ ପିଲା ପୋଥି ଧରି ମଥୁରାମଙ୍ଗଳ, ଗୋପୀଭାଷା ବୋଲନ୍ତି । ଅବଧାନେ ବୋଲାଇ ଦିଅନ୍ତି । ସାନ ପିଲାଏ ବଡ଼ ପାଟି କରି ପଣକିଆ ଘୋଷୁଥାନ୍ତି । ଦିନେ ଦିନେ ପିଲାମାନେ ଅବଧାନଙ୍କୁ କହି ବରଗଛ ମୂଳେ ଲୁଚକାଳି ଖେଳନ୍ତି ।

ସଞ୍ଜବେଳେ ଚାଟଶାଳୀ ଛୁଟି ହୁଏ । ପିଲାଏ ଆନନ୍ଦରେ ଘରକୁ ଚାଲିଯାନ୍ତି ।

Digitized by srujanika@gmail.com

୨ । ମୋତେ ଯେତେବେଳକୁ ପାଞ୍ଚବରଷ ହୋଇଥାଏ । ଦିନେ ବାପା ମୋତେ ଖଣ୍ଡିଏ ସଫା ଲୁଗା ଓ ଗୋଟିଏ କମିଜ ପିନ୍ଧାଇ ଦେଇ ସାଥିରେ ଗୃହଶାଳୀକୁ ନେଇଗଲେ । ସେଠି ଅବଧାନେ ଗୋଟିଏ ମଞ୍ଚଣା ଉପରେ ବସିଥାନ୍ତି । ତାଙ୍କ ପାଖରେ ଗୋଟାଏ ଲମ୍ବ ବେତ ଥୁଆ ହୋଇଥାଏ । ମୋତେ ଭାରି ଡର ମାଡ଼ିଲା । ବାପା ଯାଇ ଅବଧାନଙ୍କ ସାଙ୍ଗେ କଅଣ କଥାବାର୍ତ୍ତା ହେଲେ । ତା ପରେ ମତେ ଗୁରୁଙ୍କୁ ଦଣ୍ଡବତ ହେବାକୁ କହିଲେ । ମୁଁ ଡରି ଡରି ତାଙ୍କ ପାଖକୁ ଯାଇ ଦଣ୍ଡବତ କଲି । ସେ ଟିକିଏ ହସି ମୋ ହାତ ଧରି ପାଖରେ ବସାଇଲେ । ଖଣ୍ଡିଏ ଖଡ଼ି ଆଣି ଭୂଇଁରେ ତିନୋଟି ମୁଣ୍ଡୁଳା କାଟି ମୋତେ ତା ଉପରେ ଖଡ଼ି ମଡ଼ାଇବାକୁ କହିଲେ । ମୁଁ ସେହିପରି କଲି । କିଛିସମୟ ପରେ ସେ ତାକୁ ଲିଭାଇ ଦେଇ ଗୋଟିଏ ବଡ଼ 'ଅ'ଲେଖି ଦେଲେ । ତା ଉପରେ ଖଡ଼ି ମଡ଼ାଇବାକୁ କହିଲେ । ମୁଁ ତାହା କଲି । କିନ୍ତୁ ମୋ ଖଡ଼ି ଠିକ ଅକ୍ଷର ଉପରେ ଗଲା ନଥାଏ । ଅବଧାନେ ମଝିରେ ମଝିରେ ମୋ ହାତ ଧରି ଅକ୍ଷର ଉପରେ ଖଡ଼ି ମଡ଼ାଉଥାନ୍ତି । ମୁଁ ଖଡ଼ି ମଡ଼ାଇବା ସଙ୍ଗେ ସଙ୍ଗେ 'ଅ' ଅ କହୁଥାଏଁ । ସେଦିନ ମୁଁ ଗୋଟିଏ ଅକ୍ଷର ଶିଖିଲି । ଏହିପରି ମୋର ଅକ୍ଷର ଶିକ୍ଷା ଆରମ୍ଭ ହେଲା ।

୩ । (ସରଳାର୍ଥ ଦେଖ)—

୪ । ବିପରୀତ ଅର୍ଥ ପ୍ରକାଶ କରୁଥିବା ଶବ୍ଦ—

ଶ୍ରଦ୍ଧା—ଅଶ୍ରଦ୍ଧା, ସରୁ—ମୋଟ, ଆଦର—ଅନାଦର, ଗୁଣ—ଦୋଷ, ପ୍ରଶଂସା—ନିନ୍ଦା, ନୂତନ—ପୁରାତନ, ସୁଖ—ଦୁଃଖ, ଉତ୍ସାହ—ନିରୁତ୍ସାହ ।

Digitized by srujanika@gmail.com

[୧୦] ସାମାନ୍ୟ ଲାଭ ପାଇଁ ଲୋଭ

ସାରକଥା—

ବାରାଣସୀ ବୋଲି ଗୋଟିଏ ରାଜ୍ୟରେ ଜଣେ ପରାକ୍ରମୀ ରାଜା ଥିଲେ । ଥରେ ସେ ଦାକ୍ଷିଣାତ୍ୟର ଗୋଟିଏ ଛୋଟରାଜ୍ୟ ସହିତ ଯୁଦ୍ଧ କରି ତାକୁ ନିଜରାଜ୍ୟରେ ମିଶାଇ ଦେବାକୁ ମନ୍ତ୍ରୀଙ୍କୁ କହିଲେ ।

ମନ୍ତ୍ରୀ କହିଲେ,"ମହାରାଜ, ଏହି ଛୋଟ ରାଜ୍ୟଟି ଜଙ୍ଗଲମୟ, ଏହାର ଲୋକ ସଂଖ୍ୟା ଅଳ୍ପ । ଯୁଦ୍ଧ କରି ଏହାକୁ ଜୟ କରିବା ପାଇଁ ଆମର ସୈନ୍ୟ ପ୍ରସ୍ତୁତ, କିନ୍ତୁ ଏହାକୁ ଜୟ କଲେ ଏଥିରୁ ଯାହା ଆୟ ହେବ ତାଠାରୁ ବେଶି ବ୍ୟୟ ହେବ । ପୁଣି ଯୁଦ୍ଧରେ କେତେକ ସୈନ୍ୟ ମରି ପାରନ୍ତି ଓ ଅନେକ ଖରଚ ମଧ୍ୟ ହେବ । ଅତଏବ ଏହି ଛୋଟରାଜ୍ୟ ଜୟ ପାଇଁ ଯୁଦ୍ଧ ନକରି ନିଜ ରାଜ୍ୟର ଉନ୍ନତିରେ ସେହି ପରିଶ୍ରମ ଓ ଅର୍ଥବ୍ୟୟ କଲେ ଭଲ ହେବ ।" କିନ୍ତୁ ରାଜା ମନ୍ତ୍ରୀଙ୍କ କଥା ନ ମାନି ସୈନ୍ୟସାମନ୍ତ ଘେନି ଯୁଦ୍ଧ କରିଗଲେ ।

ବାଟରେ ରାଜା ଓ ତାଙ୍କର ସୈନ୍ୟ ସାମନ୍ତମାନେ ଦିନେ ତମ୍ବୁ ପକାଇ ରହିଥିଲେ । ସେଠାରେ ଘୋଡ଼ାଙ୍କ ଖାଇବା ପାଇଁ କିଛି ଚଣା ସିଝା ହୋଇ ରଖା ହୋଇଥିଲା । ଗଛରୁ ଗୋଟିଏ ମାଙ୍କଡ଼ ଆସି ମୁଠିଏ ଚଣାଧରି ଗଛ ଉପରକୁ ପୁଣି ଚଢ଼ିଗଲା । ସେ ଡାଳରେ ବସି ଚଣା ଖାଉ ଖାଉ ଗୋଟିଏ ଚଣା ତଳକୁ ଖସି ପଡ଼ିଲା । ମାଙ୍କଡ଼ ଅତି ଲୋଭ କରି ଚଣାଟିକୁ ନେବା ପାଇଁ ଗଛରୁ ଓହ୍ଲାଇବା ବେଳେ ହାତରେ ଥିବା ଚଣାତକ ତଳେପଡ଼ି ବୁଣିଗଲା । ଏଣେ ଜଣେ ସୈନ୍ୟ ମାଙ୍କଡ଼କୁ ଘଉଡ଼ାଇ ଦେଲା । ସେ ପ୍ରାଣ ଭୟରେ ଗଛ ଉପରକୁ ପଳାଇଲା । ଗୋଟିଏ ଚଣା ଲାଗି ମାଙ୍କଡ଼ର ମୁଠିକ ଚଣାଗଲା ।

Digitized by srujanika@gmail.com

ମନ୍ତ୍ରୀ ଏହି ଘଟଣାଟି ରାଜାଙ୍କୁ ଦେଖାଇ କହିଲେ, "ମହାରାଜ, ଦେଖନ୍ତୁ ମୂର୍ଖ ମାଙ୍କଡ ଗୋଟିଏ ଚଣାକୁ ଲୋଭ କରି ସବୁ ଚଣା ହରାଇଲା । ସାମାନ୍ୟ ପଦାର୍ଥକୁ ଲୋଭକଲେ ବହୁତ କ୍ଷତି ସହିବାକୁ ପଡ଼େ ।

ରାଜା ଏବେ ମନ୍ତ୍ରୀଙ୍କ ଉପଦେଶ ମାନି ସୈନ୍ୟ ସାମନ୍ତ ନେଇ ନିଜ ରାଜ୍ୟକୁ ଫେରି ଆସିଲେ ।

କଠିନ ଶବ୍ଦମାନଙ୍କର ଅର୍ଥ—

ସାମାନ୍ୟ—ଅଳ୍ପ, ଝମଝାପଲା—ଶବ୍ଦମାନ୍, ବଳୁଆ, ଉକ୍ତ—କୁହାଯାଇଥିବା, ସଂକଳ୍ପ—ପ୍ରତିଜ୍ଞା, ପ୍ରସ୍ତୁତ—ତିଆର, ବନୀତ—ନମ୍ର, ଅରଣ୍ୟମଯ଼—ବଣୁଆ, ବଚଚ—ଅଦ୍ଭୁତ, ଅଶ୍ୱାରୋହୀ—ଘୋଡ଼ାସବାର, ଅକସ୍ମାତ୍—ଦୈବାତ୍, ଲୋଭପରବଶ—ଲୋଭର ଅଧୀନ, ନିରୀକ୍ଷଣ—ଭଲ କରି ଚାହିଁବା, ଅବସର—ଫୁରସତ୍, ଧୂର୍ତ୍ତ—ଚଞ୍ଚଳ; ନିର୍ବୋଧ—ବୋକା, ଦୃଷ୍ଟାନ୍ତ—ଉଦାହରଣ ।

ବିପରୀତ ଅର୍ଥ ପ୍ରକାଶ କରୁଥିବା ଶବ୍ଦ—

ବିଗୁରବନ୍ତ—ବିଗୁରହୀନ, ଜୟ—ପରାଜୟ, ବନୀତ—ଉଦ୍ଧତ, ଅଳ୍ପ—ବହୁତ, ଆୟ—ବ୍ୟୟ, ଓହ୍ଲାଇବା—ଚଢ଼ିବା, ମୂର୍ଖ—ପଣ୍ଡିତ, ନେବା—ଦେବା, ଧୂର୍ତ୍ତ—ମନ୍ଥର, ନିର୍ବୋଧ—ବୁଦ୍ଧିମାନ, କ୍ଷତି—ଲାଭ,

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଯେ ଅଳ୍ପ ଲାଭକୁ ଲୋଭ କରି ବେଶି କ୍ଷତିରେ ପଡ଼େ ସେ ମୂର୍ଖ । ଜ୍ଞାନୀ ଲୋକେ ସାମାନ୍ୟ ଲାଭ ପାଇବାକୁ ଚେଷ୍ଟାକରି

Digitized by srujanika@gmail.com

ଅପଣାର କ୍ଷତି କରନ୍ତି ନାହିଁ । ମାଙ୍କଡ଼ ଗୋଟିଏ ଚଣାର ଲୋଭ ଛାଡ଼ି ନ ପାରି ମୁଠିକ ଚଣା ହରାଇଲା । ତେଣୁ ସେ ମୂର୍ଖ ।

୨ । ରାଜା ବୁଦ୍ଧି ପାଇଲେ ଯେ ଗୋଟିଏ ଛୋଟିଆ ରାଜ୍ୟକୁ ଲୋଭ କରି ଏତେ ସୈନ୍ୟ ମରେଇବା ଓ ଧନ ଖରଚ କରିବା ନିର୍ବୋଧତା । ତା ନକରି ନିଜ ରାଜ୍ୟର ଉନ୍ନତି କରିବା ଶତ ଗୁଣେ ଭଲ ।

୩ । ବିଗ୍ରହବନ୍ତ—ଯେ ବୁଦ୍ଧି ବିଗ୍ରହ ଭାବ ଦରେ; ସ୍ପୃହା—ଆଗ୍ରହ, ଇଚ୍ଛା; ଦେଶ ଜୟ—ଅନ୍ୟ ଦେଶକୁ ଜିଣିବା; ନିରୀକ୍ଷଣ—ଭଲ କରି ଗୁହିଁବା, ଦୃଷ୍ଟାନ୍ତ—ଉଦାହରଣ, ପରାମର୍ଶ—ଉପଦେଶ, ଅର୍ଥବ୍ୟୟ—ଧନ ଖରଚ ।

୪ । କ୍ଷୟ—ବୃଷ୍ଟି ଜଳ ଦ୍ୱାରା ପର୍ବତର ଉପରିଭାଗ କ୍ଷୟ ପାଏ । କ୍ଷତି—ଲୋକେ ଅନେକ ସମୟରେ ପରର ଅନିଷ୍ଟ କରିବାକୁ ଯାଇ ନିଜର କ୍ଷତି କରିଥାନ୍ତି । ଲାଭ—ଆଜିକାଲି ବ୍ୟବସାୟୀମାନେ ଚଢ଼ା ଦରରେ ଜିନିଷ ବିକି ବହୁତ ଲାଭ କରୁ ଅଛନ୍ତି । ଲୋଭ—ପରର ଜିନିଷକୁ ଲୋଭ କରିବା ଉଚିତ ନୁହେଁ ।

୫ । ବିଶେଷ୍ୟ :—

ଜୟ, ମୁହୂର୍ତ୍ତ, ଅର୍ଥ, ରାଜା, ମାଙ୍କଡ଼

ସର୍ବନାମ—

ସେ, ମୁଁ, ତାହାକୁ, ତାହାର, ତାହା ।

Digitized by srujanika@gmail.com

[୧୧] ଅଛୁଆଁ ରୋଗ

ସାରକଥା:—

ସୁଧାକର ଶତପଥୀ ଜଣେ ଖାଣ୍ଟି ବ୍ରାହ୍ମଣ । ସେ ଅନ୍ୟ ଜାତିର ଲୋକଙ୍କୁ ଘୃଣା କରୁଥିଲେ । କୌଣସି ଅଛୁଆଁ ଜାତିର ଲୋକ କଥା ଶୁଣିଲେ ସେ ଖାଇବା ଛାଡ଼ି ଉଠି ପଡ଼ୁଥିଲେ ।

ଦିନେ ମଧୁଆ ହାଡ଼ି ତାଙ୍କ ଖଳାରେ ଧାନ ଅମଳ କରୁଥିଲା । ତା ସ୍ତ୍ରୀ ଧାନ ଗାରୁଡ଼ୁଥିଲା । ତାଙ୍କର ପିଲାଟି ଟିକିଏ ବୁଦରେ ବସି କେଗେଇରେ ମୁଢ଼ି ଖାଉଥିଲା । ଗୋଟାଏ କୁଆ ଉଡ଼ି ଆସି ତା ମୁଢ଼ି କେଗେଇ ନେଇ ଯିବାରୁ ସେ କାନ୍ଦି ଉଠିଲା । ଶତପଥୀଏ ଖାଇ ବସିଥିଲେ । ସେ ବୁଝି ପାରିଲେ ଯେ ମଧୁଆ ହାଡ଼ିର ପିଲା କାନ୍ଦୁଥିଲା । ଆଉ ଖାଇବେ କିପରି ? ଉଠି ଆସି ମଧୁଆ ଓ ତା ସ୍ତ୍ରୀକୁ ଗୁଡ଼ାଏ ଗାଳି ଦେଲେ । ମଧୁଆ ପିଲାଟିର ବିକଳ କଥା କହିଲା । କିନ୍ତୁ ଶତପଥୀଙ୍କର ସେଇ ଏକ କଥା - ହାଡ଼ିର ପିଲାର ପାଟି ଶୁଣିଲେ ମଧ୍ୟ ଲୋକ ଅପବିତ୍ର ହୋଇଯିବ । ସେ ବିଲୁଆ କୁକୁର ଛୁଆ ଠାରୁ ମଧ୍ୟ ହୀନ ।

ମଧୁଆ ଲଜ୍ଜା ହୋଇ ମନ ଦୁଃଖରେ ଘରକୁ ଗଲା ।

ସେ ବର୍ଷ ଭୟଙ୍କର ବଢ଼ି ହେଲା । ଦିନକ ଭିତରେ ବଢ଼ି ପାଣି ମାଡ଼ି ଆସି ଶତପଥୀଙ୍କ ଗ୍ରାମକୁ ବୁଡ଼ାଇ ଦେଲା ।

ବଢ଼ି ଆସିବାର ପୂର୍ବଦିନ ଶତପଥୀଙ୍କ ପୁଅଟି ହାଟକୁ ଯାଇଥିଲା । ସେଦିନ ସେ ଫେରି ଆସିଲା ନାହିଁ । ପୁଅର ବଢ଼ିରେ କେଉଁଠି କଣ ହେଲା ଭାବି ଭାବି ଶତପଥୀଏ ସାରାଟି ଦିନ ଚିନ୍ତାରେ କଟାଇଲେ । ସେଦିନ ତାଙ୍କ ଘରେ ରନ୍ଧାବଢ଼ା ସୁଦ୍ଧା ବନ୍ଦ ।

Digitized by srujanika@gmail.com

ତା ପରଦିନ ସକାଳେ ଶତପଥୀଏ ଅକୁଳ ହୋଇ ଗାଁ ଗୃହପାଖ ବର୍ଡି ପଣିକୁ ଗୁହିଁଛନ୍ତି; ଏହି ସମୟରେ ମଧୂଆ ସେହି ପାଣି ଭିତରେ ତାଙ୍କ ପୁଅକୁ କାନ୍ଧରେ ବସାଇ ଅତି କଷ୍ଟରେ ଆସୁଥିବାର ଦେଖାଗଲା ।

ଶତପଥୀଏ ପୁଅଠାରୁ ଶୁଣିଲେ ଯେ ସେ ହାଟରୁ ଆସୁ ଆସୁ ସୁଅରେ ଭାସି ଯାଉଥିଲା । ମଧୂଆ ତାକୁ ଉଦ୍ଧାର କରି ଗୋଟିଏ ଉଚ୍ଚ ଜାଗାକୁ ନେଇ ରଖିଲା ଓ ଖତକପାକ ଜଗି ରହିଲା । ମଧୂଆ ନଥିଲେ ତାର ପ୍ରାଣ ନଥାନ୍ତା ।

ଜାତିରେ ବାଉରି ହେଲେହେଁ ମଧୂଆ ଏପରି ମହତ୍ କାମ କରିଥିବାରୁ ଶତପଥୀଏ ତାକୁ କୁଣ୍ଡାଇ ପକାଇଲେ । ସେହିଦିନଠାରୁ ସେ ପ୍ରତିଜ୍ଞା କଲେ, ଅଛୁଆଁ ବୋଲି କାହିଁ କାହାରିକୁ ଛୋଟ ମନେ କରିବ ନାହିଁ ।

କଠିନ ଶବ୍ଦମାନଙ୍କର ଅର୍ଥ:—

ନିସ୍ତାପର—ପକ୍ଷପାତ, ଖାଦ୍ୟସାମଗ୍ରୀ—ଖାଇବା ଜିନିଷ, ଚିତ୍କାର କରି—ପାଟି କରି, ଅପମାନସୂଚକ - କ୍ଷୁଣ୍ଣ ହୋଇ, ସ୍ଥିଯାଇ, ଜଳବନ୍ଧ—ଜଳସମୁଦ୍ର, କର୍ତ୍ତବ୍ୟ—ଯାହାକରିବା ଉଚିତ, ଉପବାସ—ଉପାସ, ଓକାଗର ରହୁ – ଚେଇଁ ରହୁ, ଗ୍ରାମ ସୀମା – ଗାଁ ମୁଣ୍ଡ, ସ୍କନ୍ଧ – କାନ୍ଧ, ମୃତ୍ୟୁ ମୁଖରୁ – ମରଣ ମୁହଁରୁ, କୃତଜ୍ଞତା – ଉପକାର ମାନିବା, ହୀନ ଦୃଷ୍ଟିରେ ଦେଖିବା – ଛୋଟ ବୋଲି ବିଗୃହିବା ।

ସରଳାର୍ଥ :—

ମଧୂ, ତୁ ଅକ······ମଳିନ ପଡ଼ି ଯାଇଛି । (୪୪ ପୃଷ୍ଠା)

ସୁଧାକର ଶତପଥୀ ଜାତିରେ ବ୍ରାହ୍ମଣ । ସେ ନିଜକୁ ବଡ଼ ଧାର୍ମିକ ମନେ କରୁଥିଲେ । ଛୋଟ ଜାତିର ଲୋକଙ୍କ ଛୁଉଁ ନଥିଲେ ।

Digitized by srujanika@gmail.com

ଏବେ ମଧୁଆ ବାଉରି ପୁଅର ତୁଣ୍ଡ ଶୁଣି ସେ ଖାଇବା ଆଳିରୁ ଉଠି ଯାଇ ତାକୁ ବହୁତ ଗାଳି ଦେଇଥିଲେ । କିନ୍ତୁ ଯେତେବେଳେ ବଢ଼ି ପୁଅରେ ଶତପଥୀଙ୍କ ପୁଅ ଭାସି ଯାଉଥିଲା, ସେତେବେଳେ ସେହି ମଧୁଭୋଇ ତାର ପ୍ରାଣ ରକ୍ଷା କରିଥିଲା । ଏହା ଦେଖି ଶତପଥୀଙ୍କ ମନ ବଦଳିଗଲା । ସେ କହିଲେ—ମୁଁ ଧର୍ମ କର୍ମ କରି ନିଜକୁ ତୋଠାରୁ ବଡ଼ ମନେ କରୁଥିଲି, ତୋତେ ଘୃଣା କରି ଛୁଉଁ ନଥିଲି କିନ୍ତୁ ତୁ ଅପଣା ଜୀବନ କଥା ନ ଭାବି ମୋ ପୁଅର ଜୀବନ ରଖିଲୁ । ତୋର ଧର୍ମ ପାଖରେ ମୋର ନିଷ୍ଠା କିଛି ନୁହେଁ, ତୁ ମୋଠାରୁ ବଡ଼ ଧାର୍ମିକ । ତୋତେ ଘୃଣା କରି ପାରିବି ନାହିଁ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର:—

୧ । ହିନ୍ଦୁମାନଙ୍କ ଭିତରେ ବ୍ରାହ୍ମଣ, କରଣ, ଗଉଡ଼, ଭଣ୍ଡାରି, ହାଡ଼ି, ବାଉରି ପ୍ରଭୃତି ଅନେକ ଜାତି ଅଛନ୍ତି । ସେମାନଙ୍କ ଭିତରୁ ହାଡ଼ି, ବାଉରି ପ୍ରଭୃତି କେତେକ ଜାତିର ଲୋକଙ୍କୁ ଅନ୍ୟ ଜାତିର ଲୋକେ ଛୁଅଁନ୍ତି ନାହିଁ । ଯେବେବା ଛୁଇଁଲେ ଛୁଆଁ ହୁଅନ୍ତି । ଛୁଆଁ ହେଲେ ପୁଣି ଗାଧୋଇବାକୁ ପଡ଼େ । ଏହି ରୀତିକୁ ଅସ୍ପୃଶ୍ୟତା କହନ୍ତି ।

୨ । ସବୁ ଜାତିର ଲୋକଙ୍କୁ ଈଶ୍ୱର ସୃଷ୍ଟି କରିଅଛନ୍ତି । ଉଚ୍ଚ ଜାତିର ଲୋକଙ୍କ ଭିତରେ ଯେପରି ଭଲ ମନ୍ଦ ସବୁ ପ୍ରକାର ଲୋକ ଅଛନ୍ତି, ନୀଚ ଜାତିରେ ମଧ୍ୟ ସେହିପରି ଭଲଲୋକ ମନ୍ଦଲୋକ ଅଛନ୍ତି । ତେଣୁ କୌଣସି ଗୋଟିଏ ଜାତିରେ ଜନ୍ମ ବୋଲି କାହାକୁ ଶ୍ରେଷ୍ଠ ବୋଲି ମନେ କରି ତାକୁ ନ ଛୁଇଁବ

Digitized by srujanika@gmail.com

ଅନ୍ୟାୟ । କୌଣସି ଜାତିକୁ ଅସ୍ପୃଶ୍ୟ ମନେ କରିବା ଠିକ ନୁହେଁ ।

୩ । ଶତପଥୀ ଅସ୍ପୃଶ୍ୟ ଜାତିର ଲୋକଙ୍କୁ ବଡ଼ ଘୃଣା କରୁଥିଲେ । ତାଙ୍କୁ ବସନ୍ତ କୁକୁର ଠାରୁ ମଧ୍ୟ ହୀନ ବୋଲି ଭାବୁଥିଲେ । କିନ୍ତୁ ଯେଉଁ ଦିନ ମଧୁଆ ଭୋଇ ଯୋଗୁ ଶତପଥୀଙ୍କ ପୁଅର ଜୀବନ ରହିଲା ସେ ଜାଣି ପାରିଲେ ଯେ ଅସ୍ପୃଶ୍ୟ ଜାତିର ଠାରେ ମଧ୍ୟ ଭଲ ଗୁଣ ରହିପାରେ । ସେ ସେହି ଦିନୁଁ କାହାରିକୁ ଅସ୍ପୃଶ୍ୟ ଜାତିର ଲୋକ ବୋଲି ଘୃଣା କଲେ ନାହିଁ ।

୪ । ବାପ ଅଜା ଅମଳରୁ—ବହୁତ ପୂର୍ବକାଳରୁ, ଅମର ବାପା ଅମ ଆଗ କାଳର ଲୋକ । ଅଜା ଆହୁରି ଆଗ କାଳର । ତେଣୁ ବାପ ଅଜା ଅମଳ କହିଲେ ଅତି ପୂର୍ବକାଳ ବୁଝାଯାଏ ।

ଦୀର୍ଘରଜନୀ—ଲମ୍ବାରାତି ।

ଦୁଃଖ ବିପଦବେଳେ ଅଳ୍ପ ସମୟ ମଧ୍ୟ ବେଶୀ ପରି ମନେ ହୁଏ । ଶତପଥୀଏ ପୁଅର ବିପଦ କଥା ଚିନ୍ତା କରି ଦୁଃଖରେ ଥିଲେ । ତେଣୁ ତାଙ୍କୁ ରାତିଟି ଲମ୍ବ ଜଣା ପଡ଼ୁଥିଲା ।

ଭୋକ ମାରିବା—ଭୋକର ଦାଉ ଟିକିଏ କମାଇବା ।

ବେଶି ବେଳଯାଏ ନ ଖାଇଲେ ପେଟ ଖାଲି ଖାଲି, ଦେହରେ ବଳ ନ ରହିବାରୁ କିଛି କାମ କରି ହୁଏ ନାହିଁ । କିଛି ଖାଇଲେ ଏହି କଷ୍ଟ ଟିକିଏ କମିଯାଏ । ଏହିପରି ସାମାନ୍ୟ ଖାଇବାକୁ ଭୋକ ମାରିବା କହନ୍ତି ।

ଅଛୁଆଁ ବେଗ—ଛୋଟ ଜାତିର ଲୋକଙ୍କୁ ନ ଛୁଇଁବା ଭଳିମନ ସ୍ଥିତି ଦେହରେ ବେଗ ଦେଲେ କାମ କରିବାକୁ ବଳ

Digitized by srujanika@gmail.com

ରହିଛନ୍ତି । ନାନା ପ୍ରକାର ବସ୍ତ୍ର ହୁଏ । ଦେଶରେ ଧନ ଥିବ ସତ୍ୟ ହେଲେ ଲୋକ ମଧ୍ୟ ମରିଯାଇପାରେ । ହିନ୍ଦୁ ସମାଜରେ ଯେଉଁ ଅଛୁଆଁ ଜାତି ଅଛନ୍ତି ତାହାଙ୍କୁ ଆମ ଜାତିକୁ ଦୁର୍ବଳ କରି ପକାଉଛନ୍ତି । ଆମେ ଉନ୍ନତ କରିପାରୁ ନାହୁଁ । ତେଣୁ ଅଛୁଆଁ ଜାତିକୁ ରୋଗ ବୋଲି କୁହାଯାଉଛି ।

୫ । ଶତପଥୀ—ଗାଳିଦେଲେ । କୁଅ—ଛଡ଼େଇ ନେଲା । ପିଲା ପୁଅଟି—ଭୋକ ମାରୁଛି । ପିଲାଟି ରଡ଼ି ଛାଡ଼ୁଛି । ବଳେଇ —ଖାଉଅଛି । କୁଟୀର ଗୁହାକ—ଶ୍ରୀଯୁକ୍ତ ଥିଲାଘର ବୋଧହୁଏ ।

---

[୧୬] କୁସୁମ

ସାର କଥା—

ନାନାଜାତିର ଫୁଲ ବଣରେ, ବଗିଚାରେ ଫୁଟେ । ଫୁଲ ଯୋଗୁ ପୃଥିବୀ ସୁନ୍ଦର ଦିଶେ । ନୂଆ ଋତୁରେ ନୂଆ ନୂଆ ରଙ୍ଗର ଫୁଲ ଫୁଟନ୍ତି । ସ୍ତ୍ରୀମାନେ ନାନାରଙ୍ଗର ଶାଢ଼ୀ ପିନ୍ଧି ସୁନ୍ଦର ଦିଶିଲା ପରି ପୃଥିବୀ ନାନା ରଙ୍ଗର ଫୁଲରେ ସୁନ୍ଦର ଦେଖାଯାଏ ।

ଗ୍ରୀଷ୍ମ ଋତୁରେ ଧଳା ବର୍ଣ୍ଣର ମଲ୍ଲୀ ଓ ମାଧବୀ ଫୁଲ ଫୁଟେ । ସଞ୍ଜବେଳକୁ ସେମାନଙ୍କର ମଧୁର ଗନ୍ଧ ପବନରେ ଚହଟି ଯାଏ । ସେଥିରେ ଲୋକେ ଗ୍ରୀଷ୍ମକଷ୍ଟ ଭୁଲି ଯାନ୍ତି ।

ବର୍ଷାଋତୁ ଆସିଲେ ଲାଲ ରଙ୍ଗର ରଙ୍ଗଣୀଫୁଲ ଫୁଟେ । ଅଧିକ ମଧ୍ୟ ଯୁଈ, ଯାଈ, କଦମ୍ବ ଓ ମାଳତୀ ଫୁଲ ଫୁଟନ୍ତି । ବର୍ଷାଦିନର ମେଘକୁ ଏହି ଫୁଲମାନେ ପୂଜା କଲା ପରି ବୋଧ ହୁଅନ୍ତି ।

Digitized by srujanika@gmail.com

ଶରତ ଋତୁରେ ଅନେକ ରକମର ଫୁଲ ଦେଖାଯାନ୍ତି । ବିଲ ଘାଟରେ କାଶତଣ୍ଡୀଫୁଲ ଏବଂ ପୋଖରୀମାନଙ୍କରେ ପଦ୍ମ ଓ କଇଁ ଫୁଲ ଫୁଟନ୍ତି । ଗନ୍ଧି ଫୁଲ, ଅଗସ୍ତିଫୁଲ, ଅପରାଜିତା ଫୁଲ ମଧ୍ୟ ଏହି ଋତୁରେ ଫୁଟନ୍ତି । ଏ ସବୁ ଦେଖିବାକୁ ଅତି ସୁନ୍ଦର ।

ହେମନ୍ତ ଋତୁରେ କରବୀର ଫୁଲ ଫୁଟେ । ଏହା ଏତେ ସୁନ୍ଦର ଯେ ବର୍ଣ୍ଣନା କରି ହେବ ନାହିଁ ।

ଶୀତଦିନେ ଗେଣ୍ଡୁ ଓ ସୋରିଷ ଫୁଲ ଫୁଟେ । ଗୁଡ଼ଏତେ ସୋରିଷ କିଆରୀରେ ଫୁଟିଥିବା ଫୁଲଗୁଡ଼ିକର ରଙ୍ଗ ସୁନାପରି ଦିଶେ ।

ବସନ୍ତ ଋତୁମାନଙ୍କରେ ଶ୍ରେଷ୍ଠ । ଏହି ଋତୁରେ ସ୍ଥଳରେ ଓ ଜଳରେ ନାନାଫୁଲ ଫୁଟିବାରୁ ପୃଥିବୀ ଅତି ସୁନ୍ଦର ଦିଶେ । ଗୋଲାପ, କାମିନୀ, ପଳାଶ ପ୍ରଭୃତି ଏହି ଋତୁରେ ଫୁଟନ୍ତି । ଋତୁର ପରିବର୍ତ୍ତନ ସଙ୍ଗେ ନୂଆ ନୂଆ ଫୁଲ ଫୁଟିବାରୁ ପୃଥିବୀର ଶୋଭା ମଧ୍ୟ ବଦଳି ଯାଏ । ଫୁଲମାନଙ୍କର ସୁଗନ୍ଧ ଲୋକଙ୍କ ମନକୁ କିଣିନିଏ । ମହୁମାଛି ଗୁଣୁ ଗୁଣୁ ଶବ୍ଦ କରି ଫୁଲ ମାନଙ୍କରୁ ମହୁ ସଂଗ୍ରହ କରେ । ଏହି ମହୁ ଲୋକଙ୍କର ନାନା ଉପକାରରେ ଲାଗେ ।

ଫୁଲର ସୁନ୍ଦର ପଣ ଦେଖି ଲୋକେ ତୃପ୍ତି ହୁଅନ୍ତି । ଫୁଲରୁ ମହୁମାଛିମାନେ ଯେଉଁ ମହୁ ନିଅନ୍ତି ତା ମଧ୍ୟ ଲୋକଙ୍କ ଉପକାରରେ ଲାଗେ । ପିଲମାନେ ସେହିପରି ଅନ୍ୟ ଲୋକଙ୍କୁ ଆନନ୍ଦ ଦେବା ଉଚିତ । ସେମାନେ ଭଲ ହେଲେ, ଭଲ କାମ କଲେ ସେମାନଙ୍କ ଗୁଣ ଦେଖି ଲୋକେ ଆନନ୍ଦ ପାଇବେ, ସେମାନଙ୍କୁ ଧନ୍ୟ ଧନ୍ୟ କରିବେ । ପିଲମାନେ ସମସ୍ତଙ୍କୁ ବନ୍ଧୁ ପରି ଦେଖି ପରର ଉପକାର କରିବା ଉଚିତ ।

Digitized by srujanika@gmail.com

କଠିନ ଶବ୍ଦମାନଙ୍କର ଅର୍ଥ:—

ମଣ୍ଡଇ—ସଜାଇଦିଏ, ଉପବନେ—ବଗିଚାରେ, ନବ—ନୂଆ, ଲୋହିତ—ଲାଲ, ହରିତ—ସାଗୁଆ, ଶୁଭ୍ର—ଧଳା, ସୁଷମା—ଶୋଭା; ନିଦାଘ—ଖରାଦିନ, ବକ୍ଷ—ଛାତି, ଧରଣୀ ବକ୍ଷ—ପୃଥିବୀର ଉପର, ପୂତ—ପବିତ୍ର, ରାଗ—ରଙ୍ଗ; ପରାସ—କଷ୍ଟ, ଅତୁଳ—ଯାହା ସାଥିରେ କାହାରି ସମାନ ନାହିଁ, କୁସୁମ ସମ୍ଭାର—ଫୁଲସବୁ, ଧରା—ପୃଥିବୀ, ସରୋବର—ପୋଖରୀ, କୁମୁଦ—କଇଁ, କମଳ—ପଦ୍ମ, ମଞ୍ଜରୀ—ଫୁଲ ପେନ୍ଥା; ଚିତ୍ତ—ମନ, କରବୀର—ରକ୍ତ କନିଅର (କନିଅର), ବେଣୁ—ବଂଶୀ।

ସରଳାର୍ଥ:—

ଫୁଟିବ ମୁଁ ············କରିବାକୁ ଦାନ । (୪୬ପୃଷ୍ଠା)

ଫୁଲ ଦେଖିବାକୁ ସୁନ୍ଦର । ତାର ଗନ୍ଧ ମନୋହର । ତାକୁ ଦେଖି ତାର ଗନ୍ଧକୁ ଶୁଙ୍ଘି ଲୋକେ ଆନନ୍ଦ ପାଆନ୍ତି । ମୁଁ ସେହିପରି ଭଲଗୁଣ ଅର୍ଜିବି, ଧନ କମାଇବି, ମୋର ଗୁଣକୁ ପର କାମରେ ଲଗାଇବି । ମୋର ଧନକୁ ଅନ୍ୟମାନଙ୍କୁ ଦେବି । ଫୁଲ ନିଜେ ତାର ସୁନ୍ଦରପଣ କିମ୍ବା ସୁଗନ୍ଧକୁ ଭୋଗ ନ କରି ଅନ୍ୟମାନଙ୍କୁ ଦିଏ । ମୁଁ ଫୁଲ ପରି ମୋର ଗୁଣ ଓ ମୋର ଧନକୁ ଅନ୍ୟ ଲୋକଙ୍କ ଉପକାରରେ ଲଗାଇବି ।

ଜନପାଇଁ ସଞ୍ଚିବ········ଜଗତକୁ ବାନ୍ଧୁ (୪୬ପୃଷ୍ଠା)

ଫୁଲରେ ମହୁ ରହିଥାଏ । ସେ ମହୁକୁ ଫୁଲ ନିଜେ ଖାଏନାହିଁ । ମହୁମାଛି ତାକୁ ନେଇ ଫେଣାରେ ରଖିଦିଏ । ଶେଷରେ ତାହା ଲୋକଙ୍କର କାମରେ ଲାଗେ । ମୁଁ ସେହିପରି ଗୁଣ ଅର୍ଜିବି ଓ ସେହି

Digitized by srujanika@gmail.com

ଗୁଣ୍ଡିଚାର ଲୋକଙ୍କର ଉପକାର କରିବି । ଫୁଲକୁ ସମସ୍ତେ ଆଦର କରନ୍ତି; କେହି ତାର ଖବର ନିଅନ୍ତି । ମୁଁ ସେହିପରି ମୋର ଗୁଣ୍ଡିଚାର ସମସ୍ତଙ୍କଠାରୁ ଆଦର ପାଇବି, ଜଗତରେ କେହି ମୋର ଖବର ରହିବେ ନାହିଁ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର:—

୧ । (ସାରକଥା ଦେଖ) ।

୨ । ଛଅଋତୁ ମଧ୍ୟରେ ବସନ୍ତଋତୁ ଶ୍ରେଷ୍ଠ । ଏ ସମୟରେ ଜଳରେ ସ୍ଥଳରେ ନାନା ପ୍ରକାର ଫୁଲ ଫୁଟନ୍ତି । ଦକ୍ଷିଣ ଦିଗରୁ ଧୀର ପବନ ବହେ । ଗଛ ମାନଙ୍କରେ କୋମଳ ପତ୍ର ବଡ଼ ସୁନ୍ଦର ଦିଶେ । ଅନ୍ୟ କୌଣସି ଋତୁ ଏତେ ମନୋହର ନୁହେଁ । ତେଣୁ ବସନ୍ତକୁ ଋତୁରାଜ କୁହାଯାଏ ।

୩ । ଫୁଲର ଶୋଭାକୁ ଦେଖିଲେ ଓ ତାର ସୁବାସକୁ ଶୁଙ୍ଘିଲେ ଆମ୍ଭମାନଙ୍କ ମନ ଆନନ୍ଦରେ ପୂରିଯାଏ । ଫୁଲର ରେଣୁ ନେଇ ମହୁମାଛିମାନେ ଫେଣା ତିଆର କରନ୍ତି ଓ ଫୁଲରୁ ମହୁନେଇ ସେମାନେ ଫେଣାରେ ସାଇତି ରଖିଥାନ୍ତି । ଏହି ମହୁ ଆମ୍ଭମାନଙ୍କର ଅନେକ ଦରକାରରେ ଲାଗେ ।

୪ । (ସରଳାର୍ଥ ଦେଖ) ।

ସାଜଇ—ସଜାଏ । ଶରତକାଳରେ ସୋରିଷ ଫୁଲ ଧରଣୀ ବଣୀକୁ ସ୍ୱର୍ଣ୍ଣ ବର୍ଣ୍ଣର ଶାଢ଼ୀରେ ସଜାଏ ।

ତୋଷଇ—ତୋଷକରେ । ଗୋଲାପର ବର୍ଣ୍ଣ ଓ ଗନ୍ଧ ମନୁଷ୍ୟର ମନକୁ ତୋଷ କରେ ।

ମଣ୍ଡଇ—ମଣ୍ଡନ କରେ । ବସନ୍ତ ଋତୁରେ ରକ୍ତବର୍ଣ୍ଣ ପଳାଶ ପୁଷ୍ପ ବୃକ୍ଷକୁ ମଣ୍ଡନ କରେ ।

Digitized by srujanika@gmail.com

ଅଣାଇ—ଅଣେ । ସନ୍ଧ୍ୟା ସମୟରେ ପବନ ଫୁଲର ସୁଗନ୍ଧକୁ ବହି ଅଣେ ।

ଫୁଟାଇ—ଫୁଟେ । ଶରତ ଋତୁର ସନ୍ଧ୍ୟା ସମୟରେ ବାଡ଼ି ମାନଙ୍କରେ ଜହ୍ନି ଫୁଲ ଫୁଟେ ।

---

[୧୩] ରେଭେନ୍ସା ସାହେବ ଓ ନଅଙ୍କ

ପୂର୍ବ ରଜା ଦିବ୍ୟସିଂହ ଦେବଙ୍କ ନବମ ଅଙ୍କରେ ଓଡ଼ିଶାରେ ହୋଇଥିବା ଭୟଙ୍କର ଦୁର୍ଭିକ୍ଷକୁ ଲୋକେ 'ନଅଙ୍କ' ବୋଲି କହନ୍ତି । ସେତେବେଳେ ରେଭେନ୍ସା ସାହେବ ଓଡ଼ିଶାର କମିଶନର ଥିଲେ । ବର୍ଷା ଅଭାବରୁ ସେ ବର୍ଷ ଫସଲ ଭଲ ହେଲନାହିଁ, କିନ୍ତୁ ସରକାରୀ କର୍ମଚାରୀମାନେ ତାଙ୍କୁ ବୁଝାଇ ଦେଲେ ଯେ ଓଡ଼ିଶାରେ ଧନୀ ଲୋକେ ଯଥେଷ୍ଟ ଧାନ ଚାଉଳ ସାଇତି ରଖିଛନ୍ତି । ସେଥିରେ ଲୋକେ ଶାନ୍ତିରେ ଚଳିଯିବେ ।

କିନ୍ତୁ ପ୍ରକୃତରେ ଲୋକଙ୍କଠାରେ ଏତେ ଧାନ ଚାଉଳ ନଥିଲା । ଲୋକେ ଖାଇବାକୁ ନ ପାଇ ଗଡ଼ି ମଲେ । ମାଅ ପିଲା ହାତରୁ ଛଡ଼ାଇ ଖାଇଲା, ପୁଅ ବୁଢ଼ା ବାପକୁ ନ ଚାହିଁ ଯାହା ପାଇଲା ନିଜେ ଖାଇଲା । ନାନା ଅଖାଦ୍ୟ କୁଖାଦ୍ୟ ଲୋକେ ଖାଇଲେ ।

ସେତେବେଳକୁ ଓଡ଼ିଶାରେ ରେଲ ନଥାଏ । ଦୂର ସ୍ଥାନରୁ ବହୁ କଷ୍ଟରେ କିଛି ଚାଉଳ ଅଣାଯାଇ ଲୋକଙ୍କୁ ସାହାଯ୍ୟ ଦିଆଗଲା । ତଥାପି ଏହି ଦୁର୍ଭିକ୍ଷରେ ଓଡ଼ିଶାର ତିନି ଭାଗରୁ ଭାଗେ ଲୋକ ମରିଗଲେ ।

Digitized by srujanika@gmail.com

ଭବିଷ୍ୟତରେ କପର ଓଡ଼ିଶାରେ ନଅଙ୍କ ଭଳି ଦୁର୍ଭିକ୍ଷ ନ ହେବ ସେଥିପାଇଁ ରେଭେନ୍‌ସା ସାହେବ ମହାନଦୀ ଓ ବିରୂପା ନଈରେ ଅନିକଟ ବା ପଥର ବନ୍ଧ କରାଇଲେ । ଏହାଦ୍ୱାରା ନଈ ପାଣିକୁ ଅଟକାଇ କେନାଲ ଦ୍ୱାରା ବିଭିନ୍ନସ୍ଥାନକୁ ନେବାର ବନ୍ଦୋବସ୍ତ ହେଲା । କେନାଲ ଯୋଗୁ ବର୍ଷା ଅଭାବ ବେଳେ ମଧ୍ୟ ଫସଲ ବଞ୍ଚାଇ ପାରିଲା । ସାହେବଙ୍କ ଉଦ୍ୟମରେ ଓଡ଼ିଶା ମାନ୍ଦ୍ରାଜ ସଡ଼କ ତିଆରି [illegible] । କେନାଲ ଓ ସଡ଼କରେ ଜିନିଷପତ୍ର ସୁବିଧାରେ ନେବା ଅଣିବା ହୋଇ ପାରିଲା ।

ଓଡ଼ିଆମାନଙ୍କ ଶିକ୍ଷାର ଉନ୍ନତି ପାଇଁ ମଧ୍ୟ ସେ ଯତ୍ନ କରିଥିଲେ । ତାଙ୍କ ନାଁ ଅନୁସାରେ କଟକରେ ରେଭେନ୍‌ସା କଲେଜ ଓ ରେଭେନ୍‌ସା ବାଳିକା ବିଦ୍ୟାଳୟ ହୋଇଅଛି । କଟକରେ ସେ ଗୋଟିଏ ଡାକ୍ତରଖାନା ଓ ଡାକ୍ତରି ସ୍କୁଲ ବସାଇ ଥିଲେ । ଏବେ ଡାକ୍ତରି ସ୍କୁଲଟି କଲେଜ ହେଲାଣି । ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ସେ ଲେଖକମାନଙ୍କୁ ପୁରସ୍କାର ଦେଉଥିଲେ । କଟକ ପ୍ରିଣ୍ଟିଂ କମ୍ପାନୀ ନାମକ ଛାପାଖାନା ତାଙ୍କ ସାହାଯ୍ୟରେ ବସିଥିଲା ।

ରେଭେନ୍‌ସା ସାହେବ ଓଡ଼ିଆଙ୍କୁ ବହୁତ ଭଲ ପାଉଥିଲେ । ସେ ଓଡ଼ିଆଙ୍କ ପରି ଶାଗ ପଖାଳଭାତ, କାଞ୍ଜି ମଧ୍ୟ ଖାଉଥିଲେ । ଚାକିରିରୁ ବିଦାୟ ନେଇ ବିଲାତ ଯିବାପରେ ମଧ୍ୟ ସେ ଓଡ଼ିଶା କଥା ଭୁଲି ଯାଇ ନଥିଲେ ।

କଠିନ ଶବ୍ଦମାନଙ୍କର ଅର୍ଥ :—

ଭୀଷଣ—ଭୟଙ୍କର; ବ୍ୟଗ୍ରତା—ଅଧୈର୍ଯ୍ୟ ଭାବ; ପ୍ରାକୃତିକ—ସ୍ୱଭାବଗତ; ଅନାହାର—ଖାଇବାର ଅଭାବ; ଭ୍ରମ—ଭୁଲ;

Digitized by srujanika@gmail.com

ଭୟାବହ—ଭୟଙ୍କର; ଅନ୍ତଃକଷ୍ଟ—ପଥରବନ୍ଧ; ତିମିର—ବାଷ୍ପ ଗୃହୀତ ହାହାକ; ନିଯୁକ୍ତ ହଗ ଯାଉଥିଲ—ଲଗା ଯାଇଥିଲ; ଉଦ୍ୟମ—ଚେଷ୍ଟା, ପ୍ରତିଷ୍ଠିତ—ସ୍ଥାପିତ, ଶିକ୍ଷାନୁଷ୍ଠାନ—ସ୍କୁଲ କଲେଜ ପ୍ରଭୃତି, ପେନସନ୍—ସରକାରୀ କର୍ମଚାରୀମାନେ ଚାକିରି ପରେ ବୃଦ୍ଧ ବୟସରେ ପାଉଥିବା ଭତ୍ତା ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ :—

ଶିକ୍ଷିତ—ଅଶିକ୍ଷିତ; ଦୁର୍ଭିକ୍ଷ—ସୁଭିକ୍ଷ; ବ୍ୟଗ୍ରତା—ସ୍ଥିରତା; ଅଣିବା—ନେବା; ନିକଟବର୍ତ୍ତୀ—ଦୂରବର୍ତ୍ତୀ; ସ୍ଥାୟୀ—ଅସ୍ଥାୟୀ; ଉନ୍ନତ—ଅବନତ; ଉତ୍କୃଷ୍ଟ—ନିକୃଷ୍ଟ; ପୁରସ୍କାର—ତିରସ୍କାର; ଦାନ—ଗ୍ରହଣ; ପ୍ରିୟ—ଅପ୍ରିୟ; ଚାପିଦେବା—ମନେ ରଖିବା; ପୁରୁଣା—ନୂଆ ।

ଲିଙ୍ଗ ପରିବର୍ତ୍ତନ :—

ସାହେବ—ମେମ୍; ରଜା—ରାଣୀ; ଜନକ—ଜନନୀ; ପିତା—ମାତା; ଛାତ୍ର—ଛାତ୍ରୀ; ଓଡ଼ିଆ—ଓଡ଼ିଆଣୀ; ଲେଖକ—ଲେଖିକା; ଚାକର—ଚାକରାଣୀ ।

ସରଳାର୍ଥ :—

କ୍ଷୁଧା ଅଗ୍ନି ମନୁଷ୍ୟର·····ଉଷ୍ମ କରିଦେଲା (୪୮ ପୃଷ୍ଠା)

ସାଧାରଣତଃ ଲୋକେ ବୁଦ୍ଧି ବିବେକ ଦ୍ୱାରା ଚାଳିତ ହୋଇ କାର୍ଯ୍ୟ କରନ୍ତି । ପିତା ମାତା ସନ୍ତାନମାନଙ୍କୁ ସ୍ନେହ କରନ୍ତି । ପିଲାମାନେ ଗୁରୁଜନମାନଙ୍କୁ ଭକ୍ତି କରନ୍ତି । କିନ୍ତୁ ନଅଙ୍କ ଦୁର୍ଭିକ୍ଷ ବେଳେ ଲୋକଙ୍କ ଆଚରଣ ବଦଳିଗଲା । ପେଟର ଜ୍ୱାଳାରେ

Digitized by srujanika@gmail.com

ସେମାନଙ୍କ ବୁଦ୍ଧି ବିବେକ ଲୋପ ପାଇଗଲା । ଯେତେବେଳେ ଭୋକରେ ପେଟ ଜଳୁଛି, କିଛି ଖାଇବାକୁ ମିଳୁନାହିଁ ସେତେବେଳେ କିଏ ବାହା କଥା ବୁଝୁଛି ? ଭଲ କଅଣ ମନ୍ଦ କଅଣ ବିଚାର ରହିଲା ନାହିଁ । ବଡ଼ ମଣିଷ ପିଲାଙ୍କୁ ସ୍ନେହ କଲେ ନାହିଁ କି ପିଲାମାନେ ବଡ଼ମାନଙ୍କୁ ଭକ୍ତି କଲେ ନାହିଁ । ଏହିପରି ଖାଦ୍ୟ ଅଭାବରୁ ମନୁଷ୍ୟର ଭଲଗୁଣ ସବୁ କୁଆଡ଼େ ଉଭେଇ ଗଲା ।

ପୂର୍ବଲିଖିତ ପ୍ରଶ୍ନମାନଙ୍କର ଉତ୍ତର:—

୧ । (ସାରକଥା ଦେଖ) ।

୨ । ଓଡ଼ିଶାରେ ଶିକ୍ଷାର ବିସ୍ତାର ପାଇଁ ରେଭେନ୍‌ସା ସାହେବ ଯତ୍ନ କରିଥିଲେ । ତାଙ୍କ ଅମଳରେ ଅନେକ ପ୍ରାଥମିକ ବିଦ୍ୟାଳୟ ବସିଥିଲା । କଟକର ରେଭେନ୍‌ସା କଲେଜ ଓ ବାଳିକା ବିଦ୍ୟାଳୟ ଏହି ରେଭେନ୍‌ସା ସାହେବଙ୍କ ନାମରେ ପ୍ରତିଷ୍ଠିତ ।

ଓଡ଼ିଆମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ରେଭେନ୍‌ସା ସାହେବ କଟକରେ ଗୋଟିଏ ଡାକ୍ତରଖାନା ବସାଇଥିଲେ । ଡାକ୍ତରୀ ଶିକ୍ଷା ଦେବା ପାଇଁ ଗୋଟିଏ ସ୍କୁଲ ମଧ୍ୟ ହୋଇଥିଲା । ସେହି ଡାକ୍ତରୀ ସ୍କୁଲଟି ଏବେ କଲେଜରେ ପରିଣତ ହୋଇଅଛି ।

ନଅଙ୍କ ଦୁର୍ଭିକ୍ଷରେ ଲୋକଙ୍କ ଦୁର୍ଦ୍ଦଶା ଦେଖି ରେଭେନ୍‌ସା ସାହେବ ଓଡ଼ିଶାର ଆର୍ଥିକ ଉନ୍ନତି ପାଇଁ ଚେଷ୍ଟା କରିଥିଲେ । ସେ ମହାନଦୀ ଓ ବିରୂପା ନଈରେ ଅଣିକଟ ତିଆରି ସମୁଦ୍ର ପର୍ଯ୍ୟନ୍ତ କେନାଲ ଖୋଳାଇ ଥିଲେ । କେନାଲରୁ ପାଣି ମିଳିବାର ସୁବିଧା ହେବାରୁ ବର୍ଷା ନ ହେଲେ ମଧ୍ୟ ଫସଲ ହୋଇ ପାରିଲା । କେନାଲ ଦ୍ୱାରା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଜିନିଷ

Digitized by srujanika@gmail.com

ପଜ ନେବା ଅଣିବା ହୋଇ ପାରିବାରୁ ଭଲ ବ୍ୟବସାୟ ଚାଲିଲା । ଓଡ଼ିଶାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ସଡ଼କ ମଧ୍ୟ ଏହି ସାହେବଙ୍କ ଉଦ୍ୟମରେ ହୋଇଥିଲା । ଏହାଦ୍ୱାରା ଯାତାୟତରେ ସୁବିଧା ହେଲା ।

୩ । (ସାରକଥା ଦେଖ ।)

୪ । ଗୃହୀତ—ଭୋଜନଲା; ଅନାହାର—ଖାଇବାର ଅଭାବ, ଅର୍ଥିକ —ଅର୍ଥ ବା ଧନ ସମ୍ବନ୍ଧୀୟ, ବ୍ୟଗ୍ରତା—ଅସ୍ଥିର ଭାବ, ଅନୁତପ୍ତ—ନିଜର କୌଣସି ମନ୍ଦ କାମ ପାଇଁ ଦୁଃଖ କରିବା, ବିବେକ—ମନୁଷ୍ୟର ଭଲମନ୍ଦ ବିଚାର କରିବା ଶକ୍ତି, ଭକ୍ଷଣ —ଖାଇବା ।

୫ । (କ) ଦୁର୍ଭିକ୍ଷ ମାଡ଼ି ଅସିଲା । (ଖ) ଉଦ୍ୟମ ସୌଭାଗ୍ୟ ଦିଏ । (ଗ) ବିଦ୍ୟାଳୟ ବନ୍ଦ ହେଲାଣି । (ଘ) କେନାଲ ଖୋଲା ହେଉଅଛି । (ଙ) ଷ୍ଟିମର ନଦୀରେ ଯାଇପାରେ ।

---

[୧୪] ଚୀନ ଦେଶର ବାଳକ

ସ୍ୱାଙ୍ଗସୁ ଚୀନ ଦେଶର ଗୋଟିଏ ଛୋଟ ପିଲା । ତାର ବାପ ମା ଅ ମରି ଯାଇଥିଲେ । ସେ ବଡ଼ କଷ୍ଟରେ ଚଳୁଥାଏ । କିନ୍ତୁ ପଢ଼ିବା ପାଇଁ ତାର ବଡ଼ ଇଚ୍ଛା । ଗୋଟିଏ ବିଦ୍ୟାଳୟର ଶିକ୍ଷକ ତାକୁ ବିନା ବେତନରେ ପଢ଼ାଇବାକୁ ରାଜି ହେଲେ ମାତ୍ର ସ୍ୱାଙ୍ଗସୁର ବହି ଖଣ୍ଡିଏ ମଧ୍ୟ କିଣିବାର ଶକ୍ତି ନ ଥିବାର ଜାଣି ଶିକ୍ଷକ ତାକୁ ବିଦ୍ୟାଳୟରେ ସ୍ଥାନ ଦେଲେ ନାହିଁ ।

ସେ ହତାଶ ନ ହୋଇ ପ୍ରତିଦିନ ବିଦ୍ୟାଳୟକୁ ଯାଇ ବାହାରେ ବସି ପାଠ ପଢ଼ା ଶୁଣେ । ଖଣ୍ଡିଏ କାଠିରେ ଜାଣିବାକୁ

Digitized by srujanika@gmail.com

ବାଲିରେ ଲେଖେ, ଅଙ୍କ କଷେ । ପରେ ଖଣ୍ଡେ ଦୁଇ ଖଣ୍ଡ ପୁରୁଣା ବହି ମଧ୍ୟ ଯୋଗାଡ଼ କରି ପଢ଼ିଲା ।

ରାତରେ ପଢ଼ିବାକୁ ଆଲୁଅର ଅଭାବ । ତା ପଡ଼ଶା ଘରେ ଆଲୁଅ ଜଳୁଥାଏ । ଘର କାନ୍ଥରେ ଗୋଟିଏ ଫାଟକଣା କରି ଦେବାରୁ ସେବାଟେ ଟିକିଏ ଆଲୁଅ ଆସେ । ଯୀଙ୍ଗୟୁ ସେହି ଆଲୁଅରେ ରାତରେ ପଢ଼ିଲା । ଏହିପରି ପରିଶ୍ରମ କରି ସେ ବାହାରି ଗ୍ରାମ ଭାବରେ ପରୀକ୍ଷା ଦେଲା ।

ପରୀକ୍ଷାଫଳ ବାହାରିବା ଆଗରୁ ପୂର୍ବୋକ୍ତ ବିଦ୍ୟାଳୟର ଶିକ୍ଷକ ତାକୁ ଡକାଇ କହିଲେ—ତୁମ୍ଭେ କୌଣସି ବିଦ୍ୟାଳୟରେ ପଢ଼ି ନାହଁ । ତୁମ୍ଭେ କଅଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଆଶା କରୁଛ ?

ଯୀଙ୍ଗୟୁ ନିଶ୍ଚୟ ଉତ୍ତୀର୍ଣ୍ଣ ହେବ ବୋଲି କହିଲା ।

ଶିକ୍ଷକ ପୁଣି କହିଲେ—ଏ ବର୍ଷ ଖୁବ୍ କମ୍ ପିଲା ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସେଥିରେ ତୁମ୍ଭେ କଅଣ ଆଶା କର ।

ଯୀଙ୍ଗୟୁ ପୁଣି କହିଲା, ଯେ ସେହି ଅଳ୍ପ ପିଲାଙ୍କ ମଧ୍ୟରେ ତାର ସ୍ଥାନ ରହିବ ।

ଶିକ୍ଷକ କହିଲେ—ଏବର୍ଷ ମୋଟେ ଦଶ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଯୀଙ୍ଗୟୁ—ସେହି ଦଶ ଜଣଙ୍କ ଭିତରୁ ମୁଁ ଜଣେ ନିଶ୍ଚୟ ହୋଇଥିବି ।

ଶିକ୍ଷକ—ଯଦି ପାଞ୍ଚଜଣ ମାତ୍ର ଉତ୍ତୀର୍ଣ୍ଣ ହୁଅନ୍ତି ?

ଯୀଙ୍ଗୟୁ—ସେ ପାଞ୍ଚ ଜଣ ମଧ୍ୟରେ ମୁଁ ନିଶ୍ଚୟ ଜଣେ ।

ଶିକ୍ଷକ—ଯଦି ଜଣେ ମାତ୍ର ଉତ୍ତୀର୍ଣ୍ଣ ହୋଇଥାଏ ।

ଯୀଙ୍ଗୟୁ ଦୃଢ଼ଭାବରେ କହିଲା—ତେବେ ସେ ଜଣକ ମୋ ଛଡ଼ା ଅନ୍ୟ କେହି ହୋଇ ନ ପାରେ ।

Digitized by srujanika@gmail.com

ଶିକ୍ଷକ ଖୁସି ହୋଇ ଜଣାଇଲେ ସେ କୃତକାର୍ଯ୍ୟ ହୋଇଥିବା ଛାତ୍ରଙ୍କ ମଧ୍ୟରେ ପ୍ରଥମ ସ୍ଥାନ ପାଇଛି ।

ସ୍କୁଲରୁ ବୃତ୍ତି ପାଇ ଉଚ୍ଚଶିକ୍ଷା ପାଇଲା । ଶେଷରେ ସେ ଉଚ୍ଚ ସରକାରୀ କାର୍ଯ୍ୟ ପାଇ ଦେଶର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହେଲା ।

ଚେଷ୍ଟାକଲେ ଲୋକ ନିଶ୍ଚୟ ଉନ୍ନତ କରି ପାରିବ ।

କଠିନ ଶବ୍ଦମାନଙ୍କର ଅର୍ଥ—

ସମ୍ବଳ—ଧନ, ପ୍ରତିଜ୍ଞାବଦ୍ଧ ହେଲା—ମନ ଦୃଢ଼କଲା, ବେତନ—ଦରମା, ଉପାର୍ଜନ—ଅର୍ଥ କରିବା, କପର୍ଦ୍ଦକ—କଉଡ଼ି, ଦାରୁଣ ଯାତନା—କଠୋର ଦୁଃଖ, ସ୍ମରଣ ଶକ୍ତି—ମନେ ରଖି ପାରିବାର କ୍ଷମତା, ଲୋଲୁପ—ଲୋଭପୂର୍ଣ୍ଣ, ଅର୍ଥ ବଣ୍ଟନ—ନିଜଠାରେ ବଣ୍ଟାଇ ବା କୃତଜ୍ଞତା, ବଞ୍ଚିତ—ତାଡ଼ିବା, ବ୍ୟତୀତ—ଛଡ଼ା, କ୍ଷୁଦ୍ରତା—ଟାଣ, ଉତ୍କଟ—ଭୀଷଣ, ଦାରିଦ୍ର୍ୟ—ଗରିବ ପଣ, ପ୍ରଧାନ—ଶ୍ରେଷ୍ଠ ।

୧ । (ସାରକଥା ଦେଖ ।)

୨ । (ସାରକଥା ଦେଖ ।)

୩ । (କଠିନ ଶବ୍ଦର ଅର୍ଥ ଦେଖ ।)

୪ । ସ୍ମରଣ ଶକ୍ତି—ଆମ୍ଭେମାନେ ଯାହା ଦେଖୁଁ ଶୁଣୁଁ ବା ଅନୁଭବ କରୁଁ ତାହା ମନେ ରଖି ପାରୁଁ । ପୂର୍ବେ ଘଟିଥିବା ବିଷୟକୁ ମନେ ପକାଇବାକୁ ସ୍ମରଣ କହନ୍ତି । କେତେକ ବେଶି ଦିନଯାଏ ମନେ ରଖି ପାରନ୍ତି, କେହି ଅଳ୍ପ ଦିନ ମନେ ରଖି ପାରନ୍ତି । କେହି ଅବା ଖୁବ୍ କମ ସମୟରେ ଭୁଲିଯାନ୍ତି । ଏହି ସ୍ମରଣ ରଖିବାର କ୍ଷମତାକୁ ସ୍ମରଣ ଶକ୍ତି କହନ୍ତି । ଏହି

Digitized by srujanika@gmail.com

ଶବ୍ଦ ଯାହାର ଯେତେ ବେଶି ସେ ପାଠ ପଢ଼ାରେ ସେତେ ଭଲ କରିବା ସମ୍ଭବ ।

ମନର ଦୃଢ଼ତା – ଆମମାନଙ୍କ ଭିତରୁ କେହି କେହି ଗୋଟିଏ କଥା ସ୍ଥିର କରିଥାନ୍ତି, କିନ୍ତୁ କିଏ କିଛି କହି ଦେଲେ ସେ କଥା ଛାଡ଼ି ଅନ୍ୟକଥା କରିବାକୁ ବସନ୍ତି । ଏଭଳି ଲୋକ ଘଡ଼ିକେ ଘଡ଼ି ନିଜ ମତ ବଦଳାଉ ଥାନ୍ତି । କିନ୍ତୁ ଯେଉଁ କେତେକ ଲୋକ ମନରେ ଯାହା ସ୍ଥିର କରିଥାନ୍ତି । ସେଥିରୁ ଟିକିଏ ହେଲେ ଟଳନ୍ତି ନାହିଁ । ଏହିପରି ନିଜର ବିଶ୍ୱାସରେ ଟାଣ ଧରି ରହିବାକୁ ମନର ଦୃଢ଼ତା କହନ୍ତି ।

୫ । ଭଦ୍ର – ଗ୍ରାମ, ଉଚ୍ଚ – ଶିକ୍ଷା, ପାଣ୍ଠି – ଋଣ, ଦାରୁଣ – ଯାତନା ପୁରୁଣା – ବସ୍ତି; ଉତ୍କଟ – ଦାରିଦ୍ର୍ୟ ।

—:●:—

[୧୫] ଲଙ୍ଗଳ

ଗାଆଁର ବଢ଼େଇ ନିଧଣି ବାରସି ଧରି ବହୁତ ପରିଶ୍ରମରେ ଲଙ୍ଗଳଟିଏ ଗଢ଼େ । ତା ଦେହ ଝାଳ ଗମଗମ ହୋଇଯାଏ, ତଣ୍ଟି ଶୁଖିଯାଏ । ଗାଆଁରେ କମାର ସେହିପରି ଶାଳରେ ଲୁହାକୁ ତତାଇ ହାତୁଡ଼ିରେ ପିଟି ବହୁ ମିହନ୍ତରେ ଫାଳ ତିଆରି କରେ । କାଠର ଲଙ୍ଗଳରେ ଲୁହାର ଫାଳକୁ ଯୋଡ଼ି ଚଷା ଖରା ବରଷା ନ ମାନି ଆନନ୍ଦରେ ଜମି ଚାଷ କରେ ।

ପୃଥିବୀରେ କେଉଁ ପୁରୁଣା ଯୁଗରେ ମଣିଷ ଜମି ଚଷିବା ପାଇଁ ଏହି ଯନ୍ତ୍ରଟି ପ୍ରଥମେ ଗଢ଼ିଥିଲା କହିହେବ ନାହିଁ । ସେ ସମୟରେ କଳ କାରଖାନା, କୋଠାବାଡ଼ି, ରେଲ, ଜାହାଜ,

Digitized by srujanika@gmail.com

ବ୍ୟୋମଯାନ, ତୋପ ଗୁଳି ବନ୍ଧୁକ ଏସବୁ ଜିନିଷ କିଛି ନଥିଲା । ମନୁଷ୍ୟ ବଣ ପାହାଡ଼ରେ ବୁଲି ନିଜର ଆହାର ଯୋଗାଡ଼ କରୁଥିଲା । ଯେତେବେଳେ ମନୁଷ୍ୟ ଲଙ୍ଗଳ ତିଆରି କରି ପାରିଲା, ସେ ଭୂଇଁ ଚାଷ ଫସଲ ଅମଦାନି କରିବାକୁ ଲାଗିଲା । ତାକୁ ଅନ୍ୟ ଆହାର ଖୋଜିବାରେ ଧନସତ ଲଗିବାକୁ ପଡ଼ିଲା ନାହିଁ ।

ଲଙ୍ଗଳ ତିଆରି କରିବା ସହଜ, ତାର ମୂଲ୍ୟ ମଧ୍ୟ ଅଳ୍ପ । କିନ୍ତୁ ମନୁଷ୍ୟ ପକ୍ଷରେ ଲଙ୍ଗଳ ପରି ଉପକାରୀ ଦ୍ରବ୍ୟ ଅଉ କିଛି ନାହିଁ । ଏହି ଲଙ୍ଗଳରେ ଜମି ଚାଷକରି କୃଷକ କପା ଜନ୍ମାଏ । କପାରୁ ଲୁଗା କରି ସେ ଶୀତ କଷ୍ଟରୁ ରକ୍ଷା ପାଏ । ଯେଉଁ ଲଙ୍ଗଳ ଯୋଗୁଁ ଆମ୍ଭେମାନେ ଦାନା ଓ କନା ପାଉଛୁ ତାର ଗୁଣ କମ ନୁହେଁ । ମନୁଷ୍ୟର ସବୁ ସୁଖ ସମ୍ପଦର ମୂଳକାରଣ ଏହି ଲଙ୍ଗଳ । ସାମାନ୍ୟ ଲଙ୍ଗଳ ଭୂମିକୁ ଚାଷ କରି ମନୁଷ୍ୟର ଏତେ ଉପକାର କରୁଛି । ଏଥିରୁ ଏହି ଶିକ୍ଷା ମିଳୁଛି ଯେ ମନୁଷ୍ୟ ସାମାନ୍ୟ ହେଉ ପଛକେ, ତାର ଧନ ନ ଥାଉ ପଛକେ ସେ ମଧ୍ୟ ଜଗତରେ ବଡ଼ କାମ କରିପାରେ ।

କଠିନ ଶବ୍ଦମାନଙ୍କର ଅର୍ଥ:—

ଖାଲ—କମାର ଯେଉଁଠାରେ ତାର କାମ କରେ, ଫାଳ—ଲଙ୍ଗଳ ଅଗରେ ଲାଗିଥିବା ଲୁହା, ପ୍ରଥମ—ଅତି ପ୍ରାଚୀନ, ବ୍ୟୋମଯାନ—ଉଡ଼ାଜାହାଜ, ଅନ୍ୱେଷଣ—ଖୋଜିବା, ଶ୍ୟାମଳ—ସବୁଜବର୍ଣ୍ଣ, ନିର୍ମାଣ—ତିଆରି, ତୁଲ୍ୟ—ସମାନ, ନିବାରିବା—ବାରଣ କରିବା, ବସନ—ଲୁଗା, ନିହିତ—ଅବସ୍ଥିତ, କ୍ଷୁଦ୍ର—ଛୋଟ, ଗ୍ରନ୍ଥ—ପୋଥି, ଲେଖନୀ—ଯାହା ଦ୍ୱାରା ଲେଖାଯାଏ, କଲମ, ମର୍ମ—ସାର କଥା । ବଖାଣୁଛି- କହୁଛି ।

Digitized by srujanika@gmail.com

ସରଳାର୍ଥ—

କ୍ଷୁଦ୍ର ଧନଧାନ୍ୟ......ଏହି ମର୍ମ । (୫୮ ପୃଷ୍ଠା)

ପୋଥିରେ ଲେଖକ ସାହାଯ୍ୟରେ ଅନେକ କଥା ଲେଖା ଯାଇଥାଏ । ତାକୁ ପଢ଼ିଲେ ଆମର ଜ୍ଞାନ ବଢ଼େ । ସେଥିରୁ ଆମେ ଅନେକ କଥା ଶିକ୍ଷା କରୁଁ । ସେହିପରି ଲଙ୍ଗଳ ସାହାଯ୍ୟରେ ଭୂମିକୁ ହଳ କରାଗଲେ ଭୂମିରୁ ନାନା ଶସ୍ୟ ଉତ୍ପନ୍ନ ହୁଏ । ଲଙ୍ଗଳ ଅତି ସାମାନ୍ୟ, ତାର ମୂଲ୍ୟ ମଧ୍ୟ ଖୁବ କମ, କିନ୍ତୁ ତାହାର ଯୋଗୁ ଲୋକେ ଖାଇବା ପିଇବାକୁ ପାଇ ସୁଖରେ ରହି ପାରୁଛନ୍ତି । ଲଙ୍ଗଳର ଏହି କାର୍ଯ୍ୟ ଦେଖି ଆମ୍ଭେମାନେ ଶିକ୍ଷା ପାଉଅଛୁ ଯେ ମନୁଷ୍ୟ ଯେତେ ଶ୍ରେଷ୍ଠ ହେଉ ବା ଗରିବ ହେଉ ସବୁଲୋକେ ସେ ଇଚ୍ଛା କଲେ ଜଗତରେ ବଡ଼ ବଡ଼ କାର୍ଯ୍ୟ କରି ପାରିବ ।

ଏଠାରେ ଭୂମି ସହିତ ପୋଥିର ଓ ଲଙ୍ଗଳର ସହିତ କଲମ ତୁଳନା କରା ଯାଇଅଛି ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ:—

ଗଢ଼ିବା—ଭାଙ୍ଗିବା, ଶିଶୁ—ବୃଦ୍ଧ, ଅଧମ—ଅନେକ, ନିର୍ମାଣ—ଧ୍ୱଂସ, ଉପକାର—ଅପକାର, ସମ୍ପଦ—ବିପଦ, କ୍ଷୁଦ୍ର—ବୃହତ୍ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଗାଆଁର ବଢ଼େଇ ଖଣ୍ଡିଏ କାଠ ଆଣି ବାରିପିରେ ହାଣି ଲଙ୍ଗଳ ତିଆରି କରେ ।

୨ । ଲଙ୍ଗଳ ମାଟି ତାଡ଼ିବାର ଗୋଟିଏ ଯନ୍ତ୍ର । ଏହା ଅତି ପ୍ରାଧ୍ ପ୍ରଥା ଯନ୍ତ୍ର ଓ ଏହା ଅତି ପ୍ରାଚୀନ ଯୁଗରୁ ଭୂଇଁ ହଳ କରିବାରେ

Digitized by srujanika@gmail.com

ବ୍ୟବହୃତ ହୋଇ ଆସୁଅଛି । ତେଣୁ ଏହାକୁ ଆଦମ ଯନ୍ତ୍ର ବୋଲି କୁହାଯାଇଅଛି ।

ଚାଷ କରିବା ପାଇଁ ଆଜିକାଲି ଟ୍ରାକ୍ଟର ନାମକ ଯନ୍ତ୍ର ବାହାରି ଅଛି । ବଳଦମାନେ ଲଙ୍ଗଳକୁ ଟାଣନ୍ତି, କିନ୍ତୁ ଟ୍ରାକ୍ଟର ପେଟ୍ରୋଲ ଦ୍ୱାରା ଚଳେ । ଟ୍ରାକ୍ଟର ଛଡ଼ା ଲୁହାର ଲଙ୍ଗଳ ମଧ୍ୟ ବାହାରି ଅଛି । ଏଥିରେ କାଠ ଆଦୌ ନାହିଁ । ଏଥିରେ ମଧ୍ୟ କାଠଲଙ୍ଗଳ ପରି ହଳ କରାଯାଏ ।

୩ । ଲଙ୍ଗଳ ଦ୍ୱାରା ଭୂମି ଚାଷ କରି ଲୋକେ ଶସ୍ୟ ଉତ୍ପାଦନ କରନ୍ତି । ଏହି ଶସ୍ୟ ମନୁଷ୍ୟର ପ୍ରଧାନ ଖାଦ୍ୟ । କପା ଚାଷ କରି ଲୋକେ କପା ଅଦାୟ କରନ୍ତି । କପାରୁ ସୂତାକାଟି ଲୁଗା ବୁଣି ଲୋକେ ପିନ୍ଧନ୍ତି । ଖାଇବା ପିନ୍ଧିବା ପାଇଁ ଆମ୍ଭେମାନେ ପୂରାପୂରି ଭାବରେ ଲଙ୍ଗଳ ଉପରେ ନିର୍ଭର କରୁ ।

୪ । (ସରଳାର୍ଥ ଦେଖ ।)

୫ । (ସରଳାର୍ଥ ଦେଖ)

୬ । କାଳି – ମନୁଷ୍ୟ ଭୂଗର୍ଭରୁ କୋଇଲା କାଢ଼ି ନାନା ବ୍ୟବହାରରେ ଲଗାଇ ଅଛି ।

ତାଳ – ଶୁଖୀ ମାଟି ତାଳ ଭୂଇଁରୁ ଅହାର ଯୋଗାଡ଼ କରେ ।

ନିହିତ – ମନୁଷ୍ୟର ସକଳ ସୌଭାଗ୍ୟର ମୂଳରେ କଠିନ ପରିଶ୍ରମ ନିହିତ ଅଛି ।

ଉତ୍ତାପ – ଆମ୍ଭେମାନେ ପୃଥିବୀର ଅଭ୍ୟନ୍ତରକୁ ଯେତିକି ଦୂର ଯିବା, ସେତିକି ବେଶି ଉତ୍ତାପ ଅନୁଭବ କରିବା ।

Digitized by srujanika@gmail.com

[୧୯] ହରିହର ଗୁରୁଙ୍କ ଦାନ

ପୁରୀର ଜଗନ୍ନାଥଙ୍କ ପଣ୍ଡାମାନଙ୍କ ମଧ୍ୟରେ ହରିହର ଗୁରୁ ଜଣେ ପ୍ରସିଦ୍ଧ ଲୋକ ଥିଲେ । ଭାରତର ନାନା ପ୍ରଦେଶରୁ ତାଙ୍କର ଯାତ୍ରୀମାନେ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଆସୁଥିଲେ । ତାଙ୍କର ଗୁମାସ୍ତା ମାନେ ଯାତ୍ରୀମାନଙ୍କ ରହିବା ଓ ଧର୍ମ ଦର୍ଶନ କରିବାର ସୁବିଧା କରି ଦେଉଥିଲେ । ଅନ୍ୟ ପଣ୍ଡାମାନେ କେବଳ ଧନୀ ଯାତ୍ରୀଙ୍କ ଠାରୁ କିଛି ପାଇବା ଆଶାରେ ସେମାନଙ୍କର ସୁବିଧା କରି ଦିଅନ୍ତି । କିନ୍ତୁ ହରିହର ଗୁରୁ ଗରିବ ଯାତ୍ରୀମାନଙ୍କୁ ମଧ୍ୟ ଆଦର କରୁଥିଲେ । ତାଙ୍କର ଖାଇବା, ପିଇବା, ରହିବା, ଠାକୁର ଦର୍ଶନ କରିବାର ବନ୍ଦୋବସ୍ତ କରି ଦେଉଥିଲେ । ଏ ସବୁ ପାଇଁ ତାଙ୍କୁ ହାତରୁ ଖରଚ କରିବାକୁ ପଡୁଥିଲା । ଧନୀ ଯାତ୍ରୀମାନେ ନିଜ ଇଚ୍ଛାରେ ଗୁରୁଙ୍କୁ ଯାହା ଦେଉଥିଲେ ସେଥିରୁ ତାଙ୍କର ଯଥେଷ୍ଟ ଆୟ ହେଉଥିଲା । ଏତେ ଆୟ ଥିଲେହେଁ ସେ ଅନେକ ସମୟରେ ଅଭାବରେ ପଡୁଥିଲେ । ଏହାର ପ୍ରଧାନ କାରଣ ଏହି ଯେ ସେ ବଡ଼ ଦାନଶୀଳ ଥିଲେ । କେହି କିଛି ପାଇବା ଆଶାରେ ତାଙ୍କ ପାଖକୁ ଯାଇ କେବେ ହେଲେ ଖାଲି ହାତରେ ଫେରୁ ନ ଥିଲା । ଆୟଠାରୁ ବେଶୀ ବ୍ୟୟ କରୁଥିବାରୁ ସେ ଅନେକ ସମୟରେ କରଜ କରିବାକୁ ବାଧ୍ୟ ହେଉଥିଲେ।

୦

ଦିନେ ହରିହର କିଛି କରଜ ପାଇଁ ଜଣେ ମହାଜନଙ୍କ ଘରକୁ ଆସି ତାଙ୍କ ସଙ୍ଗେ କଥାବାର୍ତ୍ତା ହେଉଥିଲେ । ଏହି ସମୟରେ ଜଣେ ଦରିଦ୍ର ବୃଦ୍ଧ ଲୋକ ନିଜର ପୁଅକୁ ପଢ଼ାଇବା ପାଇଁ ମହାଜନଙ୍କୁ କିଛି ସାହାଯ୍ୟ ମାଗିଲେ । ମହାଜନ ଲୋକଟି ପ୍ରତି ଘୃଣା ପ୍ରକାଶ କରି ଗୋଟିଏ ପଇସା ଦେଲେ । ତା ପରେ ବୃଦ୍ଧ ହରିହର

Digitized by srujanika@gmail.com

ଗୁରୁଙ୍କଠାରୁ ବିଦ୍ଯା ପାଇବା ଆଶାରେ ହାତ ପାତିଲା । ହରିହର କହିଲେ, — ମୁଁ ତମର ପରି ମାଗିବାକୁ ଆସିଛି । ମୁଁ କଅଣ ଦେଇ ପାରିବି । ଏହା କହି ଅଣ୍ଟା ଖୋସଣିରେ ଥିବା ଗୋଟିଏ ସୁନାମୋହର କାଢି ବ୍ରାହ୍ମଣ ହାତରେ ଦେଲେ । ଖୋସଣି ଫିଟି ନ ଯିବ ବୋଲି ହରିହର ସେହି ମୋହରଟି ଅଣ୍ଟାରେ ଖୋସିଥିଲେ ।

ବ୍ରାହ୍ମଣ ଅତି ଆନନ୍ଦରେ ଚାଲିଗଲା । ମହାଜନ ହରିହରଙ୍କୁ କହିଲେ, "ବଡ଼ ଆଶ୍ଚର୍ଯ୍ୟର କଥା, ଆପଣ ଅଭାବ ହେବାରୁ କରଜ କରୁଛନ୍ତି, ଏଣେ ଭିକାରୀଙ୍କୁ ମୋହର ଦାନ କରୁଛନ୍ତି କାହିଁକି ?"

ହରିହର କହିଲେ, "ଏହିପରି ଦାନ କରିବାପାଇଁ ତ ମୋତେ କରଜ କରିବାକୁ ହୁଏ ।"

କଠିନ ଶବ୍ଦର ଅର୍ଥ :—

ନାନା ଭାଷାଭାଷୀ – ଭିନ୍ନ ଭିନ୍ନ ଭାଷା ବ୍ୟବହାର କରୁଥିବା, ଦେବ ଦର୍ଶନ – ଦର୍ଶନ ଦେଖା, ସଦ୍‌ଭାବ – ଭଲମନ, ପରିଚିତ – ଜଣା-ଶୁଣା, ଉଦାରମନା – ଯାହାର ମନ ବଡ଼, ପାନାହାର – ଖାଇବା ପିଇବା, କଦାପି – କେବେହେଲେ, ଶୂନ୍ୟ ହସ୍ତ – ଖାଲିହାତ, କଥୋପକଥନ – କଥାବାର୍ତ୍ତା, ଭ୍ରୂକୁଞ୍ଚିତ କରି – ବିରକ୍ତି ପ୍ରକାଶ କରି, କୃତକୃତ୍ୟ ହୋଇ – ନିଜକୁ ଧନ୍ୟ ମନେ କରି ।

ବିପରୀତ ଅର୍ଥ ବୋଧକ ଶବ୍ଦ : –

ସୁବିଧା – ଅସୁବିଧା, ବ୍ୟସ୍ତ – ଅସ୍ତ, ଶୂନ୍ୟ – ପୂର୍ଣ୍ଣ, ମହାଜନ – ଖାତକ, ଦୁଃଖିତ – ଆନନ୍ଦିତ, ଅଭାବ – ସଦ୍‌ଭାବ, ଋଣ – ମହାଜନ ।

Digitized by srujanika@gmail.com

ସରଳାର୍ଥ :–

ପଣ୍ଡା ଓ ଗୁମାସ୍ତାମାନେ.....ପ୍ରତିଷ୍ଠିତ ହୋଇଅଛନ୍ତି । (୫୯ପୃଷ୍ଠା)

ପୁରୀର ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଭାରତର ସବୁ ଅଞ୍ଚଳରୁ ହିନ୍ଦୁ ଯାତ୍ରୀମାନେ ଆସନ୍ତି । ସେମାନଙ୍କୁ ସୁବିଧାରେ ରଖାଇବା, ଠାକୁର ଦର୍ଶନ କରାଇବା ପାଇଁ ପୁରୀରେ କେତେକ ପଣ୍ଡା ଅଛନ୍ତି । ଯେଉଁ ବଡ଼ ବଡ଼ ପଣ୍ଡାଙ୍କର ବହୁତ ଯାତ୍ରୀ ଆସନ୍ତି, ସେମାନେ ଏହି କାମ ପାଇଁ କେତେକ ଗୁମାସ୍ତା ରଖିଥାନ୍ତି । ପଣ୍ଡାମାନେ ଓ ସେମାନଙ୍କ ଗୁମାସ୍ତାମାନେ ଭାରତର ଭିନ୍ନ ଭିନ୍ନ ଅଞ୍ଚଳର ଭାଷା ଜାଣିଅଛନ୍ତି । ତେଣୁ ଯାତ୍ରୀମାନଙ୍କର ପୁରୀରେ ଚଳିବାର କିଛି ଅସୁବିଧା ହୁଏ ନାହିଁ । ସେମାନେ ଭାରତର ନାନା ଭାଷା ଜାଣିଥିବାରୁ ଓଡ଼ିଶାର ଆଉ ଗୋଟିଏ ଉପକାର ହୁଏ । ଭାରତର ଅନ୍ୟାନ୍ୟ ଅଞ୍ଚଳର ଲୋକଙ୍କ ସଙ୍ଗେ ସେମାନେ ଭଲରୂପେ ମିଳିମିଶି ହୋଇ ପାରୁଥିବାରୁ ଓଡ଼ିଶାର ଲୋକଙ୍କୁ ଅନ୍ୟାନ୍ୟ ପ୍ରଦେଶର ଲୋକେ ଆଦର କରନ୍ତି ଓ ଭଲ ପାଆନ୍ତି । ଓଡ଼ିଆମାନେ ମଧ୍ୟ ସେମାନଙ୍କୁ ଭଲ ପାଇ ପାରନ୍ତି । ପଣ୍ଡା ଓ ଗୁମାସ୍ତାମାନେ ଭାରତର ବିଭିନ୍ନ ଭାଷା ଜାଣି ନଥିଲେ ସହଜରେ ଏପରି ହୋଇ ପାରନ୍ତା ନାହିଁ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର :–

୧ । (ସରଳାର୍ଥ ଦେଖ)

୨ । ହରିହର ଗୁରୁ ଜଣେ ଉଦାରମନା ଲୋକଥିଲେ । ଦାନ କରିବା ତାଙ୍କର ବିଶେଷ ଗୁଣ ଥିଲା । ସେ ଅର୍ଥ ଲୋଭୀ ନଥିଲେ । ଦାନ କରିବା ପାଇଁ ଅର୍ଥର ଅଭାବ ହେଲେ ସେ ଋଣ କରିବାକୁ ମଧ୍ୟ କୁଣ୍ଠା କରୁ ନଥିଲେ । ଗରିବମାନଙ୍କ ପ୍ରତି ତାଙ୍କର

Digitized by srujanika@gmail.com

ଗଭୀର ସହାନୁଭୂତି ଥିଲା ଓ ସେମାନଙ୍କୁ ସେ ଯଥାସାଧ୍ୟ ସାହାଯ୍ୟ କରୁଥିଲେ ।

ମହାଜନଙ୍କର ସ୍ୱଭାବ ଗୁରୁଙ୍କ ସ୍ୱଭାବର ବିପରୀତ ଥିଲା । ଦରିଦ୍ରଙ୍କୁ ସେ ଘୃଣା କରୁଥିଲେ । ଥରେ ଜଣେ ବୃଦ୍ଧ ଦରିଦ୍ର ଲୋକ ପୁଅକୁ ପାଠ ପଢ଼ାଇବା ପାଇଁ କିଛି ସାହାଯ୍ୟ ମାଗିବାରୁ ସେ ତାକୁ ଅଙ୍କା ଭରି ବିରକ୍ତରେ ଗୁରୁଟି ମାନ ପଇସା ଦେଇଥିଲେ । ସେ ଗରିବଙ୍କ ଦୁଃଖ ଅଦୌ ଭାବୁ ନଥିଲେ । କରଜ ଦେଇ ସୁଧ ନେବାକୁ ସେ ବଡ଼ କଥା ମନେ କରୁଥିଲେ । କାହାକୁ କିଛି ଦେଇ ତାର ଦୁଃଖ ଦୂର କରିବା ତାଙ୍କୁ ଜଣା ନଥିଲା । ସେ ଜଣେ ଲୋଭୀ ଓ ନିଷ୍ଠୁର ଲୋକ ଥିଲେ । ଧନ ସଞ୍ଚିବା ଛଡ଼ା ସେ ଆଉ କିଛି ଭାବୁ ନଥିଲେ ।

୩ । ଯେଉଁ ଗରିବ ଯାତ୍ରୀମାନେ ଜଗନ୍ନାଥ ଦର୍ଶନ କରିବାକୁ ଆସୁଥିଲେ, ସେମାନଙ୍କୁ ଗୁରୁ ମହୋଦୟ ନିଜ ଯାତ୍ରୀ ଘରେ ବିନା ଭଡ଼ାରେ ରଖାଉଥିଲେ । ସେମାନଙ୍କର ଖାଇବା ପିଇବା ଖରଚ ମଧ୍ୟ ସେହି ଗୁରୁ ଦେଉଥିଲେ । ଏହିପରି ଗୁରୁଙ୍କ ଦୟାରେ ସେମାନେ ସୁଖରେ ରହି ଦିଅଁ ଦର୍ଶନ କରି ନିଜ ଦେଶକୁ ଫେରି ଯାଉଥିଲେ ।

୪ । (ସାରକଥା ଦେଖ ।)

୫ । ବନ୍ଦୋବସ୍ତ — ବ୍ୟବସ୍ଥା, ବାଟ •ଦେଖାଇବା ବ୍ୟକ୍ତି — ପଥପ୍ରଦର୍ଶକ, ନୂଆ ଆସିବା ବ୍ୟକ୍ତି — ଆଗନ୍ତୁକ, ନିଜେ ଚଳିବା···କରିବା — ଚଳନୋପଯୋଗୀ ଅର୍ଥ । (ଏ ଶବ୍ଦଟି ପାଠରେ ନାହିଁ) ।

ଯାହାଙ୍କର···ଉଦାର — ଉଦାରମନା, କଡ଼ାଏ··· ନଥିବା — କପର୍ଦ୍ଦକହୀନ ।

Digitized by srujanika@gmail.com

୭। ଅସମାପିକା କ୍ରିୟା :—

ରହି, ଘେନି, ଦେଇ, ବୁଲାଇ, ଯାଇ, (ବ୍ୟବସାୟ) କରି, (ଭ୍ରୂକୁଞ୍ଚନ) କରି, (ଭ୍ରମଣ) କରି, (ନିଦ୍ରାବର୍ତ୍ତୀ) ହୋଇ, (ଦୁଃଖିତ) ହୋଇ ।

ସମାପିକା କ୍ରିୟା :—

ଅସନ୍ତି, ନେଇ ଯାଆନ୍ତି, କହି ପାରନ୍ତି, ହୋଇଥିଲେ, ଯାଉଥିଲେ, କରିଥିଲେ, ପଢ଼ାଇଅଛି, ଖୋସିଥିଲି, ପଚାରିଲେ, ଦେଉ ଅଛନ୍ତି, ନିଅ ।

ଦିଆସଲି ଶିଳ୍ପ

ସାରକଥା—

ମନୁଷ୍ୟ ବଣୁଆ ଅବସ୍ଥାରେ ଥିଲାବେଳେ ନିଆଁର ବ୍ୟବହାର ଜାଣି ନ ଥିଲା । ଦିନରେ ସେ ସୂର୍ଯ୍ୟଙ୍କ ଆଲୁଅ ପାଉଥିଲା; ରାତିରେ ଅନ୍ଧାରରେ ରହୁଥିଲା । ପ୍ରଥମେ ଦୁଇଖଣ୍ଡ କାଠକୁ ପରସ୍ପର ଘଷି ସେ ନିଆଁ ବାହାର କଲା । ସେ କାଳରେ ମନୁଷ୍ୟ ପକ୍ଷରେ ନିଆଁ ବାହାର କରିବା ଗୋଟିଏ ବଡ଼ ଉଦ୍ଭାବନ ହୋଇଥିବ ।

ନିଆଁର ବ୍ୟବହାର ଜାଣିବାରୁ ମନୁଷ୍ୟ ସଭ୍ୟ ହେବାକୁ ଲାଗିଲା । ସେ ଖାଦ୍ୟ ପଦାର୍ଥ ରାନ୍ଧି ଖାଇଲା, ଦରକାର ବେଳେ ଆଲୁଅ ଓ ତାପ ପାଇ ପାରିଲା ।

କେତେକାଳ ପରେ ସେ ଆଉ ଗୋଟିଏ ଉପାୟରେ ମଧ୍ୟ ନିଆଁ ବାହାର କରି ପାରିଲା । ଚକମକି ପଥରରେ ଖଣ୍ଡିଏ ଲୁହାକୁ

Digitized by srujanika@gmail.com

ଘଷି ସେ ନିଆଁ ବାହାର କଲା । କିନ୍ତୁ ଦୁଇଖଣ୍ଡ କାଠ ଘଷିବା ଚକ୍‌ମକି ପଥର ଓ ଲୁହା ସାହାଯ୍ୟରେ ନିଆଁ ବାହାର କରିବାକୁ ବହୁତ ପରିଶ୍ରମ ଓ ବହୁତ ସମୟ ଲାଗୁଥିଲା ।

ପ୍ରାୟ ଶହେ ବର୍ଷ ପୂର୍ବେ ଜଣେ ଇଂରେଜ ପ୍ରଥମେ ଦିଆସିଲି ବାହାର କଲେ । ଆଜିକାଲି ପ୍ରତିଦିନ ସମସ୍ତଙ୍କ ଘରେ ଦିଆସିଲି ବ୍ୟବହାର ହେଉଛି ।

ଦିଆସିଲି କାଠିର ଗୋଟିଏ ଅଗରେ କିଛି ମସଲା ବୋଳା ହୋଇଥାଏ ଏହି ମସଲା ବିସ୍ଫୋରକ ପଦାର୍ଥ । ଦିଆସିଲି କାଠି ରହୁଥିବା ପେଡ଼ିର ଗୋଟିଏ ପାଖରେ କିଛି ମସଲା ବୋଳା ହୋଇଥାଏ । ତାହା ଉପରେ ଘଷିଲେ କାଠିଟି ଜଳି ଉଠେ ।

ଆମ ଦେଶରେ ଆଗେ ଦିଆସିଲି ତିଆରି ହେଉ ନଥିଲା । ବିଦେଶରୁ ଆସୁଥିଲା । ଯେତେବେଳେ ପ୍ରଥମେ ଆମ ଦେଶରେ ଦିଆସିଲି ତିଆରି ହେଲା, ସେତେବେଳେ ଦିଆସିଲି କାଠି ଓ ତାର ମସଲା ବିଦେଶରୁ ଆସୁଥିଲା । ତେଣୁ ଦିଆସିଲିର ଦାମ ବେଶି ଥିଲା । ଏବେ ଆମ ଦେଶର ଦେବଦାରୁ ପ୍ରଭୃତି କେତେକ କାଠରୁ ଦିଆସିଲି କାଠି ହେଉଛି, ଶିମିଳି କାଠରୁ ଦିଆସିଲି ପେଡ଼ି ହେଉଛି । କେବଳ ମସଲାତକ ବିଦେଶରୁ ଆସୁଛି ।

କାଠକୁ କାଟି ଦିଆସିଲି କାଠି ଓ ପେଡ଼ି ତିଆରି କରିବା, ଦିଆସିଲି କାଠିରେ ମସଲା ଲଗାଇବା, ପେଡ଼ିରେ କାଠିକୁ ସଜାଡ଼ି ରଖିବା, ଦିଆସିଲି ପେଡ଼ିଗୁଡ଼ିକୁ ବାକ୍‌ସରେ ରଖି ବନ୍ଦ କରିବା ପ୍ରଭୃତି ସବୁ କାମ କାରଖାନାରେ ଯନ୍ତ୍ର ଦ୍ୱାରା କରାଯାଏ ।

ଆଦିମ ଅବସ୍ଥାରେ ନିଆଁ ବାହାର କରିବାଠାରୁ କ୍ରମେ ଉନ୍ନତି କରି ମନୁଷ୍ୟ ଦିଆସିଲି ବାହାର କରି ପାରିଅଛି । ଏହିପରି ମନୁଷ୍ୟ ସଭ୍ୟତା ଦିଗରେ ଉନ୍ନତି କରୁଅଛି ।

Digitized by srujanika@gmail.com

କଠିନ ଶବ୍ଦର ଅର୍ଥ—

ଜୀବନ ଧାରଣ—ବଞ୍ଚିବା, ଅଦ୍ଭୁତ—ଆଶ୍ଚର୍ଯ୍ୟ, ଉଦ୍ଭାବନ —ଆଗରୁ ନଥିବା କୌଣସି କଥା ବୁଦ୍ଧି ବଳରେ ବାହାର କରିବା, (ଆବିଷ୍କାର—ପୂର୍ବରୁ ଯାହାଥିଲା, କିନ୍ତୁ ଲୋକେ ଜାଣି ନ ଥିଲେ ତାହା ଜଣାଇଦେବା), ଉତ୍ପାଦନ—ତିଆରି କରିବା, ସମୟ ସାପେକ୍ଷ— ଯହିଁରେ ବେଶି ସମୟ ଲାଗେ, ଶ୍ରମସାଧ୍ୟ— ବହୁତ ପରିଶ୍ରମରେ ଯାହା କରାଯାଏ, ସର୍ବତ୍ର—ସବୁଠାରେ, ବ୍ୟବହାର୍ଯ୍ୟ ବସ୍ତୁ—ବ୍ୟବହାର କରାଯାଉଥିବା ପଦାର୍ଥ, ନିତ୍ୟ— ପ୍ରତିଦିନ, ବିଶାକ୍ତ—ବିଷଯୁକ୍ତ, ପ୍ରୟୋଜନୀୟ—ଦରକାରୀ ।

ସରଳାର୍ଥ:—

ବର୍ତ୍ତମାନ················ମନେ ହୋଇଥାଏ (୭୨ପୃଷ୍ଠା)

ବର୍ତ୍ତମାନ ଯୁଗରେ ବିଜ୍ଞାନ ବଳରେ ଅନେକ ଉଦ୍ଭାବନ ହେଲାଣି । ରେଳ, ମୋଟରଗାଡ଼ି, ବୁଡ଼ା ଜାହାଜ, ଉଡ଼ାଜାହାଜ, ପରମାଣୁ ବୋମା ପ୍ରଭୃତିର ଉଦ୍ଭାବନ ସଙ୍ଗରେ ତୁଳନା କଲେ ଦିଆସିଲିର ଉଦ୍ଭାବନ ଆମ୍ଭମାନଙ୍କୁ ବଡ଼ କଥା ମନେ ହୁଏ ନାହିଁ । କିନ୍ତୁ ଆଦିମ ଯୁଗରେ ଯେତେବେଳେ ମନୁଷ୍ୟ ଅନ୍ୟ କିଛି ଉଦ୍ଭାବନ କରି ନଥିଲା ଅଗ୍ନିର ଉଦ୍ଭାବନ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ହୋଇଥିବ ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ଆଲୋକ—ଅନ୍ଧକାର, ସହଜ—କଠିନ, ସାମାନ୍ୟ— ଅସାମାନ୍ୟ, ସଭ୍ୟ—ଅସଭ୍ୟ, ଉତ୍ତାପ—ଶୈତ୍ୟ, ପ୍ରଚଳିତ—

Digitized by srujanika@gmail.com

ଅପ୍ରଚଳିତ, ବିଦେଶ—ସ୍ୱଦେଶ, ଅମଦାନୀ—ରପ୍ତାନି, ଶସ୍ତା—ମହର୍ଗ ।

ପୂର୍ବୋକ୍ତ ଗଦ୍ୟ ପ୍ରଶ୍ନମାନଙ୍କର ଉତ୍ତର—

୧ । ଦିଆସିଲି ବାହାରିବା ପୂର୍ବରୁ ଲୋକେ ଦୁଇଖଣ୍ଡ କାଠକୁ ପରସ୍ପର ଘଷି କିମ୍ବା ଖଣ୍ଡିଏ ଝିକମିକି ପଥର ସହିତ ଖଣ୍ଡିଏ ଲୁହାକୁ ଘଷି ନିଆଁ ବାହାର କରୁଥିଲେ ।

୨ । ପ୍ରାୟ ତିରିଶ ବର୍ଷ ହେଲା ଭାରତରେ ଦିଆସିଲି କାରଖାନା ବସିଲା । ସେତେବେଳେ ଦିଆସିଲି ତିଆରି କରିବାର ସବୁ ଜିନିଷ ବିଦେଶରୁ ଆସୁଥିଲା । ସୁଇଡେନ ଓ ଜାପାନ ଦେଶରେ ଜନ୍ମୁଥିବା ଏକପ୍ରକାର ଗଛର କାଠ ଦିଆସିଲି ତିଆରିରେ ବ୍ୟବହାର କରା ଯାଉଥିଲା । ଦିଆସିଲି କାଠିରେ ଦିଆଯାଉଥିବା ମସଲା ମଧ୍ୟ ବିଦେଶରୁ ଆସୁଥିଲା । ତେଣୁ ଭାରତରେ ତିଆରି ଦିଆସିଲିର ଦାମ ବେଶି ଥିଲା ।

ଏଥି ମଧ୍ୟରେ ଦିଆସିଲି ଶିଳ୍ପର ଉନ୍ନତି ହୋଇଅଛି । ଭାରତରେ ମିଳୁଥିବା ଦେବଦାରୁ ଓ ଅନ୍ୟ କେତେକ ଗଛର କାଠରୁ ଦିଆସିଲି କାଠି ତିଆରି ହେଉଅଛି । ଶିମିଳି ଗଛର କାଠରେ ଦିଆସିଲି ପେଡ଼ି ହେଉଛି । କେବଳ ମସଲାତକ ଏବେ ମଧ୍ୟ ବିଦେଶରୁ ଆସୁଛି । ଦିଆସିଲି ତିଆରିରେ ସମସ୍ତ କାମ ଯନ୍ତ୍ର-ଦ୍ୱାରା କରାଯାଉଅଛି ।

୩ । ବୃକ୍ଷ—ତରୁ, ପାଦପ । ପ୍ରସ୍ତୁତ—ନିର୍ମିତ, ତିଆରି । ଦ୍ରବ୍ୟ—ବସ୍ତୁ, ପଦାର୍ଥ ।

୪ । ଜଣେ ଇଂରେଜ ପ୍ରଥମେ ଦିଆସିଲି ଉଦ୍ଭାବନ କରିଥିଲେ । ସୁଇଡ଼େନର ଆସପେନ ଗଛର କାଠରେ ଭଲ ଦିଆସିଲି

Digitized by srujanika@gmail.com

ଜାତି ହୁଏ । ଭାରତର ଦେବଦାରୁ କାଠରେ ଅଳ୍ପକାଳ ଆମଦେଶରେ ଦିଆସିଲି ଜାତି ହେଉଛି । ପୂର୍ବ ଅପେକ୍ଷା ଏବେ ଦିଆସିଲି ଶସ୍ତା ମୂଲ୍ୟରେ ମିଳୁଛି । ଦିଆସିଲି ତିଆରିରେ ବ୍ୟବହୃତ ରାସାୟନିକ ଦ୍ରବ୍ୟ ବିଦେଶରୁ ଆମଦାନୀ କରାଯାଏ ।

---

[୧୮] ସତ୍ୟର ଶକ୍ତି

ବିରଜାକ୍ଷେତ୍ର ଯାଜପୁରରେ ଜଣେ ଧାର୍ମିକ ଲୋକ ଥିଲେ । ତାଙ୍କର ନାମ ଥିଲା ଧାନ ବହାଦୂର । ଦୁଃଖୀ ଲୋକଙ୍କୁ ସେ ବଡ଼ ଦୟା କରୁଥିଲେ । ତାଙ୍କର ମଧ୍ୟ ଯଥେଷ୍ଟ ଧନ ଥିଲା । ସେ ଅତି ସୁଖରେ ଦିନ କଟାଉଥିଲେ । କିନ୍ତୁ ଗୋଟିଏ କାରଣରୁ ତାଙ୍କ ମନରେ ବଡ଼ କଷ୍ଟ ହେଉଥିଲା । ତାଙ୍କର ଏକମାତ୍ର ପୁତ୍ର ଗଗନ ବହାଦୂର । ତାର ବୟସ ଦଶବର୍ଷ । ପିଲାଟି ଦେଖିବାକୁ ସୁନ୍ଦର । ହେଲେ ତା'ର ଗୋଟିଏ ବଡ଼ ଦୋଷ ଥିଲା । ସବାଳୁ ସଞ୍ଜଯାଏ କେତେବେଳେ ହେଲେ ତା ତୁଣ୍ଡରୁ ସତକଥା ବାହାରୁ ନଥିଲା । ମିଛ କହିବା ତାର ପ୍ରକୃତି ।

ଦୈବ ଯୋଗେ ଦିନେ ଜଣେ ସାଧୁ ଆସି ତାଙ୍କ ଦୁଆରେ ପହଞ୍ଚିଲେ । ସାଧୁଙ୍କ ମୁଣ୍ଡରେ ଜଟା, ସେ ବକଳ ପିନ୍ଧିଥିଲେ । ତାଙ୍କୁ ଦେଖି ଧାନ ବହାଦୂର କହିଲେ, "ହେ ସନ୍ନ୍ୟାସୀ, ମୋ ପୁଅଟି ସବୁବେଳେ ମିଛ କହୁଛି । ମୁଁ ତାକୁ ଯେତେ ବୁଝାଇଲେ ସୁଦ୍ଧା କିଛି ଫଳ ହେଉନାହିଁ । ଆପଣ ତାର ମିଛ କହିବା ଅଭ୍ୟାସ ଟିକିଏ ଛଡ଼ାଇ ପାରିଲେ ବଡ଼ ଉପକାର କରିବେ ।"

Digitized by srujanika@gmail.com

ସାଧୁ ଗଗନକୁ ଡାକି ଗୋଟିଏ ସୁନ୍ଦର ମୁକ୍ତା ହାର ଦେଇ କହିଲେ, "ତୁ ଭଲ ପିଲା ହେବୁ ବୋଲି ମୁଁ ତୋତେ ଏ ସୁନ୍ଦର ମୁକ୍ତା ହାରଟି ଉଧାର ଦେଉଛି । ଯେବେ ମିଛ କଥା କହିବୁ ତେବେ ହାରଟି ଆଉ ରହିବ ନାହିଁ, କୁଆଡ଼େ ଉଭେଇ ଯିବ ।" ଗଗନ ସତ କହିବ ବୋଲି କହି ହାରଟି ନେଇ ବାପାଙ୍କ ପାଖକୁ ଗଲା । ହାରଟି ଦେଖାଇ ସେ ବାପାଙ୍କୁ କହିଲା, "ବାବାଜୀ ମୋତେ ହାରଟି ଦେଇ ଯାଇଅଛନ୍ତି । ସେ ଆଉ ଏହାକୁ ମୋଠାରୁ ନେବେ ନାହିଁ ।" ଏତିକି କଥା କହିଲାକ୍ଷଣି ମୁକ୍ତା ହାରଟି କୁଆଡ଼େ ଉଭେଇ ଗଲା । ଗଗନ ଲଜ୍ଜାରେ ମୁହଁ ତଳକୁ ପୋତି ଦେଲା । ବାବାଜୀଙ୍କ କଥା ମନେ ପଡ଼ିବାରୁ ସେ ପୁଣି କହିଲା, "ନା, ନା, ବାବାଜୀ ମୋତେ ହାରଟି ଉଧାର ଦେଇଥିଲେ ।" ସଙ୍ଗେ ସଙ୍ଗେ ହାରଟି ତା ଗଳାକୁ ଫେରି ଆସିଲା ।

ପାଠଶାଳାରେ ସାଥି ପିଲାମାନେ ହାରକୁ ଦେଖି ଗଗନକୁ ପ୍ରଶଂସା କଲେ । ସେମାନେ ତାକୁ ପଚାରିଲେ, "ଭାଇ, ଏଡ଼େ ସୁନ୍ଦର ହାର କାହୁଁ ପାଇଲୁ ?" ଗଗନ ଉତ୍ତର କଲା, "ବାପା ମୋତେ ପୁରସ୍କାର ଦେଇଅଛନ୍ତି ।" ଏତିକି କହୁ କହୁ ହାର ପୁଣି କୁଆଡ଼େ ଚାଲିଗଲା । ଗଗନ ମନ ଦୁଃଖରେ କହିଲା, "ମୁଁ ମିଛ କହିଥିଲି । ବାପା ଦେଇ ନାହାନ୍ତି, ଜଣେ ବାବାଜୀ ଦେଇଛନ୍ତି ।" ତେବେ ମୁକ୍ତା ହାର ଫେରି ଆସିଲା ନାହିଁ । ତହୁଁ ସେ କହିଲା, "ମୁଁ ସତ କହିବି ବୋଲି ବାବାଜୀ ହାର ଦେଇଛନ୍ତି । ପୁଣି ନେଇଯିବେ ।" ସାଥି ପିଲାମାନେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଯେ ଗଗନ ଏହା କହିଲାମାତ୍ରେ ହାରଟି ତା ଗଳାକୁ ଚାଲି ଆସିଲା ।

ଏହାପରେ ସେ ଯେତେଥର ମିଛ କହିଲା, ସେତେଥର ହାର ଉଭେଇ ଗଲା । ମିଛ କହିବାକୁ ତାକୁ ଡର ମାଡ଼ିଲା । ସେ ମିଛ

Digitized by srujanika@gmail.com

ନ କହିବାକୁ ଚେଷ୍ଟା କଲା । ତଥାପି ହଠାତ୍ ଥରେ ଦ'ଥର ମିଛ କହି ପକାଏ । ତାର ମିଛ କହିବା ଅଭ୍ୟାସ କମି ମାସକେ ଥରକୁ ଅସିଲା । ଅସ୍ତେ ଅସ୍ତେ ଗଗନର ଶିକ୍ଷକ, ତାର 'ସାଙ୍ଗ ସାଥି ସମସ୍ତେ ଜାଣିଲେ ଯେ ଗଗନ ସତ କହେ । ତାର ବାପା ତାକୁ ଆଦରରେ ଡାକି କହିଲେ, "ତୁ ସତ କହୁଥିବାର ଶୁଣି ମୁଁ ବଡ଼ ଖୁସି ହେଲି ।"

ଏହି ସମୟରେ ବାବାଜୀ ପୁଣି ଦେଖା ଦେଇ ଗଗନକୁ କହିଲେ; "ଏଣିକି ଏ ହାରଟି ତୋର ହେଲା । ଏ ହାରଟି ଯେପରି ମୂଲ୍ୟବାନ, ସତ୍ୟକଥା ସେହିପରି ମୂଲ୍ୟବାନ । ମିଛ କହିଲେ ହାରଟି ହଜିଯିବ, ତୁ ଦୁଃଖ ପାଇବୁ ।"

କଠିନ ଶବ୍ଦମାନଙ୍କର ଅର୍ଥ:---

ଦାରୁଣ—କଠୋର, ବ୍ୟଥା—କଷ୍ଟ, ଏକଇରବାଲା—ଗୋଟିଏ ମାତ୍ର ପୁଅ, ପ୍ରୀତ—ସ୍ନେହ, ନିପଟ—ନିହାତ, ଅରଣ୍ୟ-ବାସୀ—ବଣରେ ରହୁଥିବା; ଜଣ୍ଡ—ଠିଆ, ତଥାବଳ—ଅଦଟ କଳ, କରରେ—ହାତରେ, ଭାଷିଲେ—କହିଲେ, କଦାପ – କେବେ ହେଲେ, ପାଶକୁ—ପାଖକୁ, ବହନ – ଚଞ୍ଚଳ, ଆଚମ୍ବିତ—ଅଣ୍ଡୁଆଁ, ଝଟତ – ଶୀଘ୍ର; ନିମିଷକରେ—ମୁହୂର୍ତ୍ତିକ ଭିତରେ, ସହପାଠୀ—ସାଥିରେ ପଢ଼ୁଥିବା,ଉପହାର—ପୁରସ୍କାର, ବଦନ—ମୁଖ, ବିରସ—ଦୁଃଖପୂର୍ଣ୍ଣ, ନୀର—ପାଣି, (ଏଠାରେ ଲୁହ) ଜନକ—ବାପା, ମଗ୍ନ ହେବା—ବୁଡ଼ିଯିବା ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ଧାର୍ମିକ – ପାପୀ, ହସ – କାନ୍ଦ, ମିଛ – ସତ, ବିଫଳ – ସଫଳ, ହରଷ – ବିଷାଦ, ବିରସ – ସରସ, ଡେଉ – ସଅଳ, କମିବା – ବଢ଼ିବା, ସୁଗୁଣ - ଦୁର୍ଗୁଣ ।

Digitized by srujanika@gmail.com

ପ୍ରତିଶବ୍ଦ —

ମୁଖ — ବଦନ; ନୀଚ — କ୍ଷୁଦ୍ର, ହୀନ; ସକାଳ — ପ୍ରଭାତ, ପ୍ରାତଃ
ବହନ — ଶୀଘ୍ର, ଝଟପଟ; ପିତା — ଜନକ; ହର୍ଷ — ଆନନ୍ଦ ।

ସରଳାର୍ଥ:—

କହିଲେ ଜନକ·········କଲ ମଗନ । (୬୯ପୃଷ୍ଠା)

ଗଗନ ମିଛ କହିବା ଅଭ୍ୟାସ ଏକବାରେ ଛାଡ଼ି ଦେଲା । ସତ କହେ ବୋଲି ଗଗନର ଗୁରୁ ଓ ତାର ସାଥୀ ପିଲାମାନେ ତାକୁ ପ୍ରଶଂସା କଲେ । ଏହା ଜାଣି ପାରି ତାର ବାପା ତାକୁ ଡାକି କହିଲେ, "ତୁ ସତ କହୁଥିବାର ଶୁଣି ମୋ ମନରେ ବଡ଼ ଆନନ୍ଦ ହେଉଛି ।"

ଆନନ୍ଦ ସାଗରେ:—ଆନନ୍ଦ ହେଲା ଅତି ଗଭୀର ସମୁଦ୍ର ପରି । ସେଥିରେ ମୋହର ହୃଦୟ ମଗ୍ନ ହେଲା — ମୋ ମନ ସେଥିରେ ବୁଡ଼ିଗଲା ଅର୍ଥାତ୍ ମୁଁ ବଡ଼ ଆନନ୍ଦିତ ହେଲି ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର: —

୧ । ମୁକ୍ତା ହାରଟିର ଗୋଟିଏ ଅଦ୍ଭୁତ ଗୁଣ ଥିଲା । ଏହାକୁ ପିନ୍ଧିଥିବା ଲୋକ ସତ କହୁଥିବା ଯାଏ ଏ ଗଳାରେ ରହେ । ମିଛ କହିଲା କ୍ଷଣି କୁଆଡ଼େ ଉଭେଇ ଯାଏ । ପୁଣି ସତ କହିଲେ ହାରଟି ଫେରି ଆସେ ।

ଗଗନ ଯେତେଥର ମିଛ କହିଲା ହାରଟି ସେତେଥର ଉଭେଇ ଗଲା । ଏଡ଼େ ସୁନ୍ଦର ହାରଟିକୁ ଛାଡ଼ିବାକୁ ଗଗନର

Digitized by srujanika@gmail.com

ମନ ବଳିଲା ନାହିଁ । ତେଣୁ ସେ ମିଛ ନ କହିବାକୁ ଚେଷ୍ଟା କରି ଶେଷକୁ ସତ୍ୟବାଦୀ ହୋଇଗଲା ।

୨ । (କ) ହାରଟି ପାଇ ଗଗନ ପିତାଙ୍କୁ କହିଲା ଯେ ବାବାଜୀ ମୋତେ ଏହା ଦେଇଛନ୍ତି, ଆଉ କେବେ ନାହିଁ । କିନ୍ତୁ ପ୍ରକୃତରେ ସେ କେବଳ ଲୁଚାଇ ଦେଇଥିଲେ ।

(ଖ) ସାଥିରେ ପଢୁଥିବା ପିଲାମାନଙ୍କୁ ସେ ମିଛରେ କହିଲା ଯେ ତାର ବାପା ହାରଟି ତାକୁ ପୁରସ୍କାର ଦେଇଅଛନ୍ତି ।

୩ । ମୁକ୍ତା ହାରର ଦାମ୍ ଖୁବ୍ ବେଶି । ଯାହାର ଏପରି ହାର ଥାଏ ତାକୁ ସେ ଯତ୍ନରେ ରଖେ; କେବେ ହଜାଇ ଦିଏ ନାହିଁ । ଦୈବାତ୍ ହଜିଗଲେ ସେ ମନରେ ବଡ଼ କଷ୍ଟ କରେ; ବହୁତ ଦୁଃଖ ପାଏ । ସେହିପରି ସତ୍ୟ କହିବା ମନୁଷ୍ୟର ଗୋଟିଏ ବଡ଼ ଗୁଣ । ମିଛ କହିଲେ ମନୁଷ୍ୟର ଗୁଣ ନଷ୍ଟ ହୋଇଯାଏ । ସେତେବେଳେ ସେ ବହୁତ କଷ୍ଟ ଭୋଗ କରେ ।

୪ । ଏକଲଉରକେ—ଗଗନ ଦାନ ବାବାଜୀଙ୍କ ଏକଲଉରକ ଥିଲା ।

ନିପଟ—ଗୋପାଳ ଯାହା କହୁଛି ସବୁ ନିପଟ ମିଛ ।

ଛଳେ—ଲୋକଟିର ଗରିବଙ୍କ ପ୍ରତି ଛଳେ ହେଲେ ଦୟା ନାହିଁ ।

ବୁଝାଇଲି—ମୁଁ ପିଲାଟିକୁ ବହୁତ ବୁଝାଇଲି, କିନ୍ତୁ ସେ ତା ଅଭ୍ୟାସ ଛାଡ଼ୁ ନାହିଁ ।

ଫିଟିଭ—ମିଥ୍ୟା କହିଲେ ସେହି ସବୁ ହାରଟି ଫିଟିଭ ଉପରେ ଯାଉଥିଲା ।

---

[୧୯] ଗୋପାଳକୃଷ୍ଣ ଓ ଭାରତ ସେବକ ସମିତି

ପୁନାରେ ଭାରତ-ସେବକ ସମିତି ପ୍ରତିଷ୍ଠିତ । ଏହାର ସଭ୍ୟମାନେ ଉଚ୍ଚ ଶିକ୍ଷିତ । ସେମାନେ ଭରଣ ପୋଷଣ ପାଇଁ ଅଳ୍ପ ଅବସ୍ଥା ପାଇ ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଳ୍ପର ଉନ୍ନତି ଦିଗରେ ଚେଷ୍ଟା କରନ୍ତି; ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରନ୍ତି । ଏହି ଲୋକହିତକର ସମିତିଟି ଗୋପାଳକୃଷ୍ଣ ଗୋଖେଲଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ।

ଗୋପାଳକୃଷ୍ଣ ଜାତିରେ ମରହଟ୍ଟା ବ୍ରାହ୍ମଣ । ସେ ୧୮୬୬ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା କୋହ୍ଲାପୁରରେ ଅଳ୍ପ ଦରମାରେ ଚାକିରି କରି ଜୀବିକା ନିର୍ବାହ କରୁଥିଲେ । ତାଙ୍କର ମାତା ଅଦୌ ପାଠ ପଢ଼ି ନଥିଲେ । କିନ୍ତୁ ପିତା ମାତା ଉଭୟଙ୍କର ଚରିତ୍ର ଅତି ଉନ୍ନତ ଥିଲା । ଗୋପାଳକୃଷ୍ଣ ପିତାଙ୍କ ଠାରୁ ସାଧୁତା ସରଳତା ଓ ମାତାଙ୍କ ଠାରୁ ଦୟାଗୁଣ ଶିଖିଥିଲେ ।

ଗୋପାଳକୃଷ୍ଣ ଓ ତାଙ୍କ ବଡ଼ଭାଇ ଗୋବିନ୍ଦ କୋହ୍ଲାପୁରରେ ରହି ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପଢ଼ୁଥିଲେ । ଏଥିମଧ୍ୟରେ ତାଙ୍କ ପିତାଙ୍କର ମୃତ୍ୟୁ ହେଲା । ଗୋବିନ୍ଦ ପଢ଼ା ଛାଡ଼ି ପନ୍ଦର ଟଙ୍କା ବେତନରେ ଚାକିରି କରି ବିଧବା ମାଆ ଓ ଭାଇ ଭଉଣୀଙ୍କୁ ପୋଷିବାକୁ ଲାଗିଲେ । ସେ ଗୋପାଳକୃଷ୍ଣଙ୍କର ପଢ଼ାଖର୍ଚ୍ଚ ପାଇଁ ମାସକୁ ଆଠ ଟଙ୍କା ମଧ୍ୟ ଦେଉଥିଲେ । ଆଠ ଟଙ୍କାରେ ଚଳିବା ସହଜ ନଥିଲା । ତେଣୁ ଗୋପାଳକୃଷ୍ଣ ହାତରେ ରନ୍ଧା ବଢ଼ା କରି ବେଳାଏ ମାତ୍ର ଖାଉଥିଲେ । ଜାଳିବା-ତେଲ କିଣି ପାରୁ ନଥିବାରୁ ସେ ରାସ୍ତା ଆଲୁଅ ପାଖେ ବସି ରାତିରେ ପାଠ ପଢ଼ୁଥିଲେ । ସେ ବଡ଼ ପରିଶ୍ରମୀ ଥିଲେ ଓ ପରୀକ୍ଷାରେ ଭଲ ଫଳ ଦେଖାଉଥିଲେ ।

Digitized by srujanika@gmail.com

ମାଟ୍ରିକୁଲେଶନ ପାଶ କରି ସେ କଲେଜରେ ପଢ଼ିଲେ ଓ ବି. ଏ. ପରୀକ୍ଷାରେ କୃତିତ୍ୱ ସହିତ ଉତ୍ତୀର୍ଣ୍ଣ ହୋଇ କୋଡ଼ିଏ ଟଙ୍କାର ବୃତ୍ତି ପାଇଲେ ।

ସେ ପ୍ରଥମେ ମାସିକ ପଞ୍ଚତିରିଶ ଟଙ୍କା ବେତନରେ ଶିକ୍ଷକତା କଲେ । ସେ ଯେଉଁ ସ୍କୁଲର ଶିକ୍ଷକ ଥିଲେ ତାହା ଲୋକମାନ୍ୟ ବାଲଗଙ୍ଗାଧର ତିଲକଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ଏହାର ଶିକ୍ଷକ ମାନେ ନିଃସ୍ୱାର୍ଥପର ଦେଶ ସେବକ ଥିଲେ । ଅଳ୍ପଦିନ ପରେ ସ୍କୁଲଟି କଲେଜରେ ପରିଣତ ହେଲା । ଗୋଖେଲ କଲେଜର ଜଣେ ଅଧ୍ୟାପକ ରୂପେ ରହିଲେ ।

କଲେଜରେ ଶିକ୍ଷା ଦେବା ତାଙ୍କର ଏକମାତ୍ର କାର୍ଯ୍ୟ ନଥିଲା । ସେ ଦୁଇଟି ସମ୍ବାଦପତ୍ରର ସମ୍ପାଦକ ଥିଲେ ଓ କଲେଜ ପାଇଁ ଅର୍ଥ ସଂଗ୍ରହ କରୁଥିଲେ ।

ଭାରତର ଦୁଃଖ ଦୁର୍ଦ୍ଦଶା ଇଂଲଣ୍ଡର ଲୋକଙ୍କୁ ଜଣାଇବା ପାଇଁ ସେ ଏକତ୍ରିଂଶ ବର୍ଷ ବୟସରେ ବିଲାତ ଯାଇଥିଲେ । ସେ ବମ୍ବେ ଲାଟସଭାର ଓ ପରେ କେନ୍ଦ୍ର ଲାଟସଭାର ସଦସ୍ୟ ହୋଇଥିଲେ ।

ଦେଶସେବା ପାଇଁ ସେ ଅର୍ଥ ସଂଗ୍ରହ କରି ୧୯୦୫ ଖ୍ରୀଷ୍ଟାବ୍ଦରେ ଭାରତ ସେବକ ସମିତି ସ୍ଥାପନ କରିଥିଲେ । ଏହି ସମିତିରେ ପ୍ରାୟ ସବୁ ପ୍ରଦେଶର କର୍ମୀ ଅଛନ୍ତି ।

୧୯୧୨ ଖ୍ରୀଷ୍ଟାବ୍ଦରେ ଗୋଖେଲ ମହାତ୍ମାଗାନ୍ଧିଙ୍କ ନିର୍ଦ୍ଦେଶରେ ଦକ୍ଷିଣ ଅଫ୍ରିକା ଯାଇ ସେଠାର ଭାରତୀୟଙ୍କ ପାଇଁ ଅନେକ କାମକରିଥିଲେ । ୧୯୧୫ ଖ୍ରୀଷ୍ଟାବ୍ଦରେ ଗୋଖେଲ ଇହଧାମ ତ୍ୟାଗ କଲେ । ଭାରତ ସେବକ ସମିତି ତାଙ୍କର ଅମର କୀର୍ତ୍ତି ।

Digitized by srujanika@gmail.com

କଠିନ ଶବ୍ଦମାନଙ୍କର ଅର୍ଥ:—

ସଭ୍ୟବୃନ୍ଦ — ସଭ୍ୟମାନେ, ଉଦ୍ଦେଶ୍ୟରେ — ନିମନ୍ତେ; ସ୍ଥାପୟିତା—ସ୍ଥାପନ କର୍ତ୍ତା, ଅଧ୍ୟୟନ—ପଢ଼ିବା, ଅଧ୍ୟବସାୟୀ— କଠୋର ପରିଶ୍ରମୀ; ଉତ୍ତୀର୍ଣ୍ଣ ହେଲେ—ପାସ କଲେ, ପ୍ରତିଷ୍ଠାତା— ସ୍ଥାପନକର୍ତ୍ତା, ଶିକ୍ଷାପ୍ରସାର – ଶିକ୍ଷାର ବିସ୍ତାର, ଲକ୍ଷ୍ୟ—ଉଦ୍ଦେଶ୍ୟ, ଅଧ୍ୟାପକ—(କଲେଜର)ଶିକ୍ଷକ; ନିପୁଣତା—ଦକ୍ଷତା, ଆଲୋଚନା - ଚର୍ଚ୍ଚା, ଖ୍ୟାତି—ପ୍ରଶଂସା; ସଭ୍ୟରୂପେ ନିର୍ବାଚିତ ହୋଇଥିଲେ— ଅଧିକ ସଂଖ୍ୟାରେ ଭୋଟ ପାଇ ସଭ୍ୟ ହୋଇଥିଲେ ।

ପ୍ରତିଶବ୍ଦ—

ବୃନ୍ଦ—ଗଣ, ସମୂହ; ଲକ୍ଷ୍ୟ—ଉଦ୍ଦେଶ୍ୟ; ସଭ୍ୟ—ସଦସ୍ୟ, ପ୍ରତିଷ୍ଠାତା—ସ୍ଥାପୟିତା; ଉପକାର—ହିତ, ମଙ୍ଗଳ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଗୋପାଳକୃଷ୍ଣ ତାଙ୍କ ବଡ଼ ଭାଇ ଗୋବିନ୍ଦଙ୍କ ସଙ୍ଗେ କୋହ୍ଲାପୁର ହାଇସ୍କୁଲରେ ପଢୁଥିଲେ । ସେଠାରେ ପଢ଼ିବାର ତିନିବର୍ଷ ପରେ ପିତାଙ୍କର ମୃତ୍ୟୁହେଲା । ଗୋବିନ୍ଦ ପଢ଼ା ଛାଡ଼ି କୁଟୁମ୍ବ ଚଳାଇଲେ । ସେ ବଡ଼ କଷ୍ଟରେ ଗୋପାଳଙ୍କ ଖର୍ଚ୍ଚ ପାଇଁ ମାସକୁ ଆଠଟି ଟଙ୍କା ଦେଉଥିଲେ । ଗୋପାଳ ହାତରେ ରୋଷାଇ କରି ବେଳାଏ ମାତ୍ର ଖାଉଥିଲେ । କିରୋସିନି ତେଲ ନଥିବାରୁ ସେ ରାତିରେ ଦାଣ୍ଡ ଆଲୁଅପାଖରେ ବସି ପଢ଼ୁଥିଲେ । ସେ ବଡ଼ ପରିଶ୍ରମୀ ଥିଲେ, ତେଣୁ ପରୀକ୍ଷାରେ ଭଲ ଫଳ ଦେଖାଉ ଥିଲେ । ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ସେ କୋହ୍ଲାପୁର ରାଜାରାମକଲେଜ,ପୁନାର ଡେକାନ କଲେଜ ଏବଂ

Digitized by srujanika@gmail.com

ବମ୍ବେର ଏଲଫିନଷ୍ଟୋନ କଲେଜରେ ଶିକ୍ଷା ପାଇଥିଲେ ଏହି କଲେଜରୁ କୃତିତ୍ୱ ସହିତ ବି, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେ ମାସିକ କୋଡ଼ିଏ ଟଙ୍କାର ବୃତ୍ତି ପାଇଥିଲେ ।

୨ । ଗୋପାଳକୃଷ୍ଣ ଅଳ୍ପ ବେତନରେ ଫର୍ଗୁସନ କଲେଜରେ ଅଧ୍ୟାପକ ହୋଇଥିଲେ । ତ୍ତ୍ୱ ଅବସର ସମୟରେ କଲେଜପାଇଁ ଚାନ୍ଦା ଅଦାୟ କରୁଥିଲେ । ଦୁଇଟି ସମ୍ବାଦ ପତ୍ର ତାଙ୍କ ଦ୍ୱାରା ସମ୍ପାଦିତ ହେଉଥିଲା । ସେ ବିଲାତ ଯାଇ ଇଂରେଜ ସରକାରଙ୍କୁ ଭାରତର ଦୁଃ ଦୁର୍ଦ୍ଦଶା ଜଣାଇ ଥିଲେ । ସେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇ ବମ୍ବେ ଲାଟ ସଭାର ଓ ପରେ କେନ୍ଦ୍ର ଲାଟ ସଭାର ସଭ୍ୟ ହୋଇଥିଲେ । ଦକ୍ଷିଣ ଅଫ୍ରିକା ଯାଇ ସେ ମହାତ୍ମା ଗାନ୍ଧିଙ୍କ ସହିତ କାର୍ଯ୍ୟକରି ସେଠା ଭାରତୀୟମାନଙ୍କର ବହୁତ ଉପକାର କରିଥିଲେ । "ଭାରତ ସେବକ ସମିତି" ତାଙ୍କ ଜୀବନର ପ୍ରଧାନ କୀର୍ତ୍ତି । ଏହି ଅନୁଷ୍ଠାନଟି ଏବେ ସୁଦ୍ଧା ଉକ୍ତ ଦେଶର ସେବା କରୁଅଛି ।

୩ । ଭାରତ ସେବକ ସମିତି ଗୋପାଳକୃଷ୍ଣ ଗୋଖେଲଙ୍କ ଦ୍ୱାରା ୧୯୦୫ ଖ୍ରୀଷ୍ଟାବ୍ଦରେ ସ୍ଥାପିତ ହୋଇଥିଲା । ଭାରତର ଶିକ୍ଷା ସ୍ୱାସ୍ଥ୍ୟ ଶିଳ୍ପ ପ୍ରଭୃତିର ଉନ୍ନତି କରିବା ଓ ବିପନ୍ନମାନଙ୍କୁ ସାହାଯ୍ୟ କରିବା ଏହାର ପ୍ରଧାନ କାର୍ଯ୍ୟ । ଏଥିରେ ଭାରତର ପ୍ରାୟ ସବୁ ରାଜ୍ୟରୁ ସଭ୍ୟ ଅଛନ୍ତି । ଏହି ସଭ୍ୟମାନେ ଉଚ୍ଚ ଶିକ୍ଷିତ ଓ ଲୋକସେବା କରିବାରେ ଅଗ୍ରଗାମୀ । ଏମାନଙ୍କ ଭରଣ ପୋଷଣ ପାଇଁ ସମିତି ଅଳ୍ପ ପାରିଶ୍ରମିକ ଦିଏ । ଏମାନେ ନାନା ଭାବରେ ଦେଶର ସେବା କରିଥାନ୍ତି । ଏହିସବୁ

Digitized by srujanika@gmail.com

କାରଣରୁ ଭାରତ ସେବକ ସମିତି, ବିଖ୍ୟାତ । (ଓଡ଼ିଶାରୁ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଓ ଶ୍ରୀ ଶ୍ୟାମସୁନ୍ଦର ମିଶ୍ର ଏହାର ସଭ୍ୟ ଅଛନ୍ତି ।)

୪ । ଦରିଦ୍ର—ଗରିବ; ନିର୍ଦ୍ଧନ; ନିଅଣ୍ଟିଆ ।

୫ । (କ) ଗୋପାଳକୃଷ୍ଣ ଅଧ୍ୟବସାୟୀ ଓ ବୁଦ୍ଧିମାନ ଛାତ୍ର ଥିଲେ । (ଖ) ସେମାନେ ଉଚ୍ଚ ଶିକ୍ଷିତ ଏବଂ ସେମାନେ ଦେଶ ସେବା କରିବା ପାଇଁ ପଣ କରିଥାନ୍ତି । (ଗ) କୃଷ୍ଣବର୍ଣ୍ଣ ଧନହୀନ ଥିଲେହେଁ ଲୋକେ ତାହାଙ୍କୁ ଖାତିର କରୁଥିଲେ ।

---

[୨୦] ସମୁଦ୍ରର ନିଜକଥା

[ଏହି ପାଠରେ ସମୁଦ୍ର ଆପଣା ବିଷୟ ବର୍ଣ୍ଣନା କଲାପରି ଦିଆ ଯାଇଅଛି ।]

ମନୁଷ୍ୟ ଯେଉଁ ସ୍ଥଳଭାଗରେ ବାସ କରୁଅଛି ତାହା ଦିନେ ସମୁଦ୍ର ମଧ୍ୟରେ ରହିଥିଲା । ଏବେ ମଧ୍ୟ ସମୁଦ୍ରରେ ଥିବା ଜଳକୁ ପୃଥିବୀର ସ୍ଥଳଭାଗ ଉପରେ ଢାଳି ଦେଲେ ସବୁଠାରେ ଦୁଇ ମାଇଲ ଉଚ୍ଚ ଜଳ ରହିବ ।

ଜାହାଜରେ ସମୁଦ୍ର ଭିତରକୁ ଗଲେ କେବଳ ଜଳରାଶି ଛଡ଼ା ଆଉ କିଛି ଦେଖାଯାଏ ନାହିଁ । ପୃଥିବୀରେ ଜଳରାଶିର ପରିମାଣ ସ୍ଥଳଭାଗର ଅଢ଼ାଇ ଗୁଣ । ସମୁଦ୍ରର କେତେକ ଅଂଶ ଅତି ଗଭୀର ।

ସମୁଦ୍ର ଗର୍ଭରେ ଅତିକାୟ ତିମି, ହାଙ୍ଗର, ସିଲ, ସିନ୍ଧୁଘୋଟକ ପ୍ରଭୃତି ବହୁ ଶ୍ରେଣୀର ଜୀବ ବାସ କରନ୍ତି । ବହୁବିଧ

Digitized by srujanika@gmail.com

ମତ୍ସ୍ୟ ମଧ୍ୟ ଏଥିରେ ଥାନ୍ତି । ସମୁଦ୍ରର ଜଳ ଲୁଣିଆ ହେଲେହେଁ ଏହୁ ଜଳଜନ୍ତୁ ଓ ମତ୍ସ୍ୟମାନେ ସେଥିରେ ଆନନ୍ଦରେ ରହନ୍ତି । ସ୍ଥଳଭାଗ ପରି ସମୁଦ୍ରରେ ମଧ୍ୟ ଅନେକ ପ୍ରକାରର ଉଦ୍‌ଭିଦ ଅଛି । ସମୁଦ୍ର ଜଳରେ ଲବଣ ଅଂଶ ଏତେ ବେଶି ଯେ ତାର ସମସ୍ତ ଲବଣକୁ ଏକାଠି କଲେ ତାହା ଭାରତବର୍ଷର କୋଡ଼ିଏ ଗୁଣ ସ୍ଥଳଭାଗ ଆବରଣ କରିଦେବ ।

ମନୁଷ୍ୟମାନେ ଯେଉଁ କଉଡ଼ି, ଶାମୁକା; ଶଙ୍ଖ, ପୋହଳା ପ୍ରଭୃତି ବ୍ୟବହାର କରନ୍ତି ସେ ସବୁ ସମୁଦ୍ରରୁ ମିଳେ । ଯେଉଁ ମୁକ୍ତା ଏଡ଼େ ମୂଲ୍ୟବାନ୍, ତାହା ମଧ୍ୟ ସମୁଦ୍ରରୁ ମିଳିଥାଏ ।

ସମୁଦ୍ରହିଁ ବୃଷ୍ଟିର ମୂଳ କାରଣ । ସୂର୍ଯ୍ୟ କିରଣରେ ଏହାର ଜଳ ବାଷ୍ପ ହୋଇ ମେଘରେ ପରିଣତ ହୁଏ । ମେଘରୁ ବୃଷ୍ଟି ହେଲେ ନଦୀ, ପୁଷ୍କରିଣୀ ହ୍ରଦ ପ୍ରଭୃତି ଜଳରେ ପୂର୍ଣ୍ଣ ହୁଏ ।

ସମୁଦ୍ର ବାଣିଜ୍ୟରେ ଯଥେଷ୍ଟ ସାହାଯ୍ୟ କରୁଅଛି । ଜାହାଜ ଦ୍ୱାରା ପଣ୍ୟଦ୍ରବ୍ୟ ସମୁଦ୍ରରେ ଏକ ଦେଶରୁ ଅନ୍ୟ ଦେଶକୁ ନିଆ ଯାଉଥାଏ ।

ଚନ୍ଦ୍ର ଓ ସୂର୍ଯ୍ୟର ଆକର୍ଷଣ ହେତୁ ସମୁଦ୍ରରେ ଜୁଆର ଓ ଭଟ୍ଟା ହୋଇଥାଏ ।

ସମୁଦ୍ରର ଦୃଶ୍ୟ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ହୋଇଥାଏ । ବାତ୍ୟା ଉପସ୍ଥିତ ହେଲେ ସମୁଦ୍ରର ଦୃଶ୍ୟ ଭୀଷଣ ହୁଏ । ସମୟ ସମୟରେ ସମୁଦ୍ରରେ ଜଳସ୍ତମ୍ଭର ସୃଷ୍ଟି ହୋଇଥାଏ ।

କେତେକ ସମୟରେ ସମୁଦ୍ରର ଦୃଶ୍ୟ ଅତ୍ୟନ୍ତ ସୁନ୍ଦର । ସମୁଦ୍ରତୀରରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖିବାକୁ ଅତି ସୁନ୍ଦର ।

Digitized by srujanika@gmail.com

ସନ୍ଧିରେ ସମୁଦ୍ରର ଲହରୀ ଉପରେ ଚନ୍ଦ୍ରକିରଣ ପଡ଼ିଥିବାର ଦେଖିଲେ ମନରେ ଅପୂର୍ବ ଆନନ୍ଦ ଲଭନ୍ତି ।

କଠିନ ଶବ୍ଦମାନଙ୍କର ଅର୍ଥ—

ଗର୍ଭ—ପେଟ; ପରିମିତ—ପରିମାଣ ବିଶିଷ୍ଟ, ମାପର; ବକ୍ଷ—ଛାତି; ଅୟୂତନ—ଆକାର; ଏଭରେଷ୍ଟ—ହିମାଳୟରେ ଥିବା ଶୃଙ୍ଗ, ଏହା ପୃଥିବୀରେ ଉଚ୍ଚତମ; ଅଗଣିତ—ଅସଂଖ୍ୟ; ବିପନ୍ନ—ବିପଦଯୁକ୍ତ; ଅବାସସ୍ଥଳ—ରହିବା ସ୍ଥାନ; ଲବଣାକ୍ତ—ଲୁଣିଆ; କାଳ୍ପନିକ—ମନଗଢ଼ା, ମିଥ୍ୟା; ବିରାଟ—ପ୍ରକାଣ୍ଡ, ଶୁକ୍ତି—ଶାମୁକା, ଅବଲମ୍ବନ—ଆଶ୍ରୟ, ଆହରଣ—ସଂଗ୍ରହ, ସଲିଳ—ଜଳ, ସମୃଦ୍ଧିଶାଳୀ—ଧନ-ପୂର୍ଣ୍ଣ, ଆକର୍ଷଣ—ଟାଣିବା, ଜଳସ୍ତମ୍ଭ—ଖମ୍ବପରି ଉପରକୁ ଉଠି-ଥିବା ଜଳ ସମୂହ, ବାରିରାଶି—ଜଳ ସମୂହ, ଅବଲୋକନ—ଦର୍ଶନ, ଉତ୍‌ଫୁଲ୍ଲ—ଆନନ୍ଦିତ;

ପ୍ରତିଶବ୍ଦ:—ଜଳ—ବାରି, ନୀର, ସଲିଳ, ଅମ୍ବୁ

ସୂର୍ଯ୍ୟ—ରବି, ତପନ, ଦିନକର

ଚନ୍ଦ୍ର—ହିମାଂଶୁ, ଇନ୍ଦୁ, ବିଧୁ

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର:—

୧ । ଆମ୍ଭେମାନେ ନଦୀ ପୁଷ୍କରିଣୀ ପ୍ରଭୃତିରୁ ଯେଉଁ ଜଳ ପାଉଁ ତାହାର ମୂଳ ହେଉଛି ସମୁଦ୍ର । ସମୁଦ୍ରର ଜଳ ବାଷ୍ପ ହୋଇ ଉପରକୁ ଉଠି ମେଘରେ ପରିଣତ ହୁଏ । ମେଘରୁ ବୃଷ୍ଟି ହେଲେ ନଦୀ ହ୍ରଦ ପ୍ରଭୃତି ଜଳାଶୟମାନ ଜଳପୂର୍ଣ୍ଣ ହୁଏ । ତେଣୁ ସମୁଦ୍ର ଯୋଗୁଁ ପୃଥିବୀର ଜୀବଜନ୍ତୁ ବୃକ୍ଷଲତା ସମସ୍ତେ ଜଳ ପାଇଥାନ୍ତି । ସମୁଦ୍ର ଗର୍ଭରୁ କଉଡ଼ି, ଶାମୁକା ପ୍ରଭୃତି ବ୍ୟବହାର୍ଯ୍ୟ

Digitized by srujanika@gmail.com

ଜାହାଜ ମିଳିଥାଏ । ସମୁଦ୍ରରେ ଥିବା ଏକପ୍ରକାର ଶାମୁକାର ଗର୍ଭରୁ ମୁକ୍ତା ମିଳେ । ମୁକ୍ତା ବଡ଼ ମୂଲ୍ୟବାନ୍ । ଲବଣ ବିନା ମନୁଷ୍ୟ ଚଳି ପାରନ୍ତି ନାହିଁ । ଏହି ଲବଣ ସମୁଦ୍ର ଜଳରୁ ମିଳେ । ସମୁଦ୍ରରୁ ଲୋକେ ମାଛ ଧରି ଖାଆନ୍ତି । ସମୁଦ୍ର ଦ୍ୱାରା ବାଣିଜ୍ୟର ସୁବିଧା ହୋଇଅଛି । ଲୋକେ ଜାହାଜମାନଙ୍କରେ ଜିନିଷ ଲଦି ସମୁଦ୍ରବାଟେ ଏକ ଦେଶରୁ ଅନ୍ୟ ଦେଶକୁ ନେବା ଆଣିବା କରୁଅଛନ୍ତି ।

୨ । [ସୂଚନା—ସମୁଦ୍ର ଜଳର ପରିମାଣ, ସମୁଦ୍ରର ଗଭୀରତା, ସମୁଦ୍ରରେ ବାସକରୁଥିବା ଜୀବ, ଜନ୍ତୁ ମାଛ, ସମୁଦ୍ର ଭିତରେ ଜନ୍ମୁଥିବା ଉଦ୍ଭିଦ, ସମୁଦ୍ର ଜଳରେ ଲୁଣର ପରିମାଣ, ଜଳସ୍ତମ୍ଭ]

୩ । ବିରାଟ—ଖୁବ୍ ବଡ଼, ପୋତ—ଜାହାଜ, ଅଧୂନା—ବସ୍ତ୍ର,ର, ଅଗଣିତ—ଯାହା ଗଣି ହୁଏ ନାହିଁ, ପ୍ରକାଣ୍ଡ—ଅତି ବଡ଼, ଅବଲୋକନ—ଦେଖିବା, କାଳ୍ପନିକ—ମନଗଢ଼ା, ସମୃଦ୍ଧିଶାଳୀ—ଧନପୂର୍ଣ୍ଣ, ଉତ୍ଫୁଲ୍ଲ—ଆନନ୍ଦିତ ।

୪ । ସୂର୍ଯ୍ୟୋଦୟ—ସୂର୍ଯ୍ୟାସ୍ତ, ଜଳଭାଗ—ସ୍ଥଳଭାଗ, ଉଚ୍ଚ—ନୀଚ, ଆନନ୍ଦ—ବିଷାଦ, ଜୁଆର—ଭଟ୍ଟା, ପୂର୍ଣ୍ଣ—ଶୂନ୍ୟ ।

Digitized by srujanika@gmail.com

[୨୧] ଗୋ-ବୀଜ ଟିକା

ବସନ୍ତ ଗୋଟିଏ ଅତି ଭୟଙ୍କର ଛୁଆଁ ରୋଗ । ଏହି ରୋଗରେ ଅନେକ ଲୋକ ମରିଯାଆନ୍ତି । ଯେଉଁମାନେ ବଞ୍ଚିଯାଆନ୍ତି ସେମାନଙ୍କ ଦେହରେ ବସନ୍ତର ଦାଗ ଚିରଜୀବନ ପାଇଁ ରହିଯାଏ । କେହି କେହି ଅନ୍ଧ ବା ବିକଳାଙ୍ଗ ହୋଇଯାଆନ୍ତି । ରୋଗୀ ବହୁତ କଷ୍ଟ ପାଏ । ଏହି ରୋଗର ଉପଯୁକ୍ତ ଚିକିତ୍ସା ନାହିଁ । ଆମ ଦେଶର ଲୋକ ସାଧାରଣ ଏହାକୁ ଭୟ କରି ଠାକୁରାଣୀ ବୋଲି କହି ପୂଜା କରନ୍ତି । ଆଗେ ଏହି ରୋଗରେ ହଜାର ହଜାର ଲୋକ ମରୁଥିଲେ ।

ଏହି ରୋଗରୁ ରକ୍ଷା ପାଇବାର ଉପାୟ ହେଉଛି ଗୋ-ବୀଜ ଟିକା ନେବା । ଏଡ୍‌ୱାର୍ଡ ଜେନର ନାମକ ଜଣେ ଇଂରେଜ ଏହି ଟିକା ଉଦ୍ଭାବନ କରିଥିଲେ ।

ଜେନର ଡାକ୍ତରି ପଢୁଥିବା ସମୟରେ ଥରେ ଜଣେ ସ୍ତ୍ରୀ ଲୋକଠାରୁ ଶୁଣିଲେ ଯେ ଯାହାକୁ ଗୋ-ବସନ୍ତ ହୋଇଥାଏ, ତାର ବସନ୍ତ ରୋଗ ହୁଏ ନାହିଁ । ଜେନର ଅନୁସନ୍ଧାନ କରି ବୁଝିଲେ ଯେ ସ୍ତ୍ରୀ ଲୋକଟିର କଥା ସତ ।

କିନ୍ତୁ ଜେନର ଏତିକିରେ ସନ୍ତୁଷ୍ଟ ନ ହୋଇ ବଡ଼ ଡାକ୍ତର-ମାନଙ୍କ ସହିତ ପରାମର୍ଶ କଲେ । ସେମାନେ କହିଲେ ଯେ ଏହା ଅଶିକ୍ଷିତ ଲୋକଙ୍କର ଗୋଟିଏ ଭୁଲ ଧାରଣା । ଜେନର ବୈଜ୍ଞାନିକ ପ୍ରଣାଳୀରେ ପରୀକ୍ଷା କଲେ । ଗୋ-ବସନ୍ତ ଭୋଗିଥିବା ଲୋକଙ୍କ-ଠାରେ ସେ ବସନ୍ତ ରୋଗର ଜୀବାଣୁ ପୂରାଇ ଦେଖିଲେ ଯେ ସେମାନଙ୍କୁ ବସନ୍ତ ରୋଗ ଧରିଲା ନାହିଁ । ସେ ସ୍ଥିର କଲେ ଯେ ମନୁଷ୍ୟଠାରେ ଗୋ-ବସନ୍ତର ବୀଜ ପ୍ରବେଶ କରାଇଲେ ଆଉ ବସନ୍ତ

Digitized by srujanika@gmail.com

ରୋଗ ହେବ ନାହିଁ । ଏହିପରି ଗୋ-ବୀଜ ଟିକାର ଉଦ୍ଭାବନ ହେଲା ।

ଗୋ-ବୀଜ ଟିକା କ୍ରମେ ପୃଥିବୀର ଲୋକେ ଜାଣିଲେ । ସବୁ ଦେଶର ଲୋକେ ଜେନରଙ୍କୁ ସମ୍ମାନ କଲେ । ବିଲାତର ପାର୍ଲିଆମେଣ୍ଟ ତାଙ୍କୁ ପ୍ରାୟ ଚାରିଲକ୍ଷ ଟଙ୍କା ପୁରସ୍କାର ଦେଲେ । ଅନ୍ୟ ଦେଶର ଲୋକେ ତାଙ୍କୁ କିପରି ସମ୍ମାନ କରୁଥିଲେ ତାହା ନିମ୍ନ ଘଟଣାରୁ ଜଣା ପଡ଼ିବ !

ସେତେବେଳେ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଯୁଦ୍ଧ ଚାଲିଥିଲା । ଥରେ ଫ୍ରାନ୍ସରେ ଯୁଦ୍ଧବନ୍ଦୀ ହୋଇଥିବା ଜଣେ ଇଂରେଜଙ୍କୁ ମୁକ୍ତି ଦେବା ପାଇଁ ଜେନର ଫ୍ରାନ୍ସ ସମ୍ରାଟ୍ ନେପୋଲିଅନଙ୍କୁ ଅନୁରୋଧ କରିଥିଲେ । ସେ ଉକ୍ତ ଇଂରେଜଙ୍କୁ ମୁକ୍ତି ଦେଇ ନଥାନ୍ତେ କିନ୍ତୁ ଜେନର ଅନୁରୋଧ କରିଅଛନ୍ତି ଶୁଣିଲା ମାତ୍ରେ କହିଲେ, "ତାଙ୍କ ଅନୁରୋଧ ରକ୍ଷା କରିବାକୁ ହେବ ।"

ଜେନର ଜଣେ ପ୍ରଧାନ ସେବକ । ତାଙ୍କ ସେବାର ଫଳ ସମଗ୍ର ମନୁଷ୍ୟ ସମାଜ ଭୋଗ କରୁଅଛି ।

କଠିନ ଶବ୍ଦମାନଙ୍କର ଅର୍ଥ:—

ସଂକ୍ରାମକ ବ୍ୟାଧି---ଛୁଆଁ ରୋଗ, ମାରାତ୍ମକ---ପ୍ରାଣାନ୍ତକ, ଦୂଷିତ---ଖରାପ, ବିସ୍ଫୋଟକ—ଫୋଟକା, ଉପଶମ—ଆରୋଗ୍ୟ, ବିକଳାଙ୍ଗ---ଯାହାର ଅଙ୍ଗ ବିକୃତ ଯଥା:—କେମ୍ପା, ଛୋଟା, କୁଜା; କବଳ—ଗ୍ରାସ ଉଦ୍ଭାବକ—ଉଦ୍ଭାବନକର୍ତ୍ତା, ଧର୍ମଯାଜକ---ପାଦ୍ରି, ଗୋ-ବସନ୍ତ—ଗୋରୁଙ୍କୁ ଧରୁଥିବା ଏକ ପ୍ରକାର ରୋଗ, ସଂକ୍ରମି ପାରେ ନାହିଁ—ଛୁଇଁ ନାହିଁ, ପରୀକ୍ଷିତ--ପରୀକ୍ଷା କରାଯାଇଥିବା, ବୀଜାଣୁ--ଯେଉଁ ଅତି ସୂକ୍ଷ୍ମ କୀଟ ଦ୍ୱାରା ରୋଗ ଜଣକ ଦେହରୁ ଆଉ ଜଣକ ଦେହକୁ ଯାଏ,

Digitized by srujanika@gmail.com

ମହୋପକାର--ମହା+ଉପକାର, ପରମ--ପ୍ରଧାନ, ମୁକ୍ତ ହେବା--ଖଲାସ କରିବା, ପାଉଣ୍ଡ--ବିଲାତର ଏକ ମୁଦ୍ରା, ଆମର ପନ୍ଦର ଟଙ୍କା ସହିତ ପ୍ରାୟ ସମାନ ।

ସରଳାର୍ଥ—

(କ) ଏହି ବ୍ୟାଧିର············ପୂଜା କରନ୍ତି । (୮୦ ପୃଷ୍ଠା)

ବସନ୍ତ, ଗୋଟିଏ ଭୟଙ୍କର ଛୁଆଁ ରୋଗ । ଏଥିରେ ରୋଗୀ ବହୁତ କଷ୍ଟ ଭୋଗେ । ଅନେକ ରୋଗୀ ମରନ୍ତି । ଏହି ରୋଗରୁ ଆରୋଗ୍ୟ ହେବା ପାଇଁ କୌଣସି ଭଲ ଔଷଧ ନାହିଁ । ତେଣୁ ଆମ ଦେଶର ଲୋକେ ବସନ୍ତ ରୋଗକୁ ଭୟଙ୍କର 'ଠାକୁରାଣୀ' ବୋଲି କହନ୍ତି । ଠାକୁରାଣୀଙ୍କୁ ପୂଜା କଲା ପରି ବସନ୍ତ ରୋଗକୁ ମଧ୍ୟ ପୂଜା କରନ୍ତି ।

(ଖ) ଦେଶ ସେବକଙ୍କର କାର୍ଯ୍ୟ·····ହୋଇଅଛି । (୮୩ ପୃଷ୍ଠା)

ଜେନର ଗୋ-ବୀଜ ଟିକାର ଉଦ୍ଭାବନ ଦ୍ୱାରା ସମସ୍ତ ମାନବ ଜାତିର ଉପକାର କରି ଯାଇଅଛନ୍ତି । ଜେନରଙ୍କ ଆସନ ଯେ କୌଣସି ଦେଶସେବକ ଠାରୁ ଉଚ୍ଚରେ । ଦେଶ ସେବକ କେବଳ ଆପଣା ଦେଶର ଲୋକଙ୍କ ଉପକାର କରନ୍ତି; କିନ୍ତୁ ଜେନର ଯେଉଁ ବୈଜ୍ଞାନିକ ଉଦ୍ଭାବନ କରି ଯାଇଅଛନ୍ତି ତା ଫଳରେ କେବଳ ଇଂଲଣ୍ଡର ଲୋକେ ଉପକୃତ ହେଉ ନାହାନ୍ତି; ସମଗ୍ର ପୃଥିବୀର ସବୁ ଜାତିର ଲୋକେ ଉପକୃତ ହେଉଅଛନ୍ତି ।

ପଦ ପରିବର୍ତ୍ତନ (ବିଶେଷ୍ୟରୁ ବିଶେଷଣ)

ବିକାର—ବିକୃତ; ଭୟ—ଭୀତ; ଉଦ୍ଭାବନ—ଉଦ୍ଭାବିତ; ପରୀକ୍ଷା—ପରୀକ୍ଷିତ; ଆକ୍ରମଣ—ଆକ୍ରାନ୍ତ; ପୀଡ଼ା—ପୀଡ଼ିତ;

Digitized by srujanika@gmail.com

ପରିଚଯ଼—ପରିଚିତ; ପ୍ରକୃତ—ପ୍ରକୃତିତ; ମୁକ୍ତି—ମୁକ୍ତ, ଉପକାର—ଉପକୃତ ।

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ଦୂଷିତ—ବିଶୁଦ୍ଧ; ଜନ୍ମ—ମୃତ୍ୟୁ; ସହ୍ୟ—ଅସହ୍ୟ; ବିଶ୍ୱାସ—ଅବିଶ୍ୱାସ; ନିଶ୍ଚିତ—ଅନିଶ୍ଚିତ; କ୍ଷତି—ଲାଭ; ଅଳ୍ପ—ଅଧିକ; ପୁରସ୍କାର—ତିରସ୍କାର; ଶତ୍ରୁ—ମିତ୍ର ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର :—

୧ । [ସରଳାର୍ଥ (କ) ଦେଖ ।]

୨। ବସନ୍ତ ରୋଗ ହେଲେ ରୋଗୀ ବହୁତ କଷ୍ଟ ଭୋଗ କରେ । ଅନେକ ସମଯ଼ରେ ରୋଗୀର ମୃତ୍ୟୁ ହୋଇଥାଏ । ଯେଉଁମାନେ ଏହିରୋଗ ମୁହଁରୁ ବଞ୍ଚିଯାନ୍ତି, ସେମାନଙ୍କ ଦେହରେ ରୋଗର ଦାଗ ରହି ଯାଏ । ମଲାଯାଏ ଏହି ଦାଗ ଯାଏ ନାହିଁ । ଦେହ ଅସୁନ୍ଦର ଦିଶେ । କୌଣସି କୌଣସି ରୋଗୀ କଣା ବା ଅନ୍ଧ ହୋଇଯାଆନ୍ତି । କେତେ କେତେ କେଙ୍ଗା, କୁଜା ହୋଇଯାନ୍ତି । ଜଣକୁ ଏହି ରୋଗ ହେଲେ ଆଖପାଖର ଅନେକ ଲୋକ ଏହି ରୋଗରେ ପଡ଼ନ୍ତି ।

ବସନ୍ତ ପରି ବିସୂଚିକା ଓ ଯକ୍ଷ୍ମା ସଂକ୍ରାମକ ରୋଗ ।

୩। [ସାରକଥା ଦେଖ ।]

୪। ଏକ୍ସ-ରେ ବା ରଞ୍ଜିନ ରଶ୍ମି-ଏହାଦ୍ୱାରା ଆମ ଦେହ ଭିତରର ଶିରା, ହାଡ଼ ପ୍ରଭୃତିର ଛବି ନିଆ ଯାଇପାରୁଛି ।

Digitized by srujanika@gmail.com

ଡେଭିସ ସେଫ୍‌ଟିଲ୍ୟାମ୍ପ—ଏହି ଲ୍ୟାମ୍ପ ଜାଳି କୋଇଲା ଖଣି ଭିତରେ ପ୍ରବେଶ କଲେ ସେଠାରେ ଥିବା ଗ୍ୟାସ ଜଳି ଉଠେ ନାହିଁ । ତେଣୁ ଖଣିରେ ବିସ୍ଫୋରଣ ହୁଏ ନାହିଁ ।

୫ । (କ) ବିସ୍ଫୋଟକ (ଖ) ଉଦ୍ଭାବକ (ଘ) ଅନୁରୋଧ ।

---

[୨୨] ଦଶହରା ପର୍ବ

ଆଶ୍ୱିନ ମାସ, ଶରତ ଋତୁରେ ଆକାଶରେ ଖଣ୍ଡେ ଖଣ୍ଡେ ମେଘ ଭାସୁଥାଏ; କେତେବେଳେ ଅବା ଅସମୟେ ବର୍ଷା ହୋଇଯାଏ । ଗାଆଁ, ପାହାଡ଼ ପର୍ବତ, ଧାନକ୍ଷେତ ସବୁ ସବୁଜ ବର୍ଣ୍ଣ ଦିଶୁଥାଏ । ସତେ ଅବା ପୃଥିବୀ ଘୋଟାଏ ନୀଳ ପତାକା ଉଡ଼ାଉଛି ଧୀର ପବନରେ ଗଛଲତା ଦୋହଲୁଥାନ୍ତି । ପକ୍ଷୀମାନେ ମଧୁର ସ୍ୱରରେ ରାବୁଥାନ୍ତି । ସେ ରାବ ଶୁଣିଲେ ମନୁଷ୍ୟ ମନରୁ ସବୁ ଦୁଃଖ ଉଭେଇ ଯାଏ । ଶାଗୁଆ ଘାସ ଓ ଫୁଟିଥିବା ଫୁଲରେ ପୃଥିବୀ ହସିଲପରି ଲାଗେ । ଗଙ୍ଗ ଶିଉଳି ଫୁଲ ମୃଦୁତରେ ଫୁଟେ, ସକାଳେ ଟାଣଖରା ପଡ଼ିଲାକ୍ଷଣି ଝାଉଁଳି ପଡ଼େ । ନିର୍ମଳ ଜଳ ମଧ୍ୟରେ ପଦ୍ମଫୁଲ ଫୁଟି ଦୋହଲୁଥାଏ । ହଂସମାନେ ସେଥିରେ ଖେଳୁଥାନ୍ତି । ଏହି ସୁନ୍ଦର ଆଶ୍ୱିନ ମାସର ଶୁକ୍ଳ ଦଶମୀ ତିଥିରେ ଦଶହରା ପର୍ବ ହୁଏ । ସେଦିନ ପ୍ରତ୍ୟେକଙ୍କ ଘରେ ଆନନ୍ଦ ଉତ୍ସବ ଲାଗିଯାଏ । ଧୂପ ଗନ୍ଧରେ ଗୃହଅଙ୍ଗ ମହକି ଉଠେ । ଶଙ୍ଖ ମହୁରୀର ଶବ୍ଦରେ ସବୁଆଡ଼ ଉଚ୍ଛୁଳି ପଡ଼େ । କି ସହର, କି ମଫସଲ ସବୁଠାରେ ଲୋକେ ନିଜ ନିଜର କାମ ଛାଡ଼ି ଆନନ୍ଦରେ ମାତନ୍ତି । ଯେଉଁମାନେ ବିଦେଶରେ ଥାନ୍ତି, ସେମାନେ ଘରକୁ ଆସି ବନ୍ଧୁ ବାନ୍ଧବଙ୍କୁ ଦେଖନ୍ତି । ପିଲାମାନେ

Digitized by srujanika@gmail.com

ନୂଆଲୁଗା ପିନ୍ଧି ଖେଳ କୁଦନ୍ତି । ପ୍ରତ୍ୟେକ ସ୍ତ୍ରୀ ପୁରୁଷଙ୍କ ମୁହଁରେ ଦୁଃଖର ଚିହ୍ନ ଦେଖିବାକୁ ମିଳେ ନାହିଁ ।

ଏହିପରି ଗୋଟିଏ ଶରତ ଋତୁରେ ଅଶ୍ୱିନ ମାସ ଶୁକ୍ଲ ଦଶମୀ ତିଥିରେ ଶ୍ରୀରାମଚନ୍ଦ୍ର ସମୁଦ୍ରରେ ସେତୁ ବାନ୍ଧି, ଦୁର୍ଗା-ଦେବୀଙ୍କର ପାଦ ବନ୍ଦନା କରି ବାନର ସୈନ୍ୟମାନଙ୍କ ସଙ୍ଗେ ଲଙ୍କାକୁ ଯାଇଥିଲେ ଓ ଲଙ୍କାକୁ ଧ୍ୱଂସ କରି ଯୁଦ୍ଧରେ ରାବଣକୁ ସବଂଶେ ମାରି ସୀତାଙ୍କୁ ଉଦ୍ଧାର କରିଥିଲେ ।

ରାମଚନ୍ଦ୍ରଙ୍କର ଏହି ବିଜୟ ଯାତ୍ରାର ସ୍ମରଣପାଇଁ ଏବେ ସୁଦ୍ଧା ଅମ୍ଭେମାନେ ଦଶହରା ପର୍ବ ପାଳନ କରୁଅଛୁ ।

କଠିନ ଶବ୍ଦମାନଙ୍କର ଅର୍ଥ—

ଜଳଦ—ମେଘ; ଗଗନ—ଆକାଶ; ଶୈଳ—ପର୍ବତ; ରଜନୀ—ରାତ୍ରି; କେତ—ପତାକା; ମୃଦୁଳ—ଧୀର, ତରୁ—ଗଛ; ବିହଙ୍ଗ—ପକ୍ଷୀ; ଅମଳ—ନିର୍ମଳ; କମଳ—ପଦ୍ମ; ମୀନ—ମାଛ; ପ୍ରବାସୀ—ବିଦେଶକୁ ଯାଇଥିବା; ନବ ବସନ—ନୂଆଲୁଗା; ଦାଗ—ଚିହ୍ନ; ରାଘବ—ରଘୁବଂଶରେ ଜାତ; ଅଗାଧ—ଅଥଳ; ଅରି—ଶତ୍ରୁ; ସବଂଶେ—କୁଟୁମ୍ବ ସହିତ, ଚିତା—ଅଗ୍ନି; ସ୍ମୃତି—ସ୍ମରଣ ।

ପ୍ରତିଶବ୍ଦ—

କମଳ—ପଦ୍ମ, ସରୋଜ । ବିହଙ୍ଗ—ପକ୍ଷୀ, ରଜନୀ—ନିଶା, ରାତ୍ରି । ପବନ—ଅନିଳ, ବାୟୁ

Digitized by srujanika@gmail.com

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ଦିବସ – ରଜନୀ, ସ୍ମୃତି – ବିସ୍ମୃତି, ନବ – ପୁରାତନ, ଆକାଶ – ପାତାଳ, ଶୁଭ – ଅଶୁଭ ।

ସରଳାର୍ଥ—

ସ୍ୱଦେଶ ଅବ.....................ସୀତା । (୮୬ପୃଷ୍ଠା)

ଆଶ୍ୱିନ ଶୁକ୍ଳ ଦଶମୀ ତିଥିରେ ରାମଚନ୍ଦ୍ର ଦେବୀ ପୂଜାକରି ଲଙ୍କାଗଡ଼କୁ ଧ୍ୱଂସ କରିଥିଲେ ଏବଂ ଯୁଦ୍ଧରେ ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରିଥିଲେ । ଏହି ଘଟନାକୁ ସ୍ମରଣ ରଖିବା ପାଇଁ ଆମ୍ଭେମାନେ ଦଶହରା ପର୍ବ ପାଳନ କରୁଁ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର:—

୧ । (ସାରକଥାର ପ୍ରଥମ ଦୁଇ ଅନୁଚ୍ଛେଦ ଦେଖ ।)

୨ । (ସାରକଥାର ଶେଷ ଅଂଶ ଦେଖ ।)

୩ । ଗାଁ ମାନଙ୍କରେ ଗଧିଆ କାଦବା ଦେଖାଯାଏ, ବାଘ ଅଡ଼ୌ ଦେଖାଯାଏ ନାହିଁ । ହରି ମହାଜନର ଭରଣ ଲୁଟାଇ ଦେଇଅଛନ୍ତି । ଟାଣ ଖରା ପଡ଼ିଲେ ଗଙ୍ଗଶିଉଳି ଫୁଲ ଝଡ଼ିପଡ଼େ । ପୂର୍ବ କାଳରେ ହିନ୍ଦୁ ବିଧବାମାନେ 'ମୃତ ସ୍ୱାମୀର ଚିତାରେ ପ୍ରାଣତ୍ୟାଗ କରୁଥିଲେ । ଶରତ ଋତୁରେ ସବୁରି ମନ ଆନନ୍ଦରେ ନାଚି ଉଠେ ।

୪ । ଶୈଳ—ପର୍ବତ; ବିହଙ୍ଗ—ପକ୍ଷୀ, ଶ୍ୟାମଳ—ଗାଢ ସବୁଜ, ମନ୍ଦ—ଧୀର, ସ୍ୱଧବ—ରଘୁବଂଶରେ ଜାତ ।

Digitized by srujanika@gmail.com

୫। ଦଶହରା ଦିନ ପ୍ରମନ୍ତଙ୍କ ଘର ଆନନ୍ଦରେ ପୂର୍ଣ୍ଣ ହୁଏ। ଲୋକେ ଉତ୍ସବ କରନ୍ତି। ବାଟରେ ଯିବା ଆସିବା କରୁଥିବା ଲୋକଙ୍କ ମନରେ ମଧ୍ୟ ଆନନ୍ଦର ଚିହ୍ନ ଦେଖାଯାଏ।

୬। ନୀଳ ଆକାଶ, ଶ୍ୟାମ ବନ, ମୃଦୁଳପବନ, ଅମଳ କମଳ, ମନ୍ଦବାୟୁ, ନବ ବସନ୍ତ।

---

[୨୩] ଭ୍ରାତୃଭକ୍ତ ଭରତ

ଅଯୋଧ୍ୟାର ରାଜା ଦଶରଥ ବୃଦ୍ଧ ହୋଇଯିବାରୁ ବଡ଼ ପୁଅ ରାମଚନ୍ଦ୍ରଙ୍କୁ ସିଂହାସନରେ ବସାଇବାକୁ ସ୍ଥିର କଲେ। କିନ୍ତୁ ରାମଚନ୍ଦ୍ରଙ୍କର ବିମାତା କୈକେୟୀ ଏଥିରେ ବାଧା ଦେଲେ।

ଥରେ କୈକେୟୀ ଦଶରଥଙ୍କୁ ରୋଗ ସମୟରେ ବିଶେଷ ସେବା କରିବାରୁ ସେ ତାଙ୍କୁ ଦୁଇଟି ବର ଦେବାକୁ କହିଥିଲେ। ସେ ସେହି ଦୁଇବର ମାଗିଲେ। ପ୍ରଥମ ବରରେ ରାମଚନ୍ଦ୍ର ୧୪ ବର୍ଷ ବନବାସ କରିବେ, ଦ୍ୱିତୀୟ ବରରେ ଭରତ ରାଜା ହେବେ।

ଏ କଥା ଶୁଣି ଦଶରଥ ମୂର୍ଚ୍ଛାଗଲେ। କିନ୍ତୁ ପିତୃଭକ୍ତ ରାମ ବକଲା ପିନ୍ଧି ବନକୁ ବାହାରିଲେ। ତାଙ୍କ ସାନଭାଇ ଲକ୍ଷ୍ମଣ ଓ ପତ୍ନୀ ସୀତା ମଧ୍ୟ ତାଙ୍କ ସଙ୍ଗରେ ଗଲେ। ଦଶରଥ ଦୁଃଖରେ ପ୍ରାଣତ୍ୟାଗ କଲେ।

ଏହି ସମୟରେ ଭରତ ମାମୁଘରେ ଥିଲେ। ସେ ସମ୍ବାଦ ପାଇଲେ ଯେ ଲକ୍ଷ୍ମଣ ସୀତାଙ୍କୁ ନେଇ ଜ୍ୟେଷ୍ଠଭ୍ରାତା ବନକୁ ଯାଇ

Digitized by srujanika@gmail.com

ଅଛନ୍ତି ଓ ପିତାଙ୍କର ମୃତ୍ୟୁ ହୋଇଛି । ସେ ରାଜପାଦ ଛାଡ଼ି ମନେ କରି ରାମଚନ୍ଦ୍ରଙ୍କୁ ଫେରାଇ ଆଣିବାକୁ ବନକୁ ଗଲେ ।

ସେତେବେଳକୁ ରାମଚନ୍ଦ୍ର ଚିତ୍ରକୂଟ ପର୍ବତରେ ଥିଲେ । ଭରତ ସେଠାରେ ପହଞ୍ଚି ରାମଙ୍କ ପାଦତଳେ ପଡ଼ି ଅଯୋଧ୍ୟାକୁ ଫେରି ସିଂହାସନରେ ବସିବାକୁ ଅନୁନୟ କଲେ । କିନ୍ତୁ ରାମଚନ୍ଦ୍ର କହିଲେ – "ପିତାଙ୍କର ଆଦେଶ ମୁଁ ଯେପରି ପାଳିଛି, ତୁମ୍ଭେ ସେହିପରି ପାଳନ କର । ଚଉଦ ବର୍ଷ ଅନ୍ତେ ମୁଁ ପୁଣି ଅଯୋଧ୍ୟାକୁ ଫେରିଯିବି ।"

ରାମଚନ୍ଦ୍ରଙ୍କ ସହିତ ବନରେ ରହିବାକୁ ଭରତ ଅନୁମତି ମାଗିଲେ । ମାତ୍ର ରାମଚନ୍ଦ୍ର କହିଲେ ରାଜ୍ୟ ଶାସନ କରିବାକୁ ପିତା ତୁମ୍ଭଙ୍କୁ ଆଦେଶ ଦେଇଛନ୍ତି । ବନବାସ କଲେ ତୁମ୍ଭେ ପିତାଙ୍କ ସତ୍ୟ ଲଙ୍ଘନ କରିବ ।

ଶେଷରେ ଭରତ ରାମଚନ୍ଦ୍ରଙ୍କର ପାଦୁକା ଦୁଇଟି ନେଇ ଫେରିଗଲେ । ତାକୁ ସିଂହାସନରେ ରଖି ରାମଙ୍କର ଭୃତ୍ୟରୂପେ ରାଜକାର୍ଯ୍ୟ ଚଳାଇଲେ । ରାମଙ୍କ ପରି ବଲ୍କଳ ପିନ୍ଧି, ଫଳମୂଳ ଖାଇ ସେ ଜୀବନ କଟାଇବାକୁ ଲାଗିଲେ ।

ରାମଚନ୍ଦ୍ର ବନ ମଧ୍ୟରେ ଚଉଦ ବର୍ଷ ଅତି କଷ୍ଟରେ କଟାଇ ସୀତା ଓ ଲକ୍ଷ୍ମଣଙ୍କ ସହିତ ଅଯୋଧ୍ୟାକୁ ଫେରିଲେ । ଭରତ ବାଟରୁ ସେମାନଙ୍କୁ ପାଛୋଟି ନେଲେ । ରାମଚନ୍ଦ୍ରଙ୍କୁ ସିଂହାସନ ଦେଇ ତାଙ୍କର ସେବା କଲେ ।

ଭରତଙ୍କର ଭ୍ରାତୃଭକ୍ତି ଜଗତରେ ଦୁର୍ଲ୍ଲଭ ।

Digitized by srujanika@gmail.com

କଠିନ ଶବ୍ଦମାନଙ୍କର ଅର୍ଥ—

ବାର୍ଦ୍ଧକ୍ୟ—ବୃଦ୍ଧ ଅବସ୍ଥା, ଜ୍ୟେଷ୍ଠ—ସବୁଠାରୁ ବଡ଼, ଅଭିଷେକ—ସିଂହାସନରେ ବସିବା, ବିମାତା—ସାବତ ମା; ପ୍ରୀତ—ସନ୍ତୁଷ୍ଟ; ସିଂହାସନ ଅଧିରୋହଣ କରୁ—ସିଂହାସନରେ ବସୁ ଅର୍ଥାତ୍ ରାଜା ହେଉ, ବଲ୍କଲ—ଗଛର ବକଲା, ସହଧର୍ମିଣୀ—ପତ୍ନୀ ଅନୁଜ—ସାନଭାଇ, ମାତୁଳାଳୟ (ମାତୁଳ+ଆଳୟ)—ମାମୁଘର ଭୂଷଣ—ଅଳଙ୍କାର, ଲୋକଙ୍କ ବର୍ଣ୍ଣନା କରୁଅଛନ୍ତି—ଲୁହ ଢାଳୁଛନ୍ତି; କର୍ତ୍ତବ୍ୟ—ଯାହା କରିବା ଉଚିତ; ପାଦୁକା—ଖଡ଼ମ, ବିଳାସ—ଆଡ଼ମ୍ବର, ଅତୀତ—ଗତ; ଭ୍ରାତୃ ବତ୍ସଳ—ଯେ ଭାଇକୁ ସ୍ନେହ କରନ୍ତି, ମହତ୍ତ୍ୱ—ବଡ଼ପଣ, ଅର୍ପଣ କର—ଦେଇ, ଅନୁଗତ—ଅଧୀନ ।

ବିପରୀତ ଅର୍ଥ ବୋଧକ ଶବ୍ଦ—

ବାର୍ଦ୍ଧକ୍ୟ—ବାଲ୍ୟ, ଜ୍ୟେଷ୍ଠ—କନିଷ୍ଠ, ପ୍ରୀତ—ରୁଷ୍ଟ, ବର—ଶାପ, ଅନୁଜ—ଅଗ୍ରଜ, ମୃତ୍ୟୁ—ଜନ୍ମ, ପାଳନ—ଲଙ୍ଘନ, ଭୋଗ—ତ୍ୟାଗ ।

ସରଳାର୍ଥ—

(କ) ପିତୃସତ୍ୟ ପାଳନ କରିବା···ସେହିପରି କର୍ତ୍ତବ୍ୟ (୮୯ ପୃଷ୍ଠା)

ଭରତ ଚିତ୍ରକୂଟକୁ ଯାଇ ଅଯୋଧ୍ୟାକୁ ଫେରି ରାଜା ହେବା ନିମନ୍ତେ ରାମଚନ୍ଦ୍ରଙ୍କୁ ବିଶେଷ ଅନୁରୋଧ କଲେ । ତହୁଁ ରାମଚନ୍ଦ୍ର କହିଲେ—ପିତାଙ୍କର ସତ୍ୟ ପାଳିବା ମୋ ପକ୍ଷରେ ଯେପରି ଉଚିତ, ତୁମ୍ଭ ପକ୍ଷରେ ମଧ୍ୟ ସେହିପରି ଉଚିତ । ପିତ ସତ୍ୟ ପାଳନ ପାଇଁ

Digitized by srujanika@gmail.com

ମୁଁ ବନବାସ କରିବି । ତୁମ୍ଭେ ସେହିପରି ପିତୃ ସତ୍ୟ ପାଳି ରାଜ୍ୟ ଶାସନ କର ।

(ଖ) କିନ୍ତୁ ସେଥିସଙ୍ଗେ ସଙ୍ଗେ···ମହତ୍ତ୍ୱ ଘୋଷଣା କରୁଥିବ(୯୦ପୃଷ୍ଠା)

ରାମ ବନବାସରୁ ଫେରି ଦେଖିଲେ ଯେ ଭରତ ତାଙ୍କରି ପରି ସବୁ ସୁଖ ଛାଡ଼ି ତପସ୍ୱୀ ବେଶ ଧରି ରାଜ୍ୟ ଶାସନ କରୁଅଛନ୍ତି । ରାମଙ୍କ ପ୍ରତି ତାଙ୍କର ଏପରି ଭକ୍ତି ଦେଖି ସେ କହିଲେ—ପିତାଙ୍କ ସତ୍ୟ ପାଳିବା ପାଇଁ ତୁମ୍ଭେ ରାଜ୍ୟ ଶାସନ କରୁଥିଲ । ରାଜ୍ୟଶାସନ ଗୋଟିଏ ଗୁରୁ ଦାୟିତ୍ୱ । ପୁଣି ତା ସଙ୍ଗେ ମୋ ପ୍ରତି ଭକ୍ତି ଥିବାରୁ ତୁମ୍ଭେ ରାଜସୁଖ ସବୁ ଛାଡ଼ି ମୋ ପରି ତପସ୍ୱୀ ଜୀବନ କଟାଉଅଛ । ତୁମ୍ଭର ଏହି ଭ୍ରାତୃଭକ୍ତି ଆଦର୍ଶ ସ୍ଥାନୀୟ । ଯୁଗେ ଯୁଗେ ତୁମ୍ଭେ ଏହି ଗୁଣ ଲାଗି ପ୍ରଶଂସା ପାଇବ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । (କ) ଜ୍ୟେଷ୍ଠ ଭ୍ରାତାଙ୍କ ପ୍ରତି ଅତ୍ୟନ୍ତ ଭକ୍ତି ଥିବାରୁ ଭରତ ତାଙ୍କରି ପରି ଜଟା ବଲ୍କଳ ଧାରଣ କରିଥିଲେ ।

(ଖ) ଭରତ ଜାଣିଥିଲେ ଯେ ସେ ସିଂହାସନର ଅଧିକାରୀ ନୁହନ୍ତି । ସେ ସିଂହାସନ ରାମଚନ୍ଦ୍ରଙ୍କର । ସେ କେବଳ ରାଜ୍ୟଶାସନ କରିବାକୁ ଆଦେଶ ପାଇଅଛନ୍ତି । ତେଣୁ ସେ ରାମଙ୍କ ପରିବର୍ତ୍ତେ ତାଙ୍କ ପାଦୁକା ଦୁଇଟିକୁ ସିଂହାସନରେ ଅଭିଷେକ କରାଇଥିଲେ ।

(ଗ) ରାମଙ୍କର ବନବାସ କାଳରେ ସେ ରାଜସୁଖ ଛାଡ଼ି ରାମଙ୍କର ପାଦୁକାକୁ ସିଂହାସନରେ ଥୋଇ ଆପେ କେବଳ ରାଜ୍ୟଶାସନ ଚଳାଇବା ଦ୍ୱାରା ପିତୃ ସତ୍ୟ ପାଳନ କଲେ ।

Digitized by srujanika@gmail.com

୨ । ଶଙ୍କର – ଶଙ୍କର, ଘାଣ୍ଟେଟିନେବା – ବୁଝାଇ ଅଧର କରି ନେଇଯିବା, ଭୂଷଣ – ଅଳଙ୍କାର, ଭ୍ରାତୃ ବତ୍ସଳ – ଭାଇଙ୍କଠାରେ ସ୍ନେହୀ, ଅଭିଷେକ – ସିଂହାସନରେ ବସିବା ଉତ୍ସବ, ବାର୍ଦ୍ଧକ୍ୟ – ବୃଦ୍ଧଅବସ୍ଥା, ଚୈତନ୍ୟ – ଚେତନା, ସୁଖଦୁଃଖ ଅନୁଭବ କରିବା ଶକ୍ତି; ସାନ୍ତ୍ୱନା – ଆଶ୍ୱାସନା, ଅତିବାହିତ – ଗତ, ଅନୁଗତ – ଅଧୀନ ।

୩ । ଭ୍ରାତୃଭକ୍ତି ପରି ପିତୃଭକ୍ତି, ମାତୃଭକ୍ତି, ଗୁରୁଭକ୍ତି, ଦେଶଭକ୍ତି, ଈଶ୍ୱରଭକ୍ତି ଇତ୍ୟାଦି ।

୪ । ସତ୍ୟ – ବିଶେଷ୍ୟ, ବନ – ବିଶେଷ୍ୟ, ଧାରଣ – ବିଶେଷ୍ୟ, ଧରିଅଛି – କ୍ରିୟା, କିନ୍ତୁ – ଅବ୍ୟୟ, ଏବ — ଅବ୍ୟୟ, ତୁମ୍ଭେ – ସର୍ବନାମ, ଭାଗ — ବିଶେଷ୍ୟ, କହୁଥିଲେ – କ୍ରିୟା, କହିବା — ବିଶେଷ୍ୟ ।

---

[୨୪] ଛାତ୍ର ଓ ଅଧ୍ୟାପକ

ସାରକଥା –

ଲଣ୍ଡନର ଜଣେ ଭାରତୀୟ ଛାତ୍ର ଛୁଟିରେ ବୁଲିବା ପାଇଁ ଜର୍ମାନୀ ଦେଶକୁ ଯାଇଥିଲେ । ବର୍ଲିନ ସହରରେ ତାଙ୍କର ବ୍ୟାଗଟି ବୋହି ନେବାକୁ ସେ ଜଣେ ଲୋକକୁ ଦେଲେ । ବାଟରେ ଗୋଟିଏ ବହି ଦୋକାନ ଦ୍ୱାରରେ ଲେଖାଥିଲା 'ଭାରତୀୟ ପୁସ୍ତକ' ଭାରତୀୟ ଛାତ୍ରଜଣକ ସେହି ଦୋକାନକୁ ଯାଇ କେତେକ ଭାରତୀୟ ପୁସ୍ତକର ଅନୁବାଦ ପୁସ୍ତକ କିଣି ଆଣିଲେ । ସେଗୁଡ଼ିକୁ ବୋହି ନେବା ପାଇଁ ସେ ଉକ୍ତ ଲୋକର ହାତରେ ଦେଲେ । ସେ

Digitized by srujanika@gmail.com

ବହି ଗୁଡ଼ିକୁ ଦେଖି କହିଲା—ଏହାଠାରୁ ଭଲ ଅନୁବାଦ ଆଉ ଥାଉଁ ଏଠାରୁ ହିଁ କିଣିଲେ । ଛାତ୍ରଟି ଜଣେ କୁଲିଠାରୁ ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇ କହିଲେ—ଅଚ୍ଛା, ମୋ ପାଇଁ ଏହାଠାରୁ ଭଲ ଅନୁବାଦ ପୁସ୍ତକ ଆଣି ପାରିବ । କୁଲିଟି ଦୋକାନକୁ ଯାଇ କେତେ ଖଣ୍ଡି ଉତ୍କୃଷ୍ଟ ଅନୁବାଦ ବହି କିଣି ଆଣିଲେ । ସାମାନ୍ୟ କୁଲିର ବହି ବିଷୟରେ ଏପରି ଜ୍ଞାନ ଦେଖି ଛାତ୍ର ତାର ପରିଚୟ ପଚାରି ବୁଝିଲେ ଯେ ସେ ବର୍ଲିନ ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ । ଅଳ୍ପ ବେତନରେ ଚଳିପାରୁ ନଥିବାରୁ ସେ ଅବସର ସମୟରେ ପରିଶ୍ରମ କରି କିଛି ଆୟ କରନ୍ତି ।

ଭାରତୀୟ ଛାତ୍ର ଜଣେ ଏତେବଡ଼ ଅଧ୍ୟାପକଙ୍କୁ କୁଲି କାମରେ ଲଗାଇଛନ୍ତି ଭାବି ଲଜ୍ଜିତ ହେଲେ ଏବଂ ତାଙ୍କୁ କ୍ଷମା ମାଗି କିଛି ଅର୍ଥ ଦେଇ ବିଦାୟ ଦେବାକୁ ଚାହିଁଲେ । କିନ୍ତୁ ସେ ବିନା ପରିଶ୍ରମରେ ଉପହାରର ଦାନ ଗ୍ରହଣ କରିବାକୁ ସ୍ୱୀକୃତ ନହୋଇ କହିଲେ—କୌଣସି ପରିଶ୍ରମ ହୀନ ନୁହେଁ । କାହାର ବ୍ୟାଗ ବୋହିନେବା ହୀନକାର୍ଯ୍ୟ ହେବ କାହିଁକି ? ଏହାଦ୍ୱାରା ମୁଁ କେବଳ ଅର୍ଥ ଅର୍ଜନ ନୁହେଁ ବ୍ୟାୟାମ ହେତୁ ସ୍ୱାସ୍ଥ୍ୟ ମଧ୍ୟ ଲାଭ କରୁଛି । ପରିଶ୍ରମ କରି ମଜୁରି ନେବା ନ୍ୟାଯ୍ୟ କଥା; ଏଥିରେ କ୍ଷମା ମାଗିବାର କାରଣ ନାହିଁ । ମୁଁ କଥାବ ଅନୁସାରେ ବ୍ୟାଗଟି ଧରି ଷ୍ଟେସନ ପର୍ଯ୍ୟନ୍ତ ଯିବି ଓ ମୋର ପାରିଶ୍ରମିକ ନେବି ।

ତାହା ହିଁ ହେଲା । ଭାରତୀୟ ଛାତ୍ର ଲଜ୍ଜିତ ଭାବରେ ଅଧ୍ୟାପକଙ୍କ ସହିତ ଷ୍ଟେସନ ପର୍ଯ୍ୟନ୍ତ ଗଲେ । ସେ ବୁଝିପାରିଲେ, ଯେ କୌଣସି କାର୍ଯ୍ୟ କରିବା ଗୌରବର ବିଷୟ ।

Digitized by srujanika@gmail.com

କଠିନ ଶବ୍ଦମାନଙ୍କର ଅର୍ଥ—

ଅଧ୍ୟୟନ—ପଢ଼ିବା, ଅବକାଶ—ଛୁଟି, ବାହକ—ବୋହିଅ, କୌତୂହଳ—ଆଗ୍ରହ, ଅନୁବାଦ ପୁସ୍ତକ—ଅନ୍ୟ ଭାଷାରେ ପରିଣତ ହୋଇଥିବା ବହି, ମନ୍ତବ୍ୟ—ମତ ପ୍ରକାଶ; ବକ୍ତବ୍ୟ—ଯାହା କହିବାକୁ ଥାଏ, ଖ୍ୟାତନାମା—ଜଣାଶୁଣା, ଅଧ୍ୟାପକ—କଲେଜ ବା ବିଶ୍ୱବିଦ୍ୟାଳୟର ଶିକ୍ଷକ, ଅବସର—ଫୁରସତ, ଉଦ୍ୟତ—ଚେଷ୍ଟିତ, ତର୍କ—ଯୁକ୍ତି, ହୀନ—ନୀଚ, ଛୋଟ; ଗୃହସ୍ଥାଶ୍ରମ—ଗୃହସ୍ଥ ଘର ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର—

୧ । ଅଧ୍ୟାପକଙ୍କ ବେତନ ପରିବାର ଚଳାଇବା ପକ୍ଷେ ଯଥେଷ୍ଟ ନଥିଲା । ତେଣୁ ଅବସର ସମୟରେ ସେ ବୋଝ ବୋହି କିଛି ଅଧିକା ରୋଜଗାର କରୁଥିଲେ ।

୨ । ଆମେମାନେ ମନେ କରୁଁ ବୋଝ ବୋହିବା ଗୋଟିଏ ଛୋଟ କାମ । ଯେଉଁମାନେ ପରର ବୋଝ ବୋହି କିଛି ଆୟକରି ଚଳନ୍ତି । ସେମାନେ ଛୋଟ ଲୋକ । କିନ୍ତୁ ପ୍ରକୃତରେ ତାହା ନୁହେଁ । ବୋଝ ବୋହିବା ଦ୍ୱାରା ବ୍ୟାୟାମ ହେବାରୁ ଦେହ ଭଲ ରହେ । ଯାହାଦ୍ୱାରା ଦେହ ଭଲ ରହିବା ସଙ୍ଗେ ସଙ୍ଗେ ପଇସା ଆୟ ହୁଏ, ତାହା ଛୋଟ କାମ ହେବାର କାରଣ ନାହିଁ ।

୩ । ପାଠପଢ଼ି ପଣ୍ଡିତ ହେଲେ ମଧ୍ୟ ଶାରୀରିକ ପରିଶ୍ରମକୁ ଘୃଣା କରିବା ଅନୁଚିତ ।

୪ । ଅଧ୍ୟୟନ—ପଢ଼ିବା, ଅବକାଶ—ଛୁଟି; ଅଧ୍ୟାପକ—କଲେଜ ବା ବିଶ୍ୱବିଦ୍ୟାଳୟର ଶିକ୍ଷକ, ବ୍ୟାୟାମ—ଶରୀରର ଚାଳନା,

Digitized by srujanika@gmail.com

ଅଧୋମୁଖ—ଅଧଃମୁଖ; ତୁ ତ୍ତ—ଜବାବ, ଅନୁବାଦ—ଅନ୍ୟଭାଷାରେ ପ୍ରବର୍ତ୍ତିତ, ସ୍ମରଣ—ମନେ ରଖିବା, ବିନୀତ—ନମ୍ର ।

୫ । ଭାରତୀୟ, ବଙ୍ଗୀୟ, ୟୁରୋପୀୟ; ଇଟାଲୀୟ, ଆରବୀୟ, ରୁଷୀୟ ।

୬ । (୧) ମୁଁ ଅଳ୍ପ କିଛୁ ଖରଚ କରିବା ପାଇଁ ବାହାର ଥିଲି । (୨) ମୁଁ ଆପଣଙ୍କ କାର୍ଯ୍ୟକୁ ନିନ୍ଦା କରୁଅଛି । (୩) ଏ କାର୍ଯ୍ୟକୁ ଆପଣ ଉଚିତ ବୋଲି ବିଚାରୁ ଅଛନ୍ତି କହିଁକି ?

---

[୨୫] ଆଧୁନିକ ମୁଦ୍ରାଯନ୍ତ୍ର

ଅତି ପ୍ରାଚୀନ କାଳରେ ଚୀନ ଦେଶର ଲୋକେ କାଠର ଅକ୍ଷର ଖୋଳି ଛପାକାର୍ଯ୍ୟ କରୁଥିଲେ । ତତ୍ପରେ ଜଣେ ଜର୍ମାନ ବୈଜ୍ଞାନିକ ମୁଦ୍ରାଯନ୍ତ୍ର ପାଞ୍ଚଶ ବର୍ଷ ପୂର୍ବେ ବାହାର କରିଥିଲେ ।

ଛପାଖାନାରେ ଲୋକେ ସୀସାର ଅକ୍ଷର ସବୁ ଯୋଡ଼ି ଗୋଟିଏ ଗୋଟିଏ ପୃଷ୍ଠା ଆକାରରେ ସଜାନ୍ତି । ପୁଣି କେତେ ଗୁଡ଼ିଏ ପୃଷ୍ଠାକୁ ଏକତ୍ର କରି ତା ଉପରେ କାଳି ଦିଆଯାଏ । କାଗଜକୁ ମୁଦ୍ରାଯନ୍ତ୍ର ସାହାଯ୍ୟରେ ଏହା ଉପରେ ଚାପି ଦେଲେ ଅକ୍ଷରର ଚିହ୍ନ କାଗଜରେ ରହିଯାଏ । ଏହା ମୁଦ୍ରଣର ସାଧାରଣ ପ୍ରଣାଳୀ ।

ପୂର୍ବେ ମୁଦ୍ରାଯନ୍ତ୍ର ସାଧା ସିଧା ଥିଲା ଓ ଏହା ହାତରେ ଚାଳିତ ହେଉଥିଲା । ଏବେ ମୁଦ୍ରାଯନ୍ତ୍ର ବିଦ୍ୟୁତ୍ ଶକ୍ତି ଦ୍ୱାରା ଚାଳିତ ହେଉଅଛି ଓ ଅକ୍ଷର ଖଞ୍ଜିବା, କାଳି ଦେବା, କାଗଜ ଅକ୍ଷର ଉପରେ ରଖିବା, କାଢ଼ିବା, କାଗଜ ଭାଙ୍ଗିବା, କାଟିବା ପ୍ରଭୃତି ସବୁ କାର୍ଯ୍ୟ

Digitized by srujanika@gmail.com

ଯନ୍ତ୍ର ଦ୍ୱାରା ହେଉଅଛି । ଯନ୍ତ୍ର ଦ୍ୱାରା ହେଉଥିବାରୁ ଅଳ୍ପ ସମୟରେ ବହୁତ କାର୍ଯ୍ୟ ହୋଇପାରୁଛି ।

ଆଜିକାଲି ଲାଇନୋ ଯନ୍ତ୍ରରେ ଗୋଟିଏ ଗୋଟିଏ ଅକ୍ଷର ଖଞ୍ଜା ନ ଯାଇ ଛାଞ୍ଚଦ୍ୱାରା ଧାଡ଼ିଏ ଲେଖାଏଁ ଅକ୍ଷର ତିଆର ହୁଏ । ଲାଇନୋ ଯନ୍ତ୍ର ସମ୍ମୁଖରେ ଜଣେ ଲୋକ ବସି ଟାଇପ କଲାପରି ଭିନ୍ନ ଭିନ୍ନ ଅକ୍ଷର ବା ଶବ୍ଦର ଚାବି ଗୁଡ଼ିକ ଟିପି ଦେଲାକ୍ଷଣି ସେହି-ସବୁ ଅକ୍ଷର ବା ଶବ୍ଦର ଛାଞ୍ଚ ଖସିଆସି ଗୋଟିଏ ଧାଡ଼ିରେ ସଜାଡ଼ି ହୋଇ ରହିଯାନ୍ତି । ଏହା ନିକଟରେ ତରଳଥିବା ସୀସା ରହିଥାଏ । ଧାଡ଼ିଏ ଛାଞ୍ଚ ପୂରିଗଲେ ସେହି ଧାଡ଼ିଟି ସୀସାପାତ୍ର ନିକଟକୁ ଚାଲିଆସେ ଓ ଛାଞ୍ଚରେ ତରଳ ସୀସା ପଶି ଧାଡ଼ିଏ ନୂଆ ସୀସା ଅକ୍ଷର ତିଆର ହୋଇଯାଏ । ଯନ୍ତ୍ର ସାହାଯ୍ୟରେ ସୀସା ଅକ୍ଷରର ଧାଡ଼ି ଗୁଡ଼ିକ ସଜାଇ ରଖାଯାଏ ।

ଏହି ଯନ୍ତ୍ରରେ ଛାପାକାର୍ଯ୍ୟ ସୁନ୍ଦର ରୂପେ ହୁଏ । ପ୍ରତ୍ୟେଥର ପାଇଁ ନୂଆ ଅକ୍ଷର ହେଉଥିବାରୁ ଛାପା ସୁନ୍ଦର ଦେଖାଯାଏ । ସୀସା କୋମଳ ଧାତୁ ଓ ଅଳ୍ପ ଉତ୍ତାପରେ ତରଳିଯାଏ । ଫଳରେ ଛାପ କାର୍ଯ୍ୟ ଶେଷହେଲେ ଅକ୍ଷର ଧାଡ଼ିର ସୀସା ତରଳା ଯାଇ ପୁନର୍ବାର ବ୍ୟବହାର କରାଯାଏ । ଲାଇନୋ ଯନ୍ତ୍ର ଆମେରିକାର ଜଣେ ବୈଜ୍ଞାନିକଙ୍କର ଉଦ୍ଭାବନ ।

ଆଜିକାଲି ଛାପାକାର୍ଯ୍ୟ ପାଇଁ ରୋଟାରୀ ଯନ୍ତ୍ର ବ୍ୟବହୃତ ହେଉ-ଅଛି । ଏହି ଯନ୍ତ୍ରରେ ଛାପା ପାଇଁ କାଗଜ ଗୁଡ଼ା ହୋଇ ରହିଥାଏ । ଗୋଟିଏ ଗୋଟିଏ ଫର୍ଦ୍ଦର ଲମ୍ବା ପାଞ୍ଚ ମାଇଲ ହୋଇପାରେ । ଏହି ଯନ୍ତ୍ର କେବଳ ଛାପିବା କାମ କରେ ନାହିଁ; କାଗଜ କାଟିବା, ଭାଙ୍ଗିବା, ଗଣିବା ପ୍ରଭୃତି କାମ ମଧ୍ୟ ଏହି ଯନ୍ତ୍ର ଦ୍ୱାରା ହୁଏ । ଖବର

Digitized by srujanika@gmail.com

କାଗଜ, ପତ୍ରପତ୍ରିକା ସାଧାରଣତଃ ରୋଟାରୀ ଯନ୍ତ୍ରରେ ଛପାଯାଏ । ଏହିପରି ଲକ୍ଷ ଲକ୍ଷ ସଂଖ୍ୟାର ଖବର କାଗଜ ଅଳ୍ପ କେତେ ଘଣ୍ଟାରେ ଛପା ଯାଇ ପାରୁଅଛି । ଅଫସେଟ୍ ନାମକ ଯନ୍ତ୍ରରେ ରଙ୍ଗିନ ଛବି ମାନଚିତ୍ର ପ୍ରଭୃତି ଛପା ଯାଇଥାଏ ।

ମୁଦ୍ରାଯନ୍ତ୍ର ବିଷୟ ଭାବିଲେ ବିସ୍ମିତ ହେବାକୁ ହୁଏ ।

କଠିନ ଶବ୍ଦମାନଙ୍କର ଅର୍ଥ:—

ମୁଦ୍ରାଯନ୍ତ୍ର—ଛାପାଖାନା, ବିଦ୍ୟୁତ୍—ବିଜୁଳି; ବକ ଚଞ୍ଚୁ—ବଗର ଥଣ୍ଟ; ପରିଷ୍କୃତ—ସଫା;

ପ୍ରଶ୍ନଗତ ପ୍ରଶ୍ନମାନଙ୍କର ଉତ୍ତର :–

୧ । ଲାଇନୋ ଯନ୍ତ୍ର ଦ୍ୱାରା ଅକ୍ଷର ଖଞ୍ଜିବା ଦରକାର ହୁଏ ନାହିଁ । ଅକ୍ଷର ଛାଞ୍ଚ ଖଞ୍ଜି ହୋଇଯାଏ ଓ ତରଳ ସୀସା ସେଥିରେ ପଡ଼ିଯାଇ ଅକ୍ଷରର ଧାଡ଼ି ତିଆରି ହୋଇଯାଏ ।

ଲାଇନୋ ଯନ୍ତ୍ର ଫଳରେ ଗୋଟି ଗୋଟି କରି ଅକ୍ଷର ଖଞ୍ଜିବାକୁ ପଡ଼ୁନାହିଁ । ଟାଇପ ଯନ୍ତ୍ରପରି ଚାବି ଟିପିବା ମାତ୍ରେ ଅକ୍ଷର ଛାଞ୍ଚ ଯଥାସ୍ଥାନକୁ ଚାଲିଆସେ । ତେଣୁ ଶୀଘ୍ର କାମ ହୋଇ ପାରୁଛି । ପ୍ରତ୍ୟେକ ଥର ଛାଞ୍ଚରେ ନୂଆ ଅକ୍ଷର ତିଆରି ହେବାରୁ ଛପା କାମ ସୁନ୍ଦର ଓ ପରିଷ୍କୃତ ହେଉଅଛି । ସୀସା କୋମଳ ଧାତୁ; ଅଳ୍ପ ଉତ୍ତାପରେ ତରଳିଯାଏ । ତେଣୁ ଛାଞ୍ଚରେ ତିଆରି ସୀସା ଅକ୍ଷରଧାଡ଼ିଗୁଡ଼ିକୁ ବାରମ୍ବାର ତରଳାଇ ବ୍ୟବହାର କରିଯାଇ ପାରୁଛି ।

୨ । ରୋଟାରୀ ଯନ୍ତ୍ର ଦ୍ୱାରା ଛପିବା କାମ ହୁଏ । ଯେଉଁ କାଗଜ ଏଥିରେ ଛପା ହୁଏ ତାହା ଖୁବ୍ ଦୀର୍ଘ ଓ ଗୁଡ଼ା ହୋଇଥାଏ;

Digitized by srujanika@gmail.com

ଖଣ୍ଡିଏ ଖଣ୍ଡିଏ କାଗଜ ଭେଡେକ ମାଇଲ ହେବ । ବୈଦ୍ୟୁତିକ ଯନ୍ତ୍ରରେ କେବଳ ଛପାହୁଏ ନାହିଁ । କାଗଜ ଛାପିବା, ଭାଙ୍ଗିବା, କାଟିବା, ବାନ୍ଧିବା ସବୁ କାମ ଏହି ଯନ୍ତ୍ର ସାହାଯ୍ୟରେ ହୁଏ । ବିଜୁଳି ଦ୍ୱାରା ଏହି ଯନ୍ତ୍ର ଚଳେ । ଏକ ଘଣ୍ଟାରେ ଏହି ଯନ୍ତ୍ର ବାର ପୃଷ୍ଠାର ଖଣ୍ଡିଏ ପତ୍ରିକା ଏକ ଲକ୍ଷ ପର୍ଯ୍ୟନ୍ତ ଛାପିପାରେ ।

୩ । ମୁଦ୍ରାଯନ୍ତ୍ର ଯେତେବେଳେ ନ ଥିଲା ସେତେବେଳେ ପଢ଼ିବାକୁ ବହି ମିଳୁ ନଥିଲା । ଲେଖକରେ ଲେଖା ତାଳ ପତ୍ର ପୋଥି ଖୁବ୍ ଅଳ୍ପ ସଂଖ୍ୟାରେ ଥିଲା । ତାକୁ ପିଲମାନେ ପଢ଼ୁଥିଲେ । ପୋଥିରୁ ନକଲ କରି ପିଲମାନେ ନିଜ ନିଜ ପୋଥି ଲେଖି ନେଇ ପଢ଼ୁଥିଲେ । କେହି କେହି ହାତ ତିଆରି କାଗଜ ଉପରେ ଶର-କଲମ ଓ କାଳିରେ ପୋଥିକୁ ନକଲ କରି ପାଠ ପଢ଼ୁଥିଲେ । କୌଣସି କୌଣସି ପିଲ ଭଲ ଲେଖାଳିଙ୍କ ହାତରେ ପୋଥି ନକଲ କରାଇ ନେଉଥିଲେ । ସେଥିପାଇଁ ସେମାନଙ୍କୁ ବହୁତ ପଇସା ଦେବାକୁ ପଡୁଥିଲା ।

୪ । ଆଧାର—ପାତ୍ର; ଅନତିଦୂର—ନିକଟବର୍ତ୍ତୀ; ମୁଦ୍ରଣ କାର୍ଯ୍ୟ—ଛପା କାମ; ଅବିକଳ—ଠିକ୍; ଅପେକ୍ଷାକୃତ—ସାମାନ୍ୟ; ପ୍ରସ୍ତୁତ—ତିଆରି ।

୫ । ସାଷା—ବିଶେଷ୍ୟ; ଲୌହଠାରୁ—ବିଶେଷ୍ୟ; କୋମଳ—ବିଶେଷଣ; ଧାତୁ—ବିଶେଷ୍ୟ; ଓ—ଅବ୍ୟୟ; ତାହାକୁ—ସର୍ବନାମ; ଅଳ୍ପ—ବିଶେଷଣ; ଉତ୍ତାପରେ—ବିଶେଷ୍ୟ; ତରଳା ଯାଇପାରେ—କ୍ରିୟା ।

Digitized by srujanika@gmail.com

[୨୭] ସ୍ୱାଧୀନ ମୋର ଜନ୍ମ ମାଟି

ସରଳାର୍ଥ :—

ଏବେ ଆମର ଜନ୍ମଭୂମି ସ୍ୱାଧୀନ । ସ୍ୱାଧୀନତା ଲାଭକରି ଆମ ଦେଶ ଆଜି ନୂଆ ରୂପ ଧାରଣ କରିଛି । ବିଦେଶୀ ଶାସନ ଚାଲି ଯାଇଛି । ଆମ ଦେଶର ଶାସନ ଭାର ଏବେ ଆମ ହାତରେ । ସଂହେବା ଯୁଗ ଯାଇଛି; ଆମ୍ଭମାନଙ୍କର ଦୁଃଖ ଧିରି ଉଭେଇ ଯାଇଛି । (୧)

ଆମର ପୂର୍ବ ପୁରୁଷମାନେ ଯୁଗ ଯୁଗ ଧରି ଯେଉଁ ସବୁ କୀର୍ତ୍ତି କରି ଯାଇଥିଲେ ସେ ସବୁରୁ ଅନେକ ଭାଙ୍ଗିରୁଜି ଯାଇଛି; କେବଳ ଧ୍ୱଂସାବଶେଷ ରହିଛି । କିନ୍ତୁ ଆମେ ସେ ସବୁକୁ ଭୁଲି ଯାଇନାହୁଁ । ଆମ ଜାତି ଜାଗି ଉଠିଛି; ଆମର ରକ୍ତ ତାତି ଉଠିଲାଣି । ଆମର ଛାତି ଲୁହାପରି ଟାଣ ହୋଇଛି । ତୋପ ଗୁଳିକୁ ଆଜି ଆମେ ଭୟ କରିବୁ ନାହିଁ । (୨)

ଦିନେ ଆମର ସ୍ୱାଧୀନ ଜାତୀୟ ପତାକା ସାରା ଦୁନିଆରେ ଉଚ୍ଚ ସ୍ଥାନ ଅଧିକାର କରିଥିଲା । ଏବେ ପୁଣି ସେହି ପତାକା ଫର ଫର ହୋଇ ଉଡ଼ୁଛି । ଜାତୀୟ ପତାକା ତଳେ ଆମ୍ଭେମାନେ ସମସ୍ତେ ଏକଜୁଟ ହୋଇ ଗର୍ବ ଅନୁଭବ କରୁଛୁ । ଆମର ଜାତି ଆଜି ଜଡ଼ ନୁହେଁ; ସେ ଜାଗ୍ରତ ଉଠିଛି । (୩)

ଆମ ଦେଶରେ ମୁସଲମାନ, ଶିଖ, ପାର୍ସି ଆଦି ବିଭିନ୍ନ ଗୋଷ୍ଠୀ ଅଛନ୍ତି । ସମସ୍ତେ ଆମର ସଙ୍ଗୀ; ଆମେ ସମସ୍ତେ ଭାରତୀୟ ଜାତି । ହିଂସାଭାବ ଛାଡ଼ି ଆମେ ପରସ୍ପରକୁ ପ୍ରେମ କରିବୁ । ଆମ୍ଭେମାନେ ସମସ୍ତେ ଏକ ଭାରତମାତାର ସନ୍ତାନ, ତେଣୁ ପରସ୍ପର ଭାଇ ଭାଇ ।

Digitized by srujanika@gmail.com

କେହି ଆମ ଉପରୁ ପର କୁହନ୍ତି । ତାଙ୍କର ମାନ ରଖିବା ପାଇଁ ଦରକାର ପଡ଼ିଲେ ଆମେ ଜୀବନ ଦେବାକୁ ପଛେଇବୁ ନାହିଁ । (୪)

ଆମ ଦେଶ ଅତି ସୁନ୍ଦର । ତାର ଜଙ୍ଗଲ, ବଣ, ପାହାଡ଼ ସବୁଥିରେ ଶୋଭା ଖୁବ୍ ରହିଛି । ତାର ଗ୍ରାମ, ସହର, ବଜାର, କ୍ଷେତ ସବୁ ଧନ ଧାନ୍ୟରେ ଭରା । ଦେଶର ପୁରୁଷମାନେ ଯେପରି ସାହସୀ ସ୍ତ୍ରୀମାନେ ସେହିପରି କୋମଳ ହୃଦୟା । ଏ ଦେଶର ପାଣି, ପବନ, ଆକାଶ ସବୁ ସୁଖକର । (୫)

ଏବେ ଆମ ଦେଶ ସ୍ୱାଧୀନ । ଆମ ନିଜ କାମ ଏଣିକି ନିଜେ କରିବୁ । ଗୁରୁଜନମାନଙ୍କ ଆଦେଶ ପାଳି ଆମେ ଦେଶ ଓ ଜାତିର ଗୌରବ ରକ୍ଷା କରିବୁ । ଆମ୍ଭମାନଙ୍କ ମଧ୍ୟରେ ଏକତା ଆସିଛି । ଆମେ ଜାତିର ପୂର୍ବ ଗୌରବ ଫେରାଇ ଆଣିବୁ । ସହର, ମଫସଲ ସବୁଠାରେ ଆମର ଗୁଣ ବିକଶି ଉଠିବ । (୬)

ଆମ୍ଭେମାନେ ସମସ୍ତଙ୍କୁ ନିଜର ଭାଇ ପରି ମନେ କରିବୁ । କାହାରିକୁ ନୀଚବୋଲି ଘୃଣା କରିବୁ ନାହିଁ । ସମସ୍ତଙ୍କ ମଙ୍ଗଳ ସାଧନ କରି ଆପଣା ମଙ୍ଗଳ ସାଧନ କରିବୁ । ଆମେମାନେ ଘରେ ବାହାରେ, ବିଦ୍ୟାଳୟରେ ସବୁବେଳେ ନିୟମ ମାନି କାର୍ଯ୍ୟ କରିବୁ । କୌଣସି ଅନ୍ୟାୟ କାର୍ଯ୍ୟକଲେ ତାହା ସ୍ୱୀକାର କରି ସାବଧାନ ହେବୁ କିନ୍ତୁ ଆପଣା ଦୋଷକୁ ଅନ୍ୟଠାରୁ ଲୁଚାଇ ରଖିବୁ ନାହିଁ । (୭)

କଠିନ ଶବ୍ଦର ଅର୍ଥ—

ମୁକ୍ତ—ସ୍ୱାଧୀନ; ମୁକ୍ତବାଣୀ—ସ୍ୱାଧୀନ କଥା, ବିଦେଶୀଙ୍କ—ପରଦେଶୀ ଶାସନ; ସାହେବ—ଇଂରେଜ; ସୁପ୍ତ—ଶୋଇ ପଡ଼ିଥିବା, ଜଡ଼—ପଙ୍ଗୁ; କୋମଳମତି—ଦୟାଳୁ; ସ୍ନେହ—ସ୍ନେହ ।

Digitized by srujanika@gmail.com

ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ—

ସ୍ୱାଧୀନ—ପରାଧୀନ, ମୁକ୍ତ—ବନ୍ଦୀ; ରାତି—ଦିନ; ସୁପ୍ତ—ଜାଗ୍ରତ, ଶାନ୍ତି—ଅଶାନ୍ତି; ହିଂସା—ଅହିଂସା; ପର—ଆପଣା; ମାନ—ଅପମାନ; ସାହସୀ—ଭୀରୁ; ଦ୍ରୁତ—ଅଦ୍ରୁତ; କୋମଳ—କଠିନ।

ସରଳାର୍ଥ—

(କ) ସାହେବୀ ଯୁଗ.........ରାତି ଶେଷ। (୧୦୧ ପୃଷ୍ଠା)

ଆଗେ ସାହେବମାନେ ଆମ ଦେଶ ଶାସନ କରୁଥିଲେ। ସେମାନେ ଆମ ଦେଶକୁ ଶୋଷି ନିଜେ ଧନୀ ହେବାକୁ ଚେଷ୍ଟା କରୁଥିଲେ। ରାତିର ଅନ୍ଧାରରେ ଲୋକେ ହଇରାଣ ହେଲାପରି ଆମେମାନେ ଗୋରାଙ୍କ ଶାସନରେ କଷ୍ଟ ପାଉଥିଲୁ। ରାତି ପାହିଲେ ଅନ୍ଧାର ଗୁଳିଗଲା ପରି ଇଂରେଜ ଶାସନ ଯାଇ ଭାରତ ସ୍ୱାଧୀନ ହେବାରୁ ଆମ ଦେଶ ଲୋକଙ୍କର ଦୁଃଖ ଗୁଳିଯାଇଛି।

(ଖ) ଲୁହାରୁ ବେଶୀ.........ତୋପ ଗୁଳି। (୧୦୨ ପୃଷ୍ଠା)

ଲୁହା ଗୋଟିଏ ଅତି କଠିନ ପଦାର୍ଥ। ଅନ୍ୟ କୌଣସି ଦ୍ରବ୍ୟ ସେଥିରେ ବାଜିଲେ ଲୁହାର ସହଜେ କିଛି କ୍ଷତି ହୁଏ ନାହିଁ। ସ୍ୱାଧୀନତା ପାଇଲା ପରେ ଆମର ବୁକୁରେ ଯଥେଷ୍ଟ ବଳ ଆସିଛି, ଲୁହାଠାରୁ ବଳି ଶକ୍ତ ହୋଇଛି। ଆମେ ଏଣିକି ତୋପ ଗୁଳିକି ମଧ୍ୟ ଡରିବୁ ନାହିଁ।

Digitized by srujanika@gmail.com

(ଗ) ଘରୁର ହିତେ ଲାଗିବୁ········ହିତ ପାଇଁ । (୧୦୩ପୃଷ୍ଠା)

ଆମେ ସ୍ୱାଧୀନ ଭାରତର ଲୋକେ ସମସ୍ତଙ୍କର ମଙ୍ଗଳ ଲାଗି ଚେଷ୍ଟା କରିବୁ । ସମସ୍ତଙ୍କର ଯହିଁରେ ଉପକାର ହେବ, ତାହାହିଁ ଆମର ମଙ୍ଗଳ । ସ୍ୱାର୍ଥପାଇଁ ଆମେ ଅନ୍ୟର କିଛି କ୍ଷତି କରିବୁ ନାହିଁ ।

(ଘ) ଆପଣା ଦୋଷ········ଦେବୁ ନାହିଁ । (୧୦୩ ପୃଷ୍ଠା)

ସାଧାରଣତଃ ଲୋକେ କୌଣସି ଖରାପ କାମ କଲେ ତାହା ଅନ୍ୟମାନଙ୍କଠାରୁ ଲୁଚାଇ ରଖନ୍ତି । ଯେଉଁମାନେ ଏପରି କରନ୍ତି ସେମାନଙ୍କର ମନ ଦୁର୍ବଳ । ଏପରି କରିବା ଦ୍ୱାରା ସେମାନଙ୍କର ଚରିତ୍ର ହାନି ଘଟେ । ଆମେ ସ୍ୱାଧୀନ ଭାରତର ଲୋକେ ଏପରି କରିବୁଁ ନାହିଁ । ଯଦି କେବେ ଅନ୍ୟାୟ କାମ କରି ପକାଉଁ ତେବେ ତାହା ମାନିନେବୁ; ଭବିଷ୍ୟତରେ ଆଉ ସେପରି ନ କରିବାକୁ ଚେଷ୍ଟା କରିବୁ । କିନ୍ତୁ ଦୋଷକୁ ଲୁଚାଇ ରଖିବୁ ନାହିଁ ।

ପୁସ୍ତକଗତ ପ୍ରଶ୍ନମାନଙ୍କର ଉତ୍ତର —

୧ । [ସୂଚନା – ପ୍ରାଚୀନ କୀର୍ତ୍ତି ପ୍ରତି ସମ୍ମାନ, ହୃଦୟରେ ସାହସ, ଜାତୀୟ ଏକତା, ବଭିନ୍ନ ଜାତି ପ୍ରତି ସ୍ନେହ ମମତା ପ୍ରକାଶ, ଦେଶର ଗୌରବ ରକ୍ଷା ପାଇଁ ଚେଷ୍ଟା, ଗୁରୁଜନଙ୍କର ଆଜ୍ଞା ପାଳନ, ସମସ୍ତଙ୍କ ପ୍ରତି ସମଭାବ, ପରର ମଙ୍ଗଳ ସାଧନ; ଦେଶର ନିୟମ ପାଳନ]

୨ । ସରଳାର୍ଥ (ଗ) ଦେଖ ।

Digitized by srujanika@gmail.com

୩ । ଜନ୍ମମାଟି — ଯେଉଁ ମାଟିରେ ଅମ୍ଭମାନଙ୍କର ଜନ୍ମ, ଅର୍ଥାତ୍ ଆମର ଜନ୍ମ—ଭାରତବର୍ଷ ।

ବିଦେଶୀ ରାଜ — ବିଦେଶୀ ଶାସନ । ଇଂରେଜମାନେ ଆଗେ ଆମ ଦେଶ ଶାସନ କରୁଥିଲେ । ସେମାନେ ଭାରତର ଲୋକ ନୁହନ୍ତି । ବିଦେଶରୁ ଆସି ଆମକୁ ଶାସନ କରୁ ଥିବାରୁ ସେମାନଙ୍କ ଶାସନକୁ ବିଦେଶୀରାଜ କୁହାଯାଉଛି ।

ସୁପ୍ତ ଜାତି — ଶୋଇଥିବା ଜାତି । ସୁପ୍ତ ଅର୍ଥ ହେଉଛି ଶୋଇ ପଡ଼ିଥିବା । ମନୁଷ୍ୟ ଶୋଇ ପଡ଼ିଥିଲେ ସେ କିଛି ଜାଣିପାରେ ନାହିଁ; କୌଣସି କାମକରି ପାରିବା ତ ଦୂରର କଥା । ଭାରତର ଲୋକେ ଇଂରେଜ ଶାସନରେ ରହି ପୂର୍ବ-କାଳର ସେମାନଙ୍କ ଶକ୍ତି ଓ ଅଦ୍ଭୁତ କାର୍ଯ୍ୟ ସବୁ ଭୁଲିଯାଇ ଥିଲେ । ତେଣୁ ଆମେ ଇଂରେଜ ଅମଳରେ ଗୋଟିଏ ସୁପ୍ତଜାତି ଥିଲୁ ବୋଲି କୁହା ହୋଇଛି ।

ମୁକ୍ତବାଣୀ — ସ୍ୱାଧୀନ ଭାଷା । ଯେଉଁ ଲୋକ ପରାଧୀନ ସେ ସ୍ୱାଧୀନ ଭାବରେ ନିଜର ମନ କଥା ପ୍ରକାଶ କରି ପାରେ ନାହିଁ । ଇଂରେଜ ଶାସନରେ ଥିଲାବେଳେ ଭାରତର ଲୋକେ ସ୍ୱାଧୀନ ଭାବରେ ମନର କଥା ପ୍ରକାଶ କରି ପାରୁ ନ ଥିଲେ । କିନ୍ତୁ ଇଂରେଜ ରାଜତ୍ୱ ଯାଇଛି, ଭାରତ ସ୍ୱାଧୀନତା ପାଇଛି । ତେଣୁ ଏବେ ଭାରତର ଲୋକେ ସ୍ୱାଧୀନ ଭାବରେ ମନର କଥା କହିପାରୁ ଅଛନ୍ତି ।

ଶୋଭାର ଖଣି — ଶୋଭାର ଆଧାର । ଗୋଟିଏ ଗୋଟିଏ ଖଣିରେ ଏତେ ଲୁହା, କୋଇଲା ବା ତେଲ ଥାଏ ଯେ

Digitized by srujanika@gmail.com

ଲୋକେ ବର୍ଷ ବର୍ଷ ଧରି ବାହାର କରି ମଧ୍ୟ ତାହାକୁ ଶେଷ କରି ପାରନ୍ତି ନାହିଁ । ଖଣିରେ ସେହି ପଦାର୍ଥ ପ୍ରଚୁର ପରିମାଣରେ ଥାଏ । ଭାରତର ନଦ, ପାହାଡ଼, ବଣ ପ୍ରଭୃତିରେ ସେହିପରି ଯଥେଷ୍ଟ ଶୋଭା ଅଛି । ତେଣୁ ସେ ସବୁ ଶୋଭାର ଖଣି ବୋଲି କଥିତ ହୋଇଛି ।

ପୂର୍ବ ଦେଶ — ଆଗ କାଳର ବଡ଼ପଣ । ଆମ ଦେଶ ପୂର୍ବକାଳରେ ଧନରେ, ମାନରେ, ସାହସରେ କୌଣସିଥିରେ କଣା ନ ଥିଲା । ଇଂରେଜ ଅମଳରେ ଆମର ଏ ସବୁ ଛୁଟି ଯାଇଥିଲା । ସ୍ୱାଧୀନତା ପାଇଥିବାରୁ ଆମେ ପୁଣି ପୂର୍ବକାଳର ଏହି ସବୁ ଫେରାଇ ଆଣିବୁ । ଏସବୁ ହ୍ୱାରା ଆମର ବଡ଼ପଣ ଆଗେ ଜଣା ପଡ଼ୁଥିଲା ।

ସମାପ୍ତ

Printed by S. Mahanty, O. J Press, Cuttack, 1952

Digitized by srujanika@gmail.com